

# ଶ୍ରମିକ ଆନ୍ଦୋଳନର ସଠିକ୍ ଦୃଷ୍ଟିଭଙ୍ଗୀ

ଶିବଦାସ ଘୋଷ

# ପ୍ରକାଶକଙ୍କ କଥା

ଭାରତବର୍ଷର ଶ୍ରମିକ ଆନ୍ଦୋଳନରେ ଅର୍ଥନୀତିବାଦ, ସୁବିଧାବାଦ ଓ ବିଭିନ୍ନ ଧାରାର ସୋସାଲ ଡେମୋକ୍ରାସିର ଅର୍ଥାତ୍ ଶ୍ରମ ଓ ପୁଞ୍ଜି ମଧ୍ୟରେ ଆପୋଷକାମୀ ଶକ୍ତିମାନଙ୍କର ଅନୁପ୍ରବେଶ ଯୋଗୁଁ ଦେଶରେ ଶ୍ରମିକ ଆନ୍ଦୋଳନ, ଗଣଆନ୍ଦୋଳନ ତଥା ଶମିକଶ୍ରେଣୀ ମଧ୍ୟରେ ଐକ୍ୟ ପ୍ରତିଷ୍ଠା ହେବା କ୍ଷେତ୍ରରେ ବିରାଟ ବାଧା ସୃଷ୍ଟି ହୋଇଛି । ଅଥଚ ସାମ୍ପ୍ରତିକ ପରିସ୍ଥିତିରେ ଶ୍ରମିକଶ୍ରେଣୀ ସମସ୍ତ ଦିଗରୁ ଯେଉଁ ଆକ୍ରମଣର ସମ୍ମୁଖୀନ ହେଉଛି, ତାକୁ ମୁକାବିଲା କରିବା ପାଇଁ ମିଳିତ ଓ ଶକ୍ତିଶାଳୀ ଶ୍ରମିକ ଆନ୍ଦୋଳନ ଅତ୍ୟନ୍ତ ଜରୁରୀ । ସେହି ଶ୍ରମିକଶ୍ରେଣୀର ଆନ୍ଦୋଳନ ସାମ୍ନାରେ ମୂଳ ସମସ୍ୟା କ'ଣ, କେଉଁ ପଦ୍ଧତିରେ ଶ୍ରମିକଶ୍ରେଣୀର ସଂଗଠନ ଗଢିତୋଳିବା ପ୍ରୟୋଜନ ଏବଂ ଉନ୍ନତ ରୁଚି, ସଂସ୍କୃତିର ଆଧାରରେ କିଭଳି ସ୍ତରେ ସ୍ତରେ ଏହି ଆନ୍ଦୋଳନର ସୁଦୃଢ ଭିତ୍ତି ପ୍ରତିଷ୍ଠା କରାଯାଇ ପାରିବ, ସେ ସମ୍ପର୍କରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଦଳର ପ୍ରତିଷ୍ଠାତା ସାଧାରଣ ସମ୍ପାଦକ, ଏ ଯୁଗର ଅନ୍ୟତମ ଅଗ୍ରଣୀ ମାର୍କ୍ସବାଦୀ ଦାର୍ଶନିକ କମ୍ରେଡ ଶିବଦାସ ଘୋଷ ବହୁ ଦିଗ ନିର୍ଦ୍ଦେଶକାରୀ ବକ୍ତବ୍ୟ ରଖିଯାଇଛନ୍ତି । ୧୯୬୭ ମସିହା, ମେ ୧୪ ତାରିଖ ଦିନ କଲିକତା ଓ୍ୱେଲିଂଟନ୍ ସ୍କୋୟାରଠାରେ ପଶ୍ଚିମବଙ୍ଗ ଇଞ୍ଜିନିୟରିଂ ଓ୍ୱାର୍କର୍ସ ୟୁନିୟନ୍ ଉଦ୍ୟୋଗରେ ଏକ ଐତିହାସିକ ଶ୍ରମିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସମ୍ମିଳନୀର ଦ୍ୱିତୀୟ ଦିନର ପ୍ରକାଶ୍ୟ ଅଧିବେଶନରେ ମୁଖ୍ୟ ଅତିଥିଭାବେ ଏହି ଐତିହାସିକ ସମ୍ମିଳନୀରେ ଯୋଗ ଦେଇ ତତ୍କାଳୀନ ଯୁକ୍ତଫ୍ରଣ୍ଟ ସରକାରର ପ୍ରଗତିଶୀଳ ଶ୍ରମନୀତି ସମ୍ପକରେ କମ୍ରେଡ୍ ଘୋଷ ତାଙ୍କର ବିଶ୍ଳେଷଣ ଉପସ୍ଥାପନ କରିଥିଲେ ।

ଏହି ଯୁକ୍ତଫ୍ରଣ୍ଟ ସରକାରର ଶ୍ରମମନ୍ତ୍ରୀ ଥିଲେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର କେନ୍ଦ୍ରୀୟ କମିଟି ସଭ୍ୟ କମ୍ରେଡ୍ ସୁବୋଧ ବାନାର୍ଜୀ । ମନ୍ତ୍ରୀତ୍ୱ ପଦରେ ଅଧିଷ୍ଠିତ ଥାଇ ନ୍ୟାୟସଙ୍ଗତ ଶ୍ରମିକ ଆନ୍ଦୋଳନକୁ ପୋଲିସର ହସ୍ତକ୍ଷେପରୁ ମୁକ୍ତ କରିବାର ବଳିଷ୍ଠ ନୀତି ଘୋଷଣା କରିଥିଲେ । ଏହାଫଳରେ ରାଜ୍ୟବ୍ୟାପୀ ଶ୍ରମିକ ଆନ୍ଦୋଳନର ପ୍ରବଳ ଜୁଆର ସୃଷ୍ଟି ହୋଇଥିଲା । ମାତ୍ର ଏହି ପ୍ରଗତିଶୀଳ ନୀତିର ଯଥାର୍ଥ ତାତ୍ପର୍ଯ୍ୟକୁ ନବୁଝି ଯୁକ୍ତଫ୍ରଣ୍ଟର ଅନ୍ୟାନ୍ୟ ଦଳମାନେ ବିଶେଷକରି ସି.ପି.ଆଇ.(ଏମ୍), ହୀନ ଦଳୀୟ ସ୍ୱାର୍ଥରେ ଏହାକୁ ବ୍ୟାପକଭାବେ ବ୍ୟବହାର କରିଥିଲା । ଏହାର ସୁଯୋଗ ନେଇ ପୁଞ୍ଜିପତିଶ୍ରେଣୀ ଓ ଏହାର ଗୋଡାଣିଆ ଦଳ ଓ ଶକ୍ତିଗୁଡିକ ସେହି ପ୍ରଗତିଶୀଳ ନୀତି ବିରୁଦ୍ଧରେ ପ୍ରବଳ ଆକ୍ରମଣ କରିଥିଲେ ଏବଂ ସାଧାରଣ ମଣିଷ ମଧ୍ୟରେ ଏହା ସମ୍ପର୍କରେ ନାନା ପ୍ରକାରର ବିଭ୍ରାନ୍ତି ସୃଷ୍ଟି କରିଥିଲେ ।

କମ୍ରେଡ ଶିବଦାସ ଘୋଷ, ତାଙ୍କ ବକ୍ତବ୍ୟରେ ଯୁକ୍ତଫ୍ରଣ୍ଟ ସରକାର ପକ୍ଷରୁ ଗ୍ରହଣ କରାଯାଇଥିବା ଏହି ପ୍ରଗତିଶୀଳ ନୀତିର ଯଥାର୍ଥ ତାତ୍ପର୍ଯ୍ୟକୁ ତୋଳି ଧରିଥିଲେ । ଭାରତବର୍ଷର କୌଣସି ସରକାର ଏହି ନୀତି ଗ୍ରହଣ କରି ନଥିଲା । କାରଣ ସମସ୍ତ ସରକାର ହିଁ ପ୍ରତ୍ୟକ୍ଷ ବା ପରୋକ୍ଷଭାବେ ଶ୍ରମିକଶ୍ରେଣୀ ବିରୋଧି ଓ ମାଲିକଶ୍ରେଣୀର ସ୍ୱାର୍ଥ ରକ୍ଷାକାରୀ ସରକାର । ଅଥଚ ପୁଞ୍ଜିବାଦୀ

ଶୋଷଣମୂଳକ ବ୍ୟବସ୍ଥାକୁ ଉଚ୍ଛେଦ କରିବା ପାଇଁ ବିପ୍ଳବର ପଥକୁ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ଏହି ନୀତି ଅତ୍ୟନ୍ତ ସହାୟକ । ତେଣୁ ଶ୍ରମିକଶ୍ରେଣୀ ସମେତ ସର୍ବସ୍ତରର ସାଧାରଣ ଶୋଷିତ ମଣିଷ ଏହାର ଗୁରୁତ୍ୱକୁ ଉପଲବ୍ଧି କରିବା ଅତ୍ୟନ୍ତ ଜରୁରୀ ଏବଂ ବିପ୍ଳବୀ ଆନ୍ଦୋଳନକୁ ଶକ୍ତିଶାଳୀ କରିବା ପାଇଁ ଆଗେଇ ଆସିବା ଏକ ଅପରିହାର୍ଯ୍ୟ ଦାୟିତ୍ୱ । ସେହି ଦୃଷ୍ଟିରୁ କମ୍ରେଡ ଘୋଷ ଶ୍ରମିକଶ୍ରେଣୀ ଆନ୍ଦୋଳନର ସଠିକ୍ ଦୃଷ୍ଟିଭଙ୍ଗୀ ତୋଳି ଧରିବା ଓ ପୁଞ୍ଜିବାଦୀ ଶାସନର ମୌଳିକ ବୈଷମ୍ୟର ଚରିତ୍ର, ପ୍ରଗତିଶୀଳ ଶ୍ରମନୀତି ବିରୁଦ୍ଧରେ ପ୍ରତିକ୍ରିୟାଶୀଳ ଗୋଷ୍ଠୀ ଓ ମାଲିକଶ୍ରେଣୀର ସମ୍ମିଳିତ ଆକ୍ରମଣର କାରଣ, ଶ୍ରମିକ ଆନ୍ଦୋଳନର ମୂଳ ରାଜନୈତିକ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବିବର୍ଜିତ ଅର୍ଥନୈତିକ ସୁବିଧାବାଦର ସର୍ବନାଶକାରୀ ପ୍ରଭାବ, ସାମ୍ପ୍ରତିକ ଶ୍ରମିକ ଆନ୍ଦୋଳନର ଦୁର୍ବଳତା- ଏସବୁର ଚରିତ୍ରକୁ ଅତ୍ୟନ୍ତ ପ୍ରାଞ୍ଜଳଭାବେ ବ୍ୟାଖ୍ୟା କରି ଦର୍ଶାଇଛନ୍ତି ।

୧୯୭୪ ମସିହା ମାର୍ଚ୍ଚ ମାସ ୧୭ ଓ ୧୮ ତାରିଖ ଦିନ ଦୁର୍ଗାପୁର ଇସ୍ପାତ ନଗରୀରେ ୱାର୍କର୍ସ କୋ-ଅର୍ଡିନେସନ୍ କମିଟିର ପ୍ରଥମ ବାର୍ଷିକ ସମ୍ମିଳନୀରେ ଶ୍ରମିକ ଆନ୍ଦୋଳନରେ ନେତା ଓ କର୍ମୀମାନଙ୍କର ଆଚରଣବିଧି କ'ଣ ହେବା ଆବଶ୍ୟକ ସେ ସମ୍ପର୍କରେ ମଧ୍ୟ କମ୍ରେଡ୍ ଘୋଷ ପଥ ନିର୍ଦ୍ଦେଶ ଦେଇଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ଏହି ବକ୍ତବ୍ୟଗୁଡ଼ିକର ଜରୁରୀ ପ୍ରାସଙ୍ଗିକତାକୁ ଅନୁଭବ କରି ଆମେ ଏହାକୁ ଓଡିଆ ଭାଷାରେ ପ୍ରକାଶ କରୁଛୁ । ଶ୍ରମିକ ଆନ୍ଦୋଳନ ସହ ଯୁକ୍ତ ସମସ୍ତ ଟ୍ରେଡ ୟୁନିୟନ୍ କର୍ମୀ ଓ ଶ୍ରମିକମାନଙ୍କ ନିକଟରେ ଏହା ଏକ ପଥନିର୍ଦ୍ଦେଶକାରୀ ଦଲିଲ୍‌ଭାବେ ପରିଗଣିତ ହେବ ।

'ଶ୍ରମିକ ଆନ୍ଦୋଳନର ସଠିକ ଦୃଷ୍ଟି ଭଙ୍ଗୀ' ଶୀର୍ଷକ ଆଲୋଚନାଟି ପ୍ରଥମଥର ପାଇଁ ଓଡିଆରେ ପ୍ରକାଶିତ ହେଉଥିବା ବେଳେ 'ଶ୍ରମିକଭାଇମାନଙ୍କ ପ୍ରତି' ଆଲୋଚନାଟିର ଏହା ତୃତୀୟ ପ୍ରକାଶନ । ଅନୁବାଦ କ୍ଷେତ୍ରରେ କେତେକ ପରିବର୍ତ୍ତନ ଓ ପରିବର୍ଦ୍ଧନ କରାଯାଇଛି । ତା ସତ୍ତ୍ୱେ ମଧ୍ୟ ଭାଷାନ୍ତର ଓ ମୁଦ୍ରଣ କ୍ଷେତ୍ରରେ ସମସ୍ତ ତ୍ରୁଟି ପାଇଁ ଆମେ ଦାୟୀ ।

ପ୍ରକାଶକ

**ଧୂର୍ଜଟୀ ଦାସ**

୨୭ ନଭେମ୍ବର ୨୦୧୨
ପ୍ଲଟ ନଂ-୬୧, ରୋଡ-୩,
ଗଙ୍ଗୋତ୍ରୀନଗର, ଶିଶୁପାଳଗଡ,
ଭୁବନେଶ୍ୱର - ୨

# ଶ୍ରମିକ ଆନ୍ଦୋଳନର ସଠିକ୍ ଦୃଷ୍ଟିଭଙ୍ଗୀ

ଶିବଦାସ ଘୋଷ

**କମ୍ରେଡ ସଭାପତି,**
**ଇଞ୍ଜିନିୟରିଂ ଶ୍ରମିକ ଭାଇମାନେ ଓ ଉପସ୍ଥିତ ବନ୍ଧୁଗଣ,**

ଆଜିକାର ଏହି ପଶ୍ଚିମବଙ୍ଗ ଇଞ୍ଜିନିୟରିଂ ୱାର୍କର୍ସ ୟୁନିୟନର ବାର୍ଷିକ ସମ୍ମିଳନୀରେ ମୋତେ କିଛି କହିବା ପାଇଁ ଆହ୍ୱାନ କରାଯାଇଛି । ପଶ୍ଚିମବଙ୍ଗରେ ଯୁକ୍ତଫ୍ରଣ୍ଟ ସରକାର କ୍ଷମତାକୁ ଆସିବା ପରେ ଯେଉଁ ପ୍ରଗତିଶୀଳ ଶ୍ରମ ନୀତି ଗ୍ରହଣ କରିଛି, ସାମ୍ପ୍ରତିକ ଅର୍ଥନୈତିକ ଓ ସାମାଜିକ ବ୍ୟବସ୍ଥାର ପଟ୍ଟଭୂମିରେ ତାହାର ଯଥାର୍ଥ ତାତ୍ପର୍ଯ୍ୟ ଏବଂ ସାଧାରଣ ମଣିଷ ବିଶେଷଭାବେ ଖଟିଖିଆ ଶ୍ରମଜୀବୀ ମଣିଷ ପାଇଁ ଏହି ଅବସ୍ଥାରେ କରଣୀୟ କ'ଣ, ସେ ସମ୍ପର୍କରେ ମୁଁ ଏହି ସମ୍ମିଳନୀରେ ଆପଣମାନଙ୍କ ସମ୍ମୁଖରେ ସଂକ୍ଷେପରେ କିଛି କହିବାକୁ ଚେଷ୍ଟା କରିବି ।

ପ୍ରଥମ କଥା ହେଲା, ଏଭଳି ଜାକଜମକରେ ସମ୍ମିଳନୀ ପୂର୍ବରୁ ବି ହୋଇଛି, ଏହାଠାରୁ ବଡ ସମ୍ମିଳନୀ ବି ହୋଇଛି । ବହୁ ପ୍ରସ୍ତାବ ଗ୍ରହଣ କରାଯାଇଛି । ନେତାମାନଙ୍କର ବକ୍ତୃତା ଶୁଣି ଆପଣମାନେ କରତାଳି ଦେଇଛନ୍ତି, ଉତ୍ତେଜନା ପ୍ରକାଶ କରିଛନ୍ତି, ସଂଗଠନର ମାନସିକତା, ଲଢେଇର ଦୃଢ ସଂକଳ୍ପ ବହୁବାର ବହୁ ରକମଭାବେ ଆପଣମାନେ ଘୋଷଣା କରିଛନ୍ତି । ଏଭଳି ସମ୍ମିଳନୀ, ଦାବି ଆଦାୟ ପାଇଁ ଲଢେଇ ଆପଣମାନେ ବହୁଦିନ ଧରି କରି ଆସୁଛନ୍ତି । ଆପଣମାନଙ୍କର ତ୍ୟାଗ କରିବାର, ଲଢେଇ କରିବାର ଯେଉଁ ଶକ୍ତି ସାମର୍ଥ୍ୟ ରହିଛି, ତାହା ମଧ୍ୟ ଆପଣମାନେ ଅନେକଥର ଦେଖାଇଛନ୍ତି । କିନ୍ତୁ ଆପଣମାନଙ୍କର ଅବସ୍ଥା ପୂର୍ବରୁ ଯାହାଥିଲା, ଏତେ କାଣ୍ଡ ପରେ ବି ମୂଳତଃ ତାହାହିଁ ରହିଛି, ବିଶେଷ କିଛି ପରିବର୍ତ୍ତନ ହୋଇନାହିଁ । ଯୁକ୍ତଫ୍ରଣ୍ଟ ସରକାର ଗଠନ ହେବା ପୂର୍ବରୁ ଶୋଷଣ ବ୍ୟବସ୍ଥାର ଚାପରେ ପେଶି ହେଉଥିବା ଯେଉଁ ଶ୍ରମିକ ଆପଣମାନେ ଥିଲେ, ଯୁକ୍ତଫ୍ରଣ୍ଟ ସରକାର ଗଠନ ଓ ତାହାର ପ୍ରଗତିଶୀଳ ଶ୍ରମ ନୀତି ପ୍ରଭୃତି ସତ୍ତ୍ୱେ ବି ଆପଣମାନେ ସେହି ଶୋଷିତ, ଅତ୍ୟାଚାରିତ

ଶ୍ରମିକଶ୍ରେଣୀଭାବେ ହିଁ ରହିଛନ୍ତି । ଯୁକ୍ତଫ୍ରଣ୍ଟ ସରକାର ପ୍ରତିଷ୍ଠିତ ହୋଇଛି ଅଥଚ ମାଲିକ ଶ୍ରେଣୀ ନାହିଁ, ସେମାନଙ୍କର ଶୋଷଣ ନାହିଁ, ଜୁଲୁମ୍ ନାହିଁ, ଛଟେଇ ନାହିଁ, ଲେ-ଅଫ୍ ନାହିଁ, କୌଣସି ପ୍ରକାର ଅତ୍ୟାଚାର ନାହିଁ, ଚାକିରୀର ଅନିଶ୍ଚିତତା ନାହିଁ – ଅବସ୍ଥା କ'ଣ ଏଭଳି ହୋଇଛି ? ଯୁକ୍ତଫ୍ରଣ୍ଟ ସରକାର ପ୍ରତିଷ୍ଠିତ ହେବା ଫଳରେ କ'ଣ ଏସବୁ ବଦଳି ଯାଇଛି, ନା' ବଦଳି ଯିବା ସମ୍ଭବ ?

ଏତେଦିନଯାଏ ଆପଣମାନଙ୍କର ଧାରଣା ଥିଲା ବା ଆପଣମାନଙ୍କ ମଧ୍ୟରେ ଧାରଣା ସଞ୍ଚାରିତ କରାଯାଇଥିଲା ଏବଂ ଆଜି ବି କରାଯାଉଛି ଯେ ଏ ଦେଶରେ ଯେତେବେଳେ ପ୍ରାପ୍ତ ବୟସ୍କଙ୍କ ଭୋଟ ଦେବାର ଅଧିକାର (Adult Franchise) ଅର୍ଥାତ୍ ଆପଣମାନଙ୍କର ଭୋଟ୍ ଦେବାର ଅଧିକାର ସ୍ୱୀକୃତ ହୋଇଛି, ସେତେବେଳେ ବିପ୍ଳବର ଆଉ ପ୍ରୟୋଜନ କ'ଣ ? କଂଗ୍ରେସୀମାନେ, ପୁଞ୍ଜିପତିଶ୍ରେଣୀ ଓ ସେମାନଙ୍କର ଅନୁଗତମାନେ  ଏବଂ ଭୋଟ୍ ରାଜନୀତିର ପ୍ରଭାବରେ ମୋହଗ୍ରସ୍ତ ଦଳେ ଲୋକ କ୍ରମାଗତ ଆପଣମାନଙ୍କ ବିଚାର ବୁଦ୍ଧିକୁ ବିପଥରେ ପରିଚାଳିତ କରିବାର ହୀନ ଉଦ୍ଦେଶ୍ୟରେ ଏଇ ଧରଣର ପ୍ରଚାର କରିଥାନ୍ତି ଯେ, ଯେହେତୁ ଜନସାଧାରଣଙ୍କର ଭୋଟ୍ ଦେବାର ଅଧିକାର ସ୍ୱୀକୃତ ଏବଂ ଭୋଟ୍ ମାଧ୍ୟମରେ ଇଚ୍ଛାକଲେ ହିଁ ଯେଉଁଠି ଜନସାଧାରଣ ନିଜର ଇଚ୍ଛା ମୁତାବକ ସରକାର ଗଠନ କରିପାରିବେ ଏବଂ ସେହି ସରକାର ଜନସ୍ୱାର୍ଥର ଅନୁକୂଳରେ ପ୍ରୟୋଜନ ଅନୁଯାୟୀ ଆଇନ୍ କାନୁନ୍ ପରିବର୍ତ୍ତନ କରିବାର ସମ୍ପୂର୍ଣ୍ଣ କ୍ଷମତା ରହିଛି; ପୋଲିସ୍, ମିଲିଟାରୀ, ଅମଲାତନ୍ତ୍ର ପ୍ରଭୃତି ରାଷ୍ଟ୍ରର ସ୍ଥାୟୀ ଶାସନ ବ୍ୟବସ୍ଥା ଯେଉଁଠି ସରକାରଙ୍କ ନିୟନ୍ତ୍ରଣାଧୀନ, ସେଠାରେ ନିରବଚ୍ଛିନ୍ନଭାବେ ଜନସାଧାରଣଙ୍କ ବିପ୍ଳବୀ ସଂଗ୍ରାମ ଗଢି ତୋଳିବାର କୌଣସି ସାର୍ଥକତା ନାହିଁ, ବିପ୍ଳବୀ ମତାଦର୍ଶର କାଳେ ଆଉ ପ୍ରୟୋଜନୀୟତା ନାହିଁ । ଏହି କଥାଗୁଡିକ ପୁଞ୍ଜିପତି ଶ୍ରେଣୀର ଦଲାଲମାନେ ପ୍ରତିନିୟତ ଆପଣମାନଙ୍କୁ ବୁଝାଇବାକୁ ଚେଷ୍ଟା କରୁଛନ୍ତି । ସେମାନେ ପ୍ରଚାର କରୁଛନ୍ତି, ପ୍ରାପ୍ତ ବୟସ୍କମାନଙ୍କର ଭୋଟ୍ ଅଧିକାର ଥିବା ସତ୍ତ୍ୱେ ବି ଯେଉଁମାନେ ବିପ୍ଳବର କଥା କହନ୍ତି ସେମାନେ କାଳେ ଅହେତୁକଭାବେ ଦେଶ ଭିତରେ ଗୃହଯୁଦ୍ଧ ଭିଆଇବାକୁ ଚାହାନ୍ତି, ଦେଶର ଐକ୍ୟ ବିନଷ୍ଟ କରିବାକୁ ଚାହାନ୍ତି, ଦେଶର ଅବ୍ୟାହତ ଅଗ୍ରଗତିରେ ବାଧା ସୃଷ୍ଟି କରିବାକୁ ଚାହାନ୍ତି– ବିଦେଶୀ କଥା, ବିଦେଶୀ ତତ୍ତ୍ୱ, ବିଦେଶୀ ସ୍ଲୋଗାନ୍ ପ୍ରଭୃତି ଭିତ୍ତିରେ ଦେଶ ଅଭ୍ୟନ୍ତରରେ ଅରାଜକତା ସୃଷ୍ଟି କରିବାକୁ ଚାହାନ୍ତି । ଆଉ ଯେଉଁମାନେ ଏହା କରିବାକୁ ଚାହାନ୍ତି ସେମାନେ ହିଁ କାଳେ ବିପ୍ଳବର କଥା କହିଥାନ୍ତି । ଏହା ଏକ ଡାହା ମିଛ କଥା । ଏହି ବକ୍ତବ୍ୟ ଗୁଡିକର ଅନ୍ତରାଳରେ ଯେଉଁ ଅସଲ ସତ୍ୟଟିକୁ ଜନସାଧାରଣଙ୍କ ପାଖରୁ ଗୋପନ ରଖିବା ପାଇଁ ପ୍ରତିକ୍ରିୟାଶୀଳମାନେ ଚେଷ୍ଟା କରିଥାନ୍ତି, ଆଜି ସେହି ସତ୍ୟଟିକୁ ଆପଣମାନଙ୍କୁ ଉଦ୍‌ଘାଟିତ କରିବାକୁ ହେବ । ଏହି ମିଥ୍ୟା ପ୍ରଚାରର ମୁଖାଟିକୁ ଆପଣମାନଙ୍କୁ ଖୋଲି ଦେବାକୁ

ହେବ । ଆଜି ଯୁକ୍ତଫ୍ରଣ୍ଟ ସରକାର ଗଠନ ହେବା ମଧ୍ୟଦେଇ ଏହି ଧରଣର ପ୍ରଚାର ଯେ କେତେବଡ ଧୋକାବାଜି ଏବଂ ମିଥ୍ୟାଚାର ତାହା ବାସ୍ତବ କ୍ଷେତ୍ରରେ ପ୍ରମାଣ ହେବାକୁ ଯାଉଛି । ଆଜିକାର ନୂତନ ପରିବର୍ତ୍ତିତ ରାଜନୈତିକ ଅବସ୍ଥାର ପରିପ୍ରେକ୍ଷୀରେ ଏହି କଥାଗୁଡିକ ସତ୍ୟ ନା ମିଥ୍ୟା ତାହାର ଏକ ବାସ୍ତବ ପରୀକ୍ଷା ହେବାକୁ ଯାଉଛି । ମୁଁ ଦେଖାଇବାକୁ ଚାହୁଁଛି ଯେ ଏଇତ ଆପଣଙ୍କ ମନଲାଖି ଯୁକ୍ତଫ୍ରଣ୍ଟ ସରକାର ଗଠିତ ହୋଇଛି । ଏହି ସରକାର ଗଠିତ ହେବା ଫଳରେ ଆପଣମାନଙ୍କର ଜୀବନର ମୂଳ ସମସ୍ୟା ଯାହାଥିଲା ସେସବୁ ହଟିଯାଇଛି ? ନା ଏହି ସରକାରର ଇଚ୍ଛା ଥିଲେ ହିଁ କେବଳ ଆଇନ୍ ପରିବର୍ତ୍ତନ କରିଦେଇ ସେହି ମୂଳ ସମସ୍ୟାଗୁଡିକୁ ଦୂର କରିଦେବା ସମ୍ଭବ ? ଆପଣମାନଙ୍କର ବୁଝିବା ଉଚିତ୍ ଯେ, ତାହା ସମ୍ଭବ ନୁହେଁ । ତାହେଲେ ଶ୍ରମିକମାନଙ୍କ ସ୍ୱାର୍ଥରେ ଏହି ଯୁକ୍ତଫ୍ରଣ୍ଟ ସରକାର ଗଠନର କ'ଣ କୌଣସି ତାତ୍ପର୍ଯ୍ୟ ନାହିଁ ? ମୁଁ ମନେକରେ ଅଛି । ପୁଞ୍ଜିବାଦୀ ସମ୍ବିଧାନ ଓ ଆଇନ୍‌ର ପୃଷ୍ଠପୋଷକତାରେ ମାଲିକଶ୍ରେଣୀର ଯେଉଁ ଶୋଷଣ ଓ ଅତ୍ୟାଚାର ଅବ୍ୟାହତଭାବେ ଚାଲିଛି, ତା ବିରୁଦ୍ଧରେ ଶ୍ରମିକ ଆନ୍ଦୋଳନଗୁଡିକୁ ପରିଚାଳନା କରିବା ଉଦ୍ଦେଶ୍ୟରେ, ଯୁକ୍ତଫ୍ରଣ୍ଟ ସରକାର ଗଣ ଆନ୍ଦୋଳନଗୁଡିକୁ ଶକ୍ତିଶାଳୀ କରିବା ପାଇଁ ତାର ଘୋଷିତ ନୀତିକୁ ଯଦି ବଳିଷ୍ଠଭାବେ ଅନୁସରଣ କରେ, ତାହେଲେ ଶୋଷଣରୁ ମୁକ୍ତି ଆଣି ନପାରିଲେ ବି ଶୋଷଣ ମୁକ୍ତିର ଆନ୍ଦୋଳନ ପରିଚାଳନା କରିବା ସ୍ୱାର୍ଥରେ ଏହାର ତାତ୍ପର୍ଯ୍ୟ ରହିଛି । ସେ ବିଷୟରେ ମୁଁ ପରେ ଆଲୋଚନା କରିବି ।

ବର୍ତ୍ତମାନ ଦେଖାଯାଉ ଯୁକ୍ତଫ୍ରଣ୍ଟ ସରକାର ଗଠିତ ହେବାପରେ ଆଜି ମଧ୍ୟ ଦେଶର ମୂଳ ଅବସ୍ଥା କ'ଣ ? ଆଜି ମଧ୍ୟ ଶ୍ରମିକମାନଙ୍କର ଚାକିରୀର ସ୍ଥାୟୀତ୍ୱ ନାହିଁ, ଶ୍ରମିକମାନେ ଯେଉଁ ସମ୍ପଦ ତିଆରି କରନ୍ତି, ଉତ୍ପାଦନର ପଛରେ ଯେଉଁ ପରିଶ୍ରମ ସେମାନେ କରନ୍ତି ତାର ନ୍ୟାଯ୍ୟ ମୂଲ୍ୟ ସେମାନେ ପାଆନ୍ତି ନାହିଁ । ସେମାନଙ୍କର ପରିଶ୍ରମ ଲବ୍ଧ ସମ୍ପଦ ଉପରେ ଦଳେ ପରାଙ୍ଗପୁଷ୍ଟ ଜୀବ ଅମିରୀ କରି ବୁଲୁଛନ୍ତି । ସେମାନେ ହିଁ କ୍ଷମତାବାନ୍, ସେମାନେ ହିଁ ପ୍ରଭାବଶାଳୀ, ସେମାନେ ହିଁ ସମ୍ମାନିତ ବ୍ୟକ୍ତି । ଏପରିକି ସେମାନଙ୍କର ଜଣଙ୍କର ପ୍ରତିବାଦ ମଧ୍ୟ ସମ୍ବାଦପତ୍ରରେ ବଡ ଆକାରରେ ଛପା ହୁଏ । କିନ୍ତୁ ହଜାର ହଜାର ମଣିଷ ଯେଉଁମାନେ ଦେଶର ସମ୍ପଦ ଗଢି ତୋଳୁଛନ୍ତି, ସେମାନଙ୍କର ହଜାର ଲୋକଙ୍କର ବୁକୁଫଟା କ୍ରନ୍ଦନର କଥା ସମ୍ବାଦପତ୍ରରେ ବାହାରେନା । କିନ୍ତୁ ଶ୍ରମିକମାନଙ୍କର ତିଆରି ସମ୍ପଦ ଉପରେ ପରାଙ୍ଗପୁଷ୍ଟଭଳି ଅମୀର କରି ଅନେକାଂଶରେ ଅସଭ୍ୟ ଜାନୁଆରର ଜୀବନଯାପନ ଯେଉଁମାନେ କରନ୍ତି, ସେମାନେ କୌଣସି କଥା କହିଲେ ସେ ସମ୍ପର୍କରେ ଦେଶସାରା ଆଲୋଡନ ପଡିଯାଏ । କିନ୍ତୁ ହଜାର ହଜାର ମଣିଷର ଅନ୍ତରର କଥା କଣ, ଯଥାର୍ଥ ପ୍ରୟୋଜନ କ'ଣ, ଯଥାର୍ଥ ଚାହିଦା କ'ଣ, ସେମାନେ କ'ଣ କହୁଛନ୍ତି – ତାହାକୁ ରୂପ ଦେବାପାଇଁ ସମ୍ବାଦପତ୍ର ଦେଶରେ ନାହିଁ । ପୁଞ୍ଜିପତିଶ୍ରେଣୀ ବା

ସେମାନଙ୍କର ଅନୁଗତ ସମ୍ପ୍ରଦାୟ ଶ୍ରମିକର ଅନ୍ତରର ଏହି ବ୍ୟଥା ଏବଂ ସେମାନଙ୍କର ଯଥାର୍ଥ ପ୍ରୟୋଜନ ସମ୍ପର୍କରେ ଯେ କୌଣସି ଗୁରୁତ୍ୱ ଦେବାକୁ ଚାହିଁବେ ନାହିଁ – ଏହା ଅତ୍ୟନ୍ତ ସ୍ୱାଭାବିକ । ମାତ୍ର ଦେଖାଯାଉଛି ଯେଉଁମାନେ ଦେଶର ବୁଦ୍ଧିଜୀବୀ, ବିରାଟସଂଖ୍ୟକ ମଧ୍ୟବିତ୍ତ ଜନସାଧାରଣ, ସେମାନଙ୍କର ଚିନ୍ତାଚେତନାରେ ବି ଶ୍ରମିକର ଚାହିଦା ପ୍ରତି କୌଣସି ଦାୟିତ୍ୱବୋଧ, କୌଣସି ଗୁରୁତ୍ୱ, ଶ୍ରମପ୍ରତି ଯଥାର୍ଥ ସମ୍ମାନବୋଧ ଆଜି ବି ସୃଷ୍ଟି ହୋଇନାହିଁ । ଅନେକ ପଢାପଢି କରି ମଧ୍ୟ ଏଇ ବୁଦ୍ଧିଜୀବୀ ସମ୍ପ୍ରଦାୟ କେବଳ ମିଥ୍ୟା ଅହଂ (Ego)ର ବୋଝକୁ ବଢାଇ ଚାଲିଛନ୍ତି । ମାଲିକର ଜୁଲୁମ୍ ବିରୁଦ୍ଧରେ ଶ୍ରମିକର ନ୍ୟାୟସଙ୍ଗତ ଆନ୍ଦୋଳନ ପ୍ରତି ସେମାନଙ୍କର ଏହି ମନୋଭାବ ନିଃସନ୍ଦେହରେ ପ୍ରମାଣ କରୁଛି ଯେ, ବ୍ୟକ୍ତିଗତ ମାଲିକାନା ଓ ବ୍ୟକ୍ତିଗତ ସମ୍ପତ୍ତି ସୃଷ୍ଟି ପଛରେ ଯେଉଁ ଦସ୍ୟୁବୃତ୍ତି ଓ ଜୁଲୁମ୍‌ର ଇତିହାସ ଲୁଚି ରହିଛି ତାହାର ସନ୍ଧାନ ସେମାନେ ଆଜି ଯାଏ ବି ପାଇ ନାହାନ୍ତି । ଆଜି ମଧ୍ୟ ଦେଶର ମାନସିକତା ଏଭଳି ସୃଷ୍ଟି ହୋଇନାହିଁ ଯେ, ଏଇ ଯେଉଁ ମଣିଷଗୁଡିକ ଲକ୍ଷ ଲକ୍ଷ ମଣିଷ ଯେଉଁମାନଙ୍କର ପରିଶ୍ରମ ଫଳରେ ସମ୍ପଦ ଗଢି ଉଠୁଛି, ସଭ୍ୟତା ଗଢି ଉଠୁଛି, ଆଉ ଯେଉଁ ସମ୍ପଦକୁ ନେଇ ଆମେ ଗର୍ବ କରୁ, ଯେଉଁ ସଭ୍ୟତା ଉପରେ ଆମେ ଗର୍ବ କରିଥାଉ ତାହା ଶ୍ରମିକମାନେ ହିଁ ସୃଷ୍ଟି କରିଥାନ୍ତି – ମାଲିକମାନେ ନୁହନ୍ତି । ଯେଉଁ ଉତ୍ପାଦନ ବଢିଲେ ଜାତିର ଉନ୍ନତି ହେବ ବୋଲି କହୁଛୁ ସେହି ଉତ୍ପାଦନ ବାସ୍ତବରେ ଶ୍ରମିକମାନେ ହିଁ ସୃଷ୍ଟି କରନ୍ତି । ମାଲିକମାନେ ନୁହନ୍ତି । ଆଜି ବି କରୁଛନ୍ତି କାଲି ମଧ୍ୟ ଯଦି ଉତ୍ପାଦନ ବଢେ ସେମାନେ ହିଁ କରିବେ । ମାଲିକର ଟଙ୍କା ଯୋଗୁଁ ଉତ୍ପାଦନ ହୁଏନାହିଁ ବରଂ ଶ୍ରମିକର ପରିଶ୍ରମ ଫଳରେ ଯେଉଁ ଉତ୍ପାଦନ ହୁଏ, ସେହି ଉତ୍ପାଦନରୁ ଅର୍ଜିତ ସମ୍ପଦ ଶ୍ରମିକକୁ ଫାଙ୍କିଦେଇ ମାଲିକ ଘରେ ଠୁଳ ହେଉଛି । ସେହି ଶ୍ରମିକର ମର୍ମବେଦନା କଣ, ସେହି ଶ୍ରମିକର ଜୀବନର ମୂଳ ସମସ୍ୟା କଣ, ପୂରା ସମାଜର ଅଗ୍ରଗତି ପ୍ରଗତି ସ୍ୱାର୍ଥରେ ହିଁ ତାହା ବୁଝିବା ଦରକାର । କିନ୍ତୁ ତାହାକୁ ପ୍ରତିଫଳିତ କରିବା ପାଇଁ କୌଣସି ଯନ୍ତ୍ର, ଦେଶବ୍ୟାପୀ ଏଭଳି କୌଣସି ଶକ୍ତିଶାଳୀ ଅସ୍ତ୍ର ଅର୍ଥାତ୍ ସଂଗଠନ ଆଜି ବି ଦେଶରେ ଗଢି ଉଠିନାହିଁ । ଆଉ ତାହା ନାହିଁ ବୋଲି ମାଲିକମାନେ ତୁଚ୍ଛ କଥାରେ ଯେତେବେଳେ ସେତେବେଳେ ହୋହାଲ୍ଲା କରନ୍ତି । ପାଞ୍ଚଟା ମାଲିକ ଯେଉଁ ମନୋଭାବ ପ୍ରକାଶ କରୁଛନ୍ତି, ଲକ୍ଷ ଲକ୍ଷ କୋଟି କୋଟି ଶ୍ରମିକ ଜନସାଧାରଣଙ୍କ ସହିତ ସେହି ମନୋଭାବର କୌଣସି ସମ୍ପର୍କ ନାହିଁ – ସେମାନେ ଏକ ସମ୍ପୂର୍ଣ୍ଣ ବିପରୀତ ମନୋଭାବକୁ ପ୍ରତିଫଳିତ କରୁଛନ୍ତି । ଅଥଚ ସେହି ଲକ୍ଷ ଲକ୍ଷ କୋଟି କୋଟି ଶ୍ରମିକଙ୍କ ମନୋଭାବ ପ୍ରତି କୌଣସି ଗୁରୁତ୍ୱ ନଦେଇ ଏହି ପାଞ୍ଚଟି ମାଲିକର ଯେଉଁ ଚିତ୍କାର ତାହାକୁ ହିଁ ସମ୍ବାଦପତ୍ର ଜରିଆରେ ଜୋରସୋର୍ ପ୍ରଚାର କରାଯାଉଛି । ତାହାରି ଉପରେ ହୋହାଲ୍ଲା କରାଯାଉଛି । ତାକୁ ଭିତ୍ତିକରି ହିଁ ଯେତେ ଯୁକ୍ତି ବ୍ୟାଖ୍ୟା କରିବାର ଚେଷ୍ଟା ହେଉଛି ।

ଏହି ଯେଉଁ ଘଟଣାଟି ସମାଜରେ ଚାଲିଛି ଆପଣମାନେ ଦେଖୁଛନ୍ତି ତାହାର କାରଣ ସମଗ୍ର ସମାଜର ମାନସିକତା ଏହିଭଳିଭାବେ ଗଢି ତୋଳାଯାଇଛି ଏବଂ ହେଉଛି । କିନ୍ତୁ କାହିଁକି ? କାରଣ ଆମର ବର୍ତ୍ତମାନ ଯେଉଁ ସମାଜ ଏହି ସମାଜ ପୁଞ୍ଜିପତିମାନଙ୍କର ଅନୁଗତ ସମାଜ, ସେମାନଙ୍କର ପୃଷ୍ଟପୋଷକ ସମାଜ । ଏହାର ସମସ୍ତ କିଛି ସେମାନଙ୍କର ସେବା କରିବାକୁ ବାଧ୍ୟ । ନକଲେ କାହାରି ଚଳିବାର ଉପାୟ ନାହିଁ । ହୁଏତ ଏହି ବ୍ୟବସ୍ଥାର ସବୁକିଛି ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିବାକୁ ହେବ, ସାହସର ସହିତ ଲଢିବାକୁ ହେବ ନଚେତ୍ ଯେଉଁଭଳି ଭାବେ ହେଉନା କାହିଁକି, ଏହାର ଦାସତ୍ୱ ସ୍ୱୀକାର କରି ଚାଲିବାକୁ ହେବ । ଧରନ୍ତୁ ଯେଉଁମାନେ ସମ୍ବାଦପତ୍ର ଚଳାନ୍ତି ସେମାନଙ୍କର ସମସ୍ୟା ହେଲା ଯେ, ମାଲିକମାନଙ୍କର ପୃଷ୍ଟପୋଷକତା ନକଲେ ସମ୍ବାଦପତ୍ର ଚଳିବନାହିଁ । କାରଣ ବିଜ୍ଞାପନ (Advertisement) ବନ୍ଦ ହୋଇଯିବ । ଫଳରେ ସେମାନଙ୍କୁ ବ୍ୟାପକଭାବେ ମାଲିକଙ୍କ କଥା କହିବାକୁ ହେବ । ଆଉ ଯେଉଁମାନେ ସମ୍ବାଦପତ୍ରରେ କାମ କରନ୍ତି, ଚାକିରୀ ସ୍ୱାର୍ଥରେ ସେମାନଙ୍କୁ ପ୍ରତିଦିନ ମାଲିକ ସ୍ୱାର୍ଥର ପାଦତଳେ ନିଜକୁ ବିକ୍ରି କରିଦେବାକୁ ପଡୁଛି । ଏପରିକି ନିର୍ବାଚନ ମଧ୍ୟଦେଇ ସରକାରୀ ଗାଦିରେ ଯେଉଁମାନେ ବସନ୍ତି, ସେମାନଙ୍କ ଭିତରେ ବି ଅନେକେ ଏହିଭଳିଭାବେ ଭାବିଥାନ୍ତି ଯେ, ଯଦି ମାଲିକର ପୃଷ୍ଟପୋଷକତା ସେମାନେ ନ କରନ୍ତି, ତାହା ହେଲେ ସେମାନେ ସରକାରୀ ଗାଦିରେ ରହିପାରିବେ ନାହିଁ । ସେମାନେ ବେଶୀଦିନ କ୍ଷମତାରେ ରହି ପାରିବେନାହିଁ । ଫଳରେ ଦେଖାଯାଉଛି ଏତେ ଦିନ ଯାଏ କଂଗ୍ରେସ ସରକାର ତାହାର ଆଚରଣ, ତାର କର୍ମ, ତାର ବ୍ୟବହାର, ତାର ଚିନ୍ତା ସମସ୍ତ କିଛି ଦ୍ୱାରା ଏହି ପୁଞ୍ଜିବାଦୀ ସମାଜକୁ ହିଁ ସେବା କରିଆସିଛି । ଆଉ ଏଇ ପୁଞ୍ଜିପତି ଶ୍ରେଣୀର ସେବାର ନାଁ ଦେଇଛି ଦେଶସେବା । ପୁଞ୍ଜିପତି ଶ୍ରେଣୀର ସ୍ୱାର୍ଥରେ ରଚିତ ପରିକଳ୍ପନାଗୁଡିକ ଦେଶ ଉନ୍ନୟନ ପାଇଁ ପରିକଳ୍ପନା ବୋଲି କହୁଛି । ପୁଞ୍ଜିପତି ଶ୍ରେଣୀର ସ୍ୱାର୍ଥର ପାଦତଳେ ଶ୍ରମିକର ସ୍ୱାର୍ଥକୁ ବିସର୍ଜନ ଦେବାର ନାଁ ଦେଇଛି ଦେଶ ସ୍ୱାର୍ଥରେ ଶ୍ରମିକର ସ୍ୱାର୍ଥକୁ ବିସର୍ଜନ ଦେବା, ବ୍ୟକ୍ତିର ସ୍ୱାର୍ଥକୁ ବିସର୍ଜନ ଦେବା । ମୁଁ ମନେକରେ, ଏହି ମିଥ୍ୟାଟିକୁ ସର୍ବପ୍ରଥମେ ଦୂର କରିବା ଦରକାର ।

ଏବେ ଦେଶର ସାମ୍ପ୍ରତିକ ପରିସ୍ଥିତି ତା'ଭିତରେ ଆପଣମାନଙ୍କ ଆନ୍ଦୋଳନର, ଲଢେଇର ମୂଳ ଲକ୍ଷ୍ୟ କ'ଣ ହେବ ? ଆପଣମାନେ କାହା ବିରୁଦ୍ଧରେ ଲଢିବେ, କାହିଁକି ଲଢିବେ ଏବଂ କିଭଳି ଭାବେ ଲଢିବେ ? ସେହି ଲଢେଇର ଆଦର୍ଶ ଓ ଉଦ୍ଦେଶ୍ୟ କ'ଣ ହେବ ? ଆପଣମାନଙ୍କୁ ସ୍ପଷ୍ଟଭାବେ ବୁଝିବାକୁ ହେବ ଯେ, କ'ଣ ହେଲେ ଶେଷଯାଏ ଆପଣମାନଙ୍କର ମୌଳିକ ଅବସ୍ଥାର, ମୂଳ ସମସ୍ୟାର ଏକ ସମାଧାନ ହୋଇପାରିବ ? ତାହା କ'ଣ କେବଳ ନିତିଦିନିଆ କିଛି ଦାବି ନେଇ ଲଢେଇ କରିବା ? ମୁଁ କହେ, ଏହାତ ରହିଛି । କିନ୍ତୁ ଏହା ହିଁ ଲଢେଇର ମୂଳ ଲକ୍ଷ୍ୟ ହେବା ଉଚିତ୍ ନୁହେଁ । ଗତ ୪୦ ବର୍ଷ ଧରି ଭାରତବର୍ଷର ଶ୍ରମିକ ମଜୁରୀ ବୃଦ୍ଧି

ପାଇଁ, ଆଇନ୍ କାନୁନ୍ ପରିବର୍ତ୍ତନ କରିବା ପାଇଁ, ଅଧିକାର ବୃଦ୍ଧି କରିବା ପାଇଁ ଲଢେଇ କରି ଆସିଛି । ଆପଣମାନେ କିଛି କିଛି ଅଧିକାର ମଧ୍ୟ ଅର୍ଜନ କରିଛନ୍ତି । ଏହାର କୌଣସି ତାତ୍ପର୍ଯ୍ୟ ନାହିଁ, ସେକଥା ମୁଁ କହୁନାହିଁ, ଏହାର ଯଥେଷ୍ଟ ତାତ୍ପର୍ଯ୍ୟ ରହିଛି । ମାତ୍ର ସେହି ତାତ୍ପର୍ଯ୍ୟ କେବଳ ଗୋଟିଏ । ତାହାହେଲା ଏହି ଅଧିକାର ଗୁଡିକ ବ୍ୟବହାର କରି ଦୈନନ୍ଦିନ ଗଣଆନ୍ଦୋଳନ ଗୁଡିକୁ ଶକ୍ତିଶାଳୀ କରିବା ଜରିଆରେ ଏପରି ଅମୋଘ ବିପ୍ଳବୀ ସଂଗଠନ ଶକ୍ତି ଗଢି ତୋଳିବା ଯଦ୍ୱାରା କି ଦିନେ ଏହି ଶୋଷଣମୂଳକ ପୁଞ୍ଜିବାଦୀ ବ୍ୟବସ୍ଥାକୁ ହିଁ ଉଚ୍ଛେଦକରି ଶୋଷଣହୀନ ଶ୍ରମିକ ଶ୍ରେଣୀର ରାଜତ୍ୱ କାଏମ୍ କରିବା ସମ୍ଭବ ହେବ । ମାତ୍ର ତାହା ଯଦି ନହୁଏ କେବଳ ଦୁଇ, ଚାରି, ପାଞ୍ଚ ଟଙ୍କା ମଜୁରୀ ବଢାଇବା ଯଦି ଆପଣମାନଙ୍କ ଲଢେଇର ମୂଳ ଉଦ୍ଦେଶ୍ୟ ହୁଏ, ତେବେ ଶ୍ରମିକ ଆନ୍ଦୋଳନରେ ଏକ ଧରଣର ସୁବିଧାବାଦ୍ ଜନ୍ମ ହେବାକୁ ବାଧ୍ୟ ଏବଂ ଆପଣମାନେ ଲକ୍ଷ୍ୟ କଲେ ଦେଖିବାକୁ ପାଇବେ ଭାରତବର୍ଷର ଶ୍ରମିକଆନ୍ଦୋଳନରେ ବିପ୍ଳବୀ ମନୋଭାବକୁ ଏହି ସୁବିଧାବାଦ୍ ଇତିମଧ୍ୟରେ ହିଁ ଅନେକାଂଶରେ ଗ୍ରାସ କରିପକାଇଛି ।

ଶ୍ରମିକ ଆନ୍ଦୋଳନରେ ଏହି ସୁବିଧାବାଦର ଅନୁପ୍ରବେଶ ହିଁ ଆପଣମାନଙ୍କ ମଧ୍ୟରେ ଏହି ଧରଣର ମନୋଭାବ ଗଢି ତୋଳିଛି ଯେ, ଯେଉଁ ନେତାମାନଙ୍କୁ ଧରିଲେ ମାଲିକମାନଙ୍କ ନିକଟରୁ ଏଭଳି କିଛି ସୁବିଧା ଆପଣଙ୍କୁ ଆଦାୟ କରି ଦେଇପାରିବେ, ଆପଣମାନେ ସେମାନଙ୍କ ପଛରେ ହିଁ ଚାଲିବେ । ଆଉ ଏହିଭଳିଭାବେ ଯଦି ଚାଲୁଥାଆନ୍ତି ତେବେ ଆପଣମାନଙ୍କ ଏହି ଦୁର୍ଭାଗ୍ୟ କେହି ବଦଳାଇ ପାରିବନାହିଁ । ସ୍ୱୟଂ ଈଶ୍ୱର ମଧ୍ୟ ବଦଳାଇ ପାରିବେ ନାହିଁ । ଈଶ୍ୱରଙ୍କ କ୍ଷମତା ନାହିଁ ଯେ, ସେ ଆପଣଙ୍କ ଦୁର୍ଭାଗ୍ୟ ବଦଳେଇ ଦେବେ । ଫଳରେ ଶ୍ରମିକ ଶ୍ରେଣୀର ବିପ୍ଳବୀ ରାଜନୈତିକ ସଂଘଶକ୍ତି କେବେହେଲେ ଗଢି ଉଠିବ ନାହିଁ ଏବଂ ପୁଞ୍ଜିବାଦୀ ଶୋଷଣରୁ ଶ୍ରମିକ ଶ୍ରେଣୀର ମୁକ୍ତି କେବେ ବି ଅର୍ଜିତ ହୋଇପାରିବ ନାହିଁ ।

ଫଳରେ ଏଇ ପଥ ଛାଡିବାକୁ ହେବ । ଆପଣମାନଙ୍କ ଦୁର୍ଭାଗ୍ୟ ପରିବର୍ତ୍ତିତ ହୋଇପାରେ, ଯଦି ଆପଣମାନେ ବୁଝିପାରନ୍ତି, ଆପଣମାନଙ୍କ ପ୍ରକୃତ ମୁକ୍ତିର ପ୍ରଶ୍ନଟି ଭାରତବର୍ଷର ସମଗ୍ର ସମାଜ ବ୍ୟବସ୍ଥାକୁ ପୁଞ୍ଜିବାଦ ବିରୋଧୀ ବିପ୍ଳବର ଆଘାତରେ ପରିବର୍ତ୍ତିତ କରିବା ମଧ୍ୟରେ ହିଁ ଏକମାତ୍ର ନିହିତ ରହିଛି । ଆଉ ଏହି ପରିବର୍ତ୍ତନ କେବଳ ରାସ୍ତାଘାଟରେ ଏଇଟା ଚାହୁଁ, ସେଇଟା ଚାହୁଁ ବୋଲି ଚିତ୍କାର କଲେ ହିଁ ହୁଏ ନାହିଁ । ସୁନିର୍ଦ୍ଦିଷ୍ଟ ଓ ସଚେତନ ରାଜନୈତିକ ଉଦ୍ଦେଶ୍ୟ ବ୍ୟତିରେକେ କେବଳ ଗଣତାନ୍ତ୍ରିକ ଅଧିକାର ଅର୍ଜନ ଓ ସମ୍ପ୍ରସାରଣ ଏବଂ ଦାବି ଆଦାୟ କରିବାପାଇଁ ଲଢେଇ କରିବାର ଅର୍ଥ ହେଲା ପୁଞ୍ଜିବାଦୀ ଶୋଷଣମୂଳକ ସମାଜ ବ୍ୟବସ୍ଥା ଭିତରେ ହିଁ କେତେକାଂଶରେ ସୁଯୋଗସୁବିଧା ଆଦାୟ କରିବା । ପୁଞ୍ଜିବାଦୀ ଶୋଷଣମୂଳକ ସମାଜ ବ୍ୟବସ୍ଥାକୁ ଉଚ୍ଛେଦ କରିବାର କୌଣସି ବାସ୍ତବ ଓ ସର୍ବାତ୍ମକ ପରିକଳ୍ପନା

ନନେଇ କେବଳ ଆଇନ୍ କାନୁନ୍ ପରିବର୍ତ୍ତନ ଓ ଅର୍ଥନୈତିକ ଦାବି ଆଦାୟର ଲଢେଇ ପରିଚାଳନା କରିବାର ଅର୍ଥ ହେଲା ଶୋଷଣ ଯେମିତି ଚାଲୁଛି ସେହିଭଳି ଚାଲୁଥାଉ, ଯେମିତି ଗୋଲାମ୍ ହୋଇ ଆପଣମାନେ ରହିଛନ୍ତି ସେହିଭଳି ଗୋଲାମ୍ ହୋଇ ରହିବାକୁ ଆପଣମାନେ ରାଜି । ସେଥିରେ ଆପଣମାନଙ୍କର ଆପତ୍ତି ନାହିଁ, ସେଥିରେ ଆପଣମାନଙ୍କର ଆତ୍ମସମ୍ମାନରେ ବାଧିବ ନାହିଁ । ଆପଣମାନେ ପୁଞ୍ଜିବାଦୀ ଶୋଷଣରୁ ମୁକ୍ତି ଅର୍ଜନ କରିବାକୁ ଚାହାନ୍ତି ନାହିଁ, କେବଳ ଶୋଷଣର ଜ୍ୱାଳାଟିକୁ ଟିକିଏ କମାଇବା, ଟିକିଏ ନରମ କରିବା ହିଁ ଆପଣମାନଙ୍କ ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ । ଅର୍ଥାତ୍ ଏହା ଫଳରେ ମାଲିକ, ମାଲିକ ହୋଇରହୁଛି । ଆପଣ ଶ୍ରମିକ, ଶ୍ରମିକ ହୋଇ ହିଁ  ରହୁଛନ୍ତି । ଆପଣଙ୍କୁ ଶୋଷଣ କରିବାର ପୁରା ଅଧିକାର ତାର ରହୁଛି । ଏବଂ ସାମାଜିକ ଉତ୍ପାଦନ ଉପରେ ବ୍ୟକ୍ତିଗତ ମାଲିକାନା ରହୁଛି । ଉତ୍ପାଦନର ଉଦ୍ଦେଶ୍ୟ ବ୍ୟକ୍ତିଗତ ଲାଭ ଅର୍ଜନ ହିଁ ରହୁଛି । ଏହି ଅବସ୍ଥା ଯଦି ରହେ, ତେବେ ପୁଞ୍ଜିବାଦୀ ଶୋଷଣରୁ କେବେହେଲେ ଶ୍ରମିକର ମୁକ୍ତି ଅର୍ଜନ ହୋଇପାରେନା ।

ଏଠି ଆଉ ଗୋଟିଏ କଥା ମଧ୍ୟ ଆପଣମାନଙ୍କୁ ଭଲଭାବେ ବୁଝିବାକୁ ହେବ । ଆପଣମାନେ ଉତ୍ପାଦନ କରନ୍ତି ସମାଜ ପାଇଁ । ଅଥଚ ଆପଣମାନଙ୍କୁ ବୁଝାଯାଏ ଯେ ଆପଣମାନେ ଯେଉଁ କାମ କରନ୍ତି ତାହା ନିଜ ପେଟ ପାଇଁ ଏବଂ ଆପଣମାନଙ୍କ ଏଇ ଯେଉଁ ଭରଣପୋଷଣର ଉପାୟ ଓ ଦେଶ ଉନ୍ନତି ପାଇଁ ହିଁ କାଳେ ମାଲିକମାନେ କଳକାରଖାନା ଓ ଉତ୍ପାଦନର ବ୍ୟବସ୍ଥା ପ୍ରବର୍ତ୍ତନ କରିଛନ୍ତି । ଏହା ଏକ ନିର୍ଜଳା ମିଛ କଥା । ଆପଣମାନଙ୍କୁ ଆଜି ଏହା ବୁଝିବାକୁ ହେବ ଯେ, ଆପଣଙ୍କ ପରିଶ୍ରମ ଆଜି ମୂଳତଃ ଆପଣଙ୍କ ଭୋଗ ପାଇଁ ନୁହେଁ, ଯଦିଓ ପ୍ରତ୍ୟେକ ମଣିଷର ପରିଶ୍ରମ ପଛରେ ଏକ ବ୍ୟକ୍ତିଗତ ପ୍ରୟୋଜନର ଦିଗ ରହିଛି । ଆଜି ଆପଣମାନଙ୍କ ପରିଶ୍ରମର ଚିତ୍ରଟି ହୋଇ ଯାଇଛି ସାମାଜିକ । ଆପଣ କାମ କରନ୍ତି ସମାଜ ପାଇଁ । ଆପଣଙ୍କ ପରିଶ୍ରମରୁ ଯେଉଁ ଉତ୍ପାଦନ ହୁଏ, ତାର ଚରିତ୍ର ହେଉଛି ସାମାଜିକ । ତାହା ସମାଜର ଭୋଗରେ ଲାଗେ । ତେଣୁ ସଭ୍ୟତାର କ୍ରମବିକାଶ ହେଉଛି ଦେଶର ଉନ୍ନତି ହେଉଛି । ଫଳରେ ଆପଣମାନଙ୍କ ସମସ୍ତ ପରିଶ୍ରମ ହିଁ ଦେଶର ଉନ୍ନତି ପାଇଁ । ଆପଣ ଯେଉଁ ପରିଶ୍ରମ କରୁଛନ୍ତି ଏବଂ ସେହି ପରିଶ୍ରମର ବିନିମୟରେ ଆପଣ ଯାହା ପାଉଛନ୍ତି, ତାହା ଆପଣଙ୍କୁ ସମାଜ ହିଁ ଦେବା କଥା । ମାତ୍ର ସମାଜ ପରିବର୍ତ୍ତେ ପୁଞ୍ଜିବାଦୀ ବ୍ୟବସ୍ଥା ଥିବା ଯୋଗୁଁ ତାହା ଦେଉଛି ମାଲିକଶ୍ରେଣୀ । ଫଳରେ ବ୍ୟକ୍ତି ମାଲିକ ଆପଣଙ୍କୁ ସେତିକି ଦେଉଛି, ଯେତିକି ନଦେଲେ ଆପଣ ବଞ୍ଚିରହି ତାର ଶୋଷଣର, ତାର ମୁନାଫାର ଯନ୍ତ୍ରଭାବେ ବ୍ୟବହୃତ ହୋଇପାରିବେ ନାହିଁ । ସର୍ବନିମ୍ନ ଯେତିକି ଦେଲେ ଆପଣ ଖାଇ, ପିନ୍ଧି, ବଞ୍ଚି ରହି ଆପଣଙ୍କ ଦୈହିକ ପେଶୀକୁ ଠିକ୍ ରଖି ଶ୍ରମିକଭାବେ ଅର୍ଥାତ୍ ମାଲିକର ମୁନାଫା ଅର୍ଜନର ଶୀକାର ବା ଯନ୍ତ୍ରଭାବେ ପରିଣତ ହୋଇପାରନ୍ତି ଠିକ୍ ସେତିକି ମଜୁରୀ ସେମାନେ ଆପଣମାନଙ୍କୁ ଦେଉଛନ୍ତି,

ଆଉ ଆପଣମାନଙ୍କ ପରିଶ୍ରମରୁ ସୃଷ୍ଟି ହେଉଥିବା ବାକି ସମ୍ପଦ, ବ୍ୟକ୍ତିଗତ ମୁନାଫା ଭାବରେ ମାଲିକମାନେ ଆତ୍ମସାତ୍ କରୁଛନ୍ତି । ଫଳରେ ଏହି ବ୍ୟବସ୍ଥାରେ କୌଣସି ସଚେତନ ଶ୍ରମିକ ହିଁ ସାମାଜିକ ନ୍ୟାୟବିଚାର ଆଶା କରିପାରେନା । ଏଠି ମାଲିକ ନିକଟରେ ଶ୍ରମିକର ସର୍ବନିମ୍ନ ପ୍ରୟୋଜନର ଧାରଣାଟି କ'ଣ ? ଗୋଟିଏ ଶ୍ରମିକ ବଞ୍ଚି ରହିବା ପ୍ରଶ୍ନରେ ଯେତେବେଳେ ନ୍ୟାୟବିଚାରର କଥା ଉଠେ ସ୍ୱଭାବତଃ ହିଁ ସେତେବେଳେ କୁହାଯାଏ ଯେ ଶ୍ରମିକକୁ ଏଭଳି କିଛି ଦିଅ ଯାହା ଅନ୍ତତଃ ପକ୍ଷେ ନ୍ୟାୟସଙ୍ଗତ ଏବଂ ମାନବିକ । କିନ୍ତୁ ମାଲିକୀ ବ୍ୟବସ୍ଥାରେ ମାଲିକର ନିକଟରେ ଏହି ନ୍ୟାୟ ଓ ମାନବିକତାର ଧାରଣାଟି କ'ଣ ? ଏଠି ମାଲିକ ନିକଟରେ ମାନବିକତାର ମୂଳ କଥାଟି ହେଲା ଏଇଆ ଯେ, ଯେତିକି ନହେଲେ ଶ୍ରମିକ ପକ୍ଷରେ ବଞ୍ଚି ରହି ଦୈହିକ ପେଶୀ ସଞ୍ଚାଳନ କରିବା ମୁସ୍କିଲ, ମାଲିକର କାରଖାନାରେ ମେସିନ୍ ଚଳାଇବା ମୁସ୍କିଲ, ତାର ମୁନାଫା ଅର୍ଜନ କରିଦେବା ମୁସ୍କିଲ, ସେତିକି ଦେବା ହିଁ ସେମାନଙ୍କ ନିକଟରେ ମାନବିକ ଓ ନ୍ୟାୟସଙ୍ଗତ ।

ବର୍ତ୍ତମାନ ପରିସ୍ଥିତିରେ ମାଲିକମାନେ ଶ୍ରମିକଙ୍କ ମଜୁରୀର ନ୍ୟାଯ୍ୟ ମୂଲ୍ୟ ଦେବା ତ ଦୂରର କଥା ଯେତେବେଳେ ଏହି ସର୍ବନିମ୍ନ ପ୍ରୟୋଜନରୁ ମଧ୍ୟ ବଞ୍ଚିତ କରୁଛନ୍ତି ସେତେବେଳେ ବଞ୍ଚିରହିବାକୁ ହେଲେ ଶ୍ରମିକମାନଙ୍କ ସାମ୍ନାରେ ନ୍ୟାୟସଙ୍ଗତ ଦାବିଗୁଡିକ ଭିତ୍ତିରେ ଗଣ ଆନ୍ଦୋଳନ ଗଢିତୋଳିବା ଛଡା ଅନ୍ୟ କୌଣସି ରାସ୍ତା ଖୋଲାନାହିଁ । ଆଉ ଯେଉଁ ଘେରାଓକୁ ନେଇ ବର୍ତ୍ତମାନ ଏତେ ହଇଚଇ କରାଯାଉଛି, ସେହି ଘେରାଓ ହେଲା ଗଣତାନ୍ତ୍ରିକ ଆନ୍ଦୋଳନର ବିଭିନ୍ନ ରୂପ (Form) ଭିତରୁ ଗୋଟିଏ ରୂପ ମାତ୍ର । ଏହି ଘେରାଓ ବାସ୍ତବ ଅବସ୍ଥାର ଘାତ ପ୍ରତିଘାତ ମଧ୍ୟଦେଇ ଏ ଦେଶରେ ଗଣ ଆନ୍ଦୋଳନର ଏକ ଧାରାଭାବେ ଗଢି ଉଠିଛି । ଟାଟା କହୁଛି ଘେରାଓ ହେଉଛି ଜଙ୍ଗଲର ଆଇନ୍ । ମୁଁ କୁହେ, ତାହାହେଲେ ଯେଉଁ ଆଇନ୍ ବଳରେ ତୁମେ ମାଲିକମାନେ ଉତ୍ପାଦନ ବ୍ୟବସ୍ଥାକୁ ପରିଚାଳନା କରୁଛ, ତାହାହେଲା ଗଭୀର ଜଙ୍ଗଲର ଆଇନ୍ । ଶ୍ରମିକମାନେ ଯେଉଁ ଘେରାଓ କରନ୍ତି ତାର ଉଦ୍ଦେଶ୍ୟ ହେଲା ସାମାଜିକ ନ୍ୟାୟବିଚାର ପ୍ରତିଷ୍ଠା କରିବା - ଅପରକୁ ଶୋଷଣ କରିବା ନୁହେଁ । ଆଉ ମାଲିକମାନଙ୍କର ଅଧିକାର ଗୁଡିକ ହେଉଛି ମଣିଷ ଏବଂ ମାନବତାର ଆଦର୍ଶକୁ ପାଦରେ ଦଳିଦେଇ, ତା'ର ରସ ନିଗାଡି ନେଇ ସେହି ରସକୁ ବ୍ୟକ୍ତିଗତ ସୁବିଧାର କାମରେ ବ୍ୟବହାର କରିବା । ଅଥଚ ଏହାକୁ ହିଁ ସେମାନେ କହୁଛନ୍ତି ସଭ୍ୟତା, ଆଉ ଘେରାଓକୁ କହୁଛନ୍ତି ଜଙ୍ଗଲର ଆଇନ୍ । ଘେରାଓ ଯଦି ଜଙ୍ଗଲର ଆଇନ୍ ହୁଏ, ତେବେ ଶ୍ରମିକ ଛଟେଇ କରିବାର ମାଲିକର ଅବାଧ ଅଧିକାର, ଅର୍ଥାତ୍ ଯେଉଁ ଆଇନ୍‌ରେ ମାଲିକମାନଙ୍କର "ଶ୍ରମିକକୁ ଚାକିରୀର କୌଣସି କାର୍ଯ୍ୟକାରୀ ନିଶ୍ଚୟତା ନଦେଇ ମାଲିକର ଛଟେଇ - ବରଖାସ୍ତ କରିବାର ଏକତରଫା ନିରଙ୍କୁଶ ଅଧିକାର" (unfettered right of retrenchment without giving

protection for right to work) ଦିଆଯାଇଛି ତାହା ଗଭୀର ଜଙ୍ଗଲର ଆଇନ୍ । ତାହା ଅସଭ୍ୟ, ପ୍ରକୃତିରେ ଆଦିମ ଏବଂ ଅତ୍ୟାଚାରୀ (uncivilised, primitive in nature, toucherous in nature) । ଶ୍ରମିକମାନଙ୍କର ଘେରାଓ ଆନ୍ଦୋଳନର ନିନ୍ଦା କିରବା ପୂର୍ବରୁ ସେମାନଙ୍କୁ ନିଜ ଆଇନର ପରିବର୍ତ୍ତନ କରିବାକୁ ହେବ । ଶ୍ରମିକମାନେ ସଉକ କରି ଘେରାଓ କରନ୍ତି ନାହିଁ । ଦିନରାତି ସେମାନେ ପରିଶ୍ରମ କରନ୍ତି, କେବଳ ପରିଶ୍ରମ କରନ୍ତି ଦେଶ ଓ ସମାଜ ପାଇଁ । ଅଥଚ ସେହି ଶ୍ରମିକର ନ୍ୟୁନତମ ସ୍ୱାର୍ଥକୁ ମଧ୍ୟ ରକ୍ଷା କରିବା ଦିଗରେ ଘେରାଓ ବିରୋଧୀ ଆନ୍ଦୋଳନର ପ୍ରବକ୍ତାମାନଙ୍କର ନଜର ନାହିଁ । ଶ୍ରମିକମାନଙ୍କର ସ୍ୱାର୍ଥ ରକ୍ଷା କରିବାର ବ୍ୟବସ୍ଥା ହେଲେ ଘେରାଓ କରିବାର ସେମାନଙ୍କର ଦରକାର ହେବନାହିଁ । ଯେତେବେଳଯାଏ ସେମାନଙ୍କ ସ୍ୱାର୍ଥ ରକ୍ଷା କରା ନଯାଉଛି, ସେମାନେ ସେମାନଙ୍କର ଅଧିକାର ଆଦାୟ କରିବେ ହିଁ କରିବେ । ଆଇନ୍ ଯଦି ସାହାଯ୍ୟ କରିବା ପରିବର୍ତ୍ତେ ବାଧା ହୋଇ ଛିଡା ହୁଏ ତେବେ ପ୍ରୟୋଜନ ଅନୁଯାୟୀ ଆଇନ୍ ବିରୁଦ୍ଧରେ ଯାଇ ମଧ୍ୟ ମାନବିକ ନ୍ୟାୟବିଚାରର ଆଦର୍ଶ (cause of human justice)କୁ ସେମାନେ ଉର୍ଦ୍ଧ୍ୱେତୋଳିତ କରିବେ, ଆବଶ୍ୟକ ହେଲେ ଆଇନ୍‌କୁ ପରିବର୍ତ୍ତନ କରିବାକୁ ବାଧ୍ୟ କରିବେ । ଏହି ଦୃଷ୍ଟିଭଙ୍ଗୀରେ ହିଁ ଶ୍ରମିକ ଆନ୍ଦୋଳନଗୁଡିକୁ ବିଚାର କରିବାକୁ ହେବ । ସରକାରୀ ଗାଦିରେ ବସି ସରକାରୀ କର୍ତ୍ତାମାନେ କ'ଣ କରିବେ, ତାହା ସେମାନଙ୍କର ବିଚାର୍ଯ୍ୟ ବିଷୟ । କିନ୍ତୁ ପ୍ରକୃତ ଦେଶ ପ୍ରେମିକ ଗଣତାନ୍ତ୍ରିକ ଜନସାଧାରଣଙ୍କ ମନର ଭାବଟି ଏହିଭଳି ହେବା ଉଚିତ୍ ଏବଂ ଏହାହିଁ ବୁଝି ସେମାନଙ୍କର ଆନ୍ଦୋଳନଗୁଡିକ ସମ୍ପର୍କରେ ସଠିକ୍ ଧାରଣା ଗଢିତୋଳିବାକୁ ହେବ ।

ଆଉ ଶ୍ରମିକମାନଙ୍କ ବୁଝିବା ଦରକାର ଯେ, କେବଳ ସରକାରୀ ଯନ୍ତ୍ରର ସୁଯୋଗ ନେବା ହିଁ ସେମାନଙ୍କର କାମ ନୁହେଁ । ସରକାରଙ୍କ ପୃଷ୍ଠପୋଷକତାରେ ସେମାନେ ଯେଉଁ ଲଢେଇ କରିବେ, ସେହି ଲଢେଇ ବେଶୀଦିନ ତିଷ୍ଠିବ ନାହିଁ । ସରକାର ଆକ୍ରମଣ କଲେ, ଲଢେଇ ଆଉ ରହିବ ନାହିଁ । ଆଜି ସରକାର ଆକ୍ରମଣ କରୁନାହିଁ, ଲଢେଇ ଦାନା ବାନ୍ଧୁଛି । କାଲି ସରକାର ଆକ୍ରମଣ କରିବାକୁ ଆରମ୍ଭ କଲେ ଲଢେଇ ଭାଙ୍ଗିଯିବ । ତେଣୁ ରାଜନୈତିକ ଚେତନା ଅର୍ଜନ ଓ ଲୌହଦୃଢ ସଂଘଶକ୍ତି ସମସ୍ତ ଲଢେଇର ଏକ ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ । ଶ୍ରମିକର ଦୁର୍ଦ୍ଦଶାର ଇତିହାସ, ଭାରତବର୍ଷର ରାଜନୈତିକ ମୂଳ ସମସ୍ୟା - ଏସବୁ ନେଇ ଶ୍ରମିକମାନଙ୍କୁ ମୁଣ୍ଡ ଖେଳେଇବାକୁ ହେବ । ବୁଝିବାକୁ ହେବ ଯେ, ସମଗ୍ର ଭାରତବର୍ଷରେ ସରକାର ପରିବର୍ତ୍ତନ କରିବା, ଆଇନ୍ କାନୁନ୍ ପରିବର୍ତ୍ତନ କରିବା, ଆଉ ଘେରାଓ କଲେ ପୋଲିସ ଯିବ କି ଯିବନାହିଁ - କେବଳ ଏତିକିରେ ଶ୍ରମିକର ମୁଖ୍ୟ ଲାଭ କିଛି ନାହିଁ । ଶ୍ରମିକର ମୂଳ ମୁକ୍ତିର ଲଢେଇ ସଂଗଠିତ କରିବା କାମରେ ଯଦି ସେମାନେ ଏହାକୁ ସଠିକ୍ ଭାବେ ବ୍ୟବହାର କରିପାରନ୍ତି, ତାହେଲେ ହିଁ ଏକମାତ୍ର ସାମୟିକଭାବେ ହେଲେ ବି ଏହାର

ଏକ ବିରାଟ ମୂଲ୍ୟ ରହିଛି । ଆଉ ଏହି ବିଶେଷ ଉଦ୍ଦେଶ୍ୟରେ ହିଁ ବାମପନ୍ଥୀ ସରକାର ଗଠିତ ହେଲେ, ଗଣ ଆନ୍ଦୋଳନଗୁଡିକୁ ଯେମତି ପୋଲିସ ହସ୍ତକ୍ଷେପରୁ ମୁକ୍ତ ରଖାଯାଇପାରେ, ସେଥିପାଇଁ ଶ୍ରମିକ ଶ୍ରେଣୀର ଏକମାତ୍ର ବିପ୍ଳବୀ ଦଳ ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ) ନିର୍ବାଚନର ବହୁ ପୂର୍ବରୁ ଲଢେଇ କରି ଆସୁଥିଲା ।

ଆଉ ଗୋଟିଏ କଥା ଦେଶର ଲୋକଙ୍କୁ ଭାବି ଦେଖିବାକୁ ହେବ । 'ଆଇନ୍ ଆଖିରେ ସମସ୍ତେ ସମାନ' - ଏହା କାଗଜ କଲମରେ ଲେଖାଅଛି ଠିକ୍ କଥା । ମାତ୍ର ବାସ୍ତବରେ ଆଇନ୍‌କୁ ବ୍ୟବହାର କରାଯାଏ ଶ୍ରମିକକୁ ପିଟିବାର ଅସ୍ତ୍ରଭାବରେ, ମାଲିକର ସ୍ୱାର୍ଥରେ । ଫଳରେ ବର୍ତ୍ତମାନ ପୁଞ୍ଜିବାଦୀ ସମାଜ ବ୍ୟବସ୍ଥାରେ ପାର୍ଲାମେଣ୍ଟାରୀ ଗଣତନ୍ତ୍ରରେ 'ଆଇନ୍ ସମସ୍ତଙ୍କ ପାଇଁ ସମାନ' - ଏହି କଥାଟିକୁ ମାର୍କ୍ସବାଦ-ଲେନିନ୍‌ବାଦର ଛାତ୍ରମାନେ, ବିପ୍ଳବୀମାନେ କହୁ ଏହା ଏକ ଅତ୍ୟନ୍ତ ମିଠା କଥା - ଅର୍ଥାତ୍ ମିଠା ଅଥଚ ନିର୍ଜଳା ମିଛକଥା । ଏଠି ଆଇନ୍ ସମସ୍ତଙ୍କ ପାଇଁ ସମାନ ଏହା ସମାଜରେ ଦର୍ଶାଯାଏ । ମାତ୍ର ଆଇନ୍ ସମସ୍ତଙ୍କ ପାଇଁ ସମାନ ନୁହେଁ । ଏହି ସମାଜରେ ଆଇନ୍ ପୁଞ୍ଜିପତିମାନଙ୍କ ସ୍ୱାର୍ଥ ରକ୍ଷାକରେ (law pretends to be equal but in actuality it is not equal for all people. It safeguards the interest of the capitalist) । ଅର୍ଥାତ୍ ଶ୍ରେଣୀ ବିଭକ୍ତ ସମାଜରେ ଆଇନ୍ ଶାସକ ଶ୍ରେଣୀର ସ୍ୱାର୍ଥ ରକ୍ଷା କରିବାକୁ ବାଧ୍ୟ । ଫଳରେ ଆଇନ୍ ଆଖିରେ ସମସ୍ତେ ସମାନ - ଏହା ଆଇନ୍‌ର ଶ୍ରେଣୀ ଚରିତ୍ରକୁ ଲୁଚେଇ ରଖି ସାଧାରଣ ମଣିଷକୁ ପ୍ରତାରିତ କରିବା ପାଇଁ ଏକ ବୁର୍ଜୁଆ ଚାଲାକି ମାତ୍ର । ଏହି କଥା ଯେଉଁମାନେ ବୁଝିବାକୁ ଚାହାନ୍ତି ନାହିଁ ସେମାନେ ହିଁ ପୁଞ୍ଜିବାଦୀ ସମାଜରେ ବିଚାର ବିଭାଗର ଶ୍ରେଣୀ ଚରିତ୍ରକୁ ଘଣ୍ଟଘୋଡାଇ ଜନମତକୁ ବିଭ୍ରାନ୍ତ କରିବାର ହୀନ ଉଦ୍ଦେଶ୍ୟରେ ପ୍ରଚାର କରିଚାଲିଛନ୍ତି ଯେ, ବିଚାର ବିଭାଗ କୁଆଡେ ଅର୍ଥାତ୍ ନ୍ୟାୟ ବିଚାର ଏବଂ ଜନସାଧାରଣଙ୍କ ବିବେକର ଅଭିଭାବକ (custodian of justice and public conscience) । ଏହି ପ୍ରସଙ୍ଗରେ ଗୋଟିଏ କଥା ମନେ ରଖିବା ଦରକାର ଯେ, ଶ୍ରେଣୀ ବିଭକ୍ତ ସମାଜରେ ଜନଗଣଙ୍କ ବିବେକ (public conscience) ଶ୍ରେଣୀ ଉର୍ଦ୍ଧ୍ୱରେ ବା ଶ୍ରେଣୀ ନିରପେକ୍ଷ ବିବେକ ହୋଇପାରେନା । ତାହା କୌଣସି ନା କୌଣସି ଶ୍ରେଣୀ ଚିନ୍ତାର ପ୍ରତିଫଳନ ମାତ୍ର ।

ଅନୁରୂପ ଭାବେ କୁହାଯାଇଥାଏ ଯେ, ପୋଲିସ କୁଆଡେ 'ନିଉଟ୍ରାଲ୍' (ନିରପେକ୍ଷ) । ମାତ୍ର ଜଣେ ପଇସାବାଲା ଲୋକ ଥାନାକୁ ଗଲେ ଦେଖିବେ ତାର କେତେ ଖାତିର, କେତେ ଓ୍ୱେଟ୍ (weight) । ତାର ଗୋଟାଏ ଫାଲ୍‌ତୁ ଚାର୍ଜକୁ ଭିତ୍ତିକରି କେତେ ଦ୍ରୁତ ବ୍ୟବସ୍ଥା ନିଆଯାଏ । ଆଉ ଆପଣ ସାଧାରଣ ମଣିଷ । ଆପଣଙ୍କ ଜୀବନ ହନ୍ତସନ୍ତ ହୋଇଯାଇଛି, ଆପଣଙ୍କର କେହି ସୁପାରିଶ କଲାବାଲା ନାହାନ୍ତି, ହାତରେ ଧନ ନାହିଁ, ଆପଣଙ୍କ କଥାକୁ

କେହି କର୍ଣ୍ଣପାତ ମଧ୍ୟ କରିବେ ନାହିଁ । ସମସ୍ତ ବ୍ୟବସ୍ଥା ହିଁ ଏହିଭଳି । ପ୍ରତ୍ୟେକ ସାଧାରଣ ମଣିଷ ପ୍ରତିଦିନର ଅଭିଜ୍ଞତାରୁ ଏହା ଉପଲବ୍ଧି କରୁଛନ୍ତି । କୌଣସି ମାଲିକ ଯଦି ଏକ ମିଛ ଡାଏରୀ କରିବାକୁ ଆସେ ତେବେ ଥାନା ଅଫିସରମାନେ ସେ ସମ୍ପର୍କରେ ଅତ୍ୟୁତ୍ସାହ ପ୍ରକାଶ କରନ୍ତି । ଆଉ ମାଲିକର ଅନ୍ୟାୟ ଆକ୍ରମଣ ବିରୁଦ୍ଧରେ ଶ୍ରମିକ ଗୋଟିଏ ଡାଏରୀ କରିବାକୁ ଗଲେ, ଓଲଟି ଥାନାର ବଡବାବୁମାନେ ମାଲିକମାନଙ୍କ ବିରୁଦ୍ଧରେ ଡାଏରୀ କରିବାକୁ ଆସିଛି ବୋଲି ମିଛ ଅଭିଯୋଗ ଦେଇ ସେହି ଶ୍ରମିକକୁ ହିଁ ହାଜତରେ ଭର୍ତ୍ତି କରିଦିଅନ୍ତି – ଏ ଦେଶରେ ପ୍ରତି ମୁହୂର୍ତ୍ତରେ ଏହାର ଦୃଷ୍ଟାନ୍ତ ମିଳେ ।

ମୁଁ ଏଠି ଦେଶର ସାମ୍ବାଦିକମାନଙ୍କୁ ଗୋଟିଏ କଥା କହିବାକୁ ଚାହେଁ, ସେମାନେ ଦେଶର ବଡ ବଡ ସମସ୍ୟା ନେଇ ଲେଖନ୍ତି, ଅଥଚ ଏହିସବୁ ବିଷୟ ଆଡକୁ ଆଦୌ ନଜର ଦିଅନ୍ତି ନାହିଁ । ସେମାନେ 'ଗଣତାନ୍ତ୍ରିକ ଆନ୍ଦୋଳନ' 'ଗଣତନ୍ତ୍ର' 'ଗଣତନ୍ତ୍ର' ବୋଲି ସର୍ବଦା ଚିତ୍କାର କରିଥାନ୍ତି । କିନ୍ତୁ ଗଣତନ୍ତ୍ରର ଅସଲ ପ୍ରାଣ ଶକ୍ତି କ'ଣ ? ତାହା କ'ଣ କେବଳ ଖବର କାଗଜରେ ଲେଖିବା ଆଉ ପାର୍ଲାମେଣ୍ଟର ମେମ୍ବରମାନଙ୍କର ବକ୍ତୃତା ଛପାଇବା ? ନା । ଗଣତନ୍ତ୍ରର ଅସଲ ଶକ୍ତି ଜନସାଧାରଣଙ୍କର ଗଣତାନ୍ତ୍ରିକ ଆନ୍ଦୋଳନର ଚେତନା ଏବଂ ଗଣତାନ୍ତ୍ରିକ ସଂଘବଦ୍ଧତା । ସେହି ଗଣତାନ୍ତ୍ରିକ ଆନ୍ଦୋଳନଗୁଡିକୁ ଯଦି ରକ୍ଷା କରାଯାଇନପାରେ ଗଣତାନ୍ତ୍ରିକ ସଂଘଶକ୍ତିକୁ ଯଦି ଦାନା ବାନ୍ଧିବାକୁ ଦିଆଯାଇନପାରେ ଗଣତାନ୍ତ୍ରିକ ଚେତନାରେ ଉଦ୍‌ବୁଦ୍ଧ କରିବାର ସୁଯୋଗ ଖୋଲି ଦିଆନଯାଇପାରେ ତେବେ ଗଣତନ୍ତ୍ର ଏମିତି ହିଁ ମରିବ, ଚିତ୍କାର କଲେ ବି ମରିବ । ତା'ହେଲେ ଅନ୍ତତଃ ବୁର୍ଜୁଆ ଅର୍ଥରେ ବି ଗଣତନ୍ତ୍ରକୁ ସେମାନେ ବଞ୍ଚେଇ ରଖିପାରିବେ ନାହିଁ । ତେଣୁ ଯେଉଁମାନେ ଗଣତନ୍ତ୍ର ନାମରେ ଆଇନ୍‌ର ଶାସନର ପକ୍ଷପାତି ସେମାନଙ୍କୁ ବୁଝିବାକୁ ହେବ ଯେ, ଏହି ଆଇନ୍‌ର ଶାସନ ମଧ୍ୟ ଯଦି ସେମାନେ ବଞ୍ଚେଇ ରଖିବାକୁ ଚାହାନ୍ତି ତାହେଲେ କେବଳ କାଗଜରେ ଲେଖିଲେ ହେବନାହିଁ । ସତ୍ ସାହସର ସହିତ ସମସ୍ତ ନ୍ୟାଯ୍ୟ ଆନ୍ଦୋଳନ ଗୁଡିକୁ ପୃଷ୍ଠପୋଷକତା କରିବାକୁ ହେବ । ଏମାନେ ଆଦୌ ବୁଝିବାକୁ ଚାହାନ୍ତି ନାହିଁ ଯେ ଯଦି ଗଣତାନ୍ତ୍ରିକ ଆନ୍ଦୋଳନଗୁଡିକୁ ଶକ୍ତିଶାଳୀ କରି ଗଢି ନହୁଏ ତେବେ ଏହି ଆଇନ ଓ ଶୃଙ୍ଖଳାର ଦ୍ୱାହିଦେଇ ଯେକୌଣସି ଦିନ ମିଲିଟାରୀ ଆସି ନିର୍ବାଚିତ ଆଇନ୍‌ସଭା ଗୁଡିକୁ ଭାଙ୍ଗି ଦେଇ କ୍ଷମତା ଦଖଲ କରିନେଇପାରେ– ବିଶେଷଭାବେ ଜନସଂଘ[୧] କିମ୍ବା ସ୍ୱତନ୍ତ୍ର[୨] ଭଳି ଦଳଗୁଡିକର ସମର୍ଥନ ପାଇଲେ ତ କଥା ହିଁ ନାହିଁ । ସେତେବେଳେ କାଗଜବାଲାମାନେ ପାର୍ଲାମେଣ୍ଟାରୀ ଶାସନ ରକ୍ଷା କରିପାରିବେ ନାହିଁ । ଏହିଭଳି ଦୂରାବସ୍ଥା ହାତରୁ ଦେଶକୁ ସେଦିନ ରକ୍ଷା କରିପାରିବ, ଲକ୍ଷ ଲକ୍ଷ ଶ୍ରମିକଙ୍କର ସଂଘବଦ୍ଧ ରାଜନୈତିକ ଚେତନା ଓ

---

୧. ଜନସଂଘ– ହିନ୍ଦୁ ମୌଳବାଦୀ ପାର୍ଟି । ଭାରତୀୟ ଜନତା ପାର୍ଟି (ବିଜେପି) ଯେଉଁଥିରୁ ଜନ୍ମ ହୋଇଛି ।

୨. ସ୍ୱତନ୍ତ୍ର– ଏକ ରକ୍ଷଣଶୀଳ ପାର୍ଟି । ବର୍ତ୍ତମାନ ଏହାର ଅସ୍ତିତ୍ୱ ନାହିଁ ।

ଗଣତାନ୍ତ୍ରିକ ବିପ୍ଳବୀ ଆନ୍ଦୋଳନ । ଦେଶର ଲକ୍ଷ ଲକ୍ଷ ମଣିଷର ସଂଘବଦ୍ଧ ଗଣତାନ୍ତ୍ରିକ ଚେତନା ହିଁ ଏକମାତ୍ର ସେହି ଅବସ୍ଥାରେ ଦେଶକୁ ରକ୍ଷା କରିପାରେ । ଆଉ ଏହାହିଁ ଯୁକ୍ତଫ୍ରଣ୍ଟ ସରକାରର ଗଣ ଆନ୍ଦୋଳନ ସଂକ୍ରାନ୍ତୀୟ ନୀତିର ଘୋଷିତ ଉଦ୍ଦେଶ୍ୟ । ଯୁକ୍ତଫ୍ରଣ୍ଟ ସରକାର, ଗଣତାନ୍ତ୍ରିକ ଆନ୍ଦୋଳନରେ ପୋଲିସ ହସ୍ତକ୍ଷେପ ବନ୍ଦ କରିବାର ଯେଉଁ ନୀତି ଘୋଷଣା କରିଛି, ତାର ଅର୍ଥ ଦେଶର ଲୋକେ ଏହି ସଂଘବଦ୍ଧ, ଚେତନାବଦ୍ଧ ସଂଗଠନ ଗଢିତୋଳିବା, ଗଣତାନ୍ତ୍ରିକ ଚେତନାରେ ଉଦ୍‌ବୁଦ୍ଧ ହେବାର ଗୋଟାଏ ସୁଯୋଗ ପାଆନ୍ତୁ । ଯେଉଁ ସୁଯୋଗ ସଠିକ୍‌ଭାବରେ ବ୍ୟବହାର କରିପାରିଲେ ଦ୍ରୁତ ଗଣ ଆନ୍ଦୋଳନ ଗୁଡିକ ଏବଂ ଗଣ ସଂଗଠନଗୁଡିକ ଗଢିତୋଳିବା ଆଜି ଅନେକ ସହଜ ସାଧହେବ । ମାଲିକର ସ୍ୱାର୍ଥରେ ଦାସ ହୋଇଯାଇ ପୋଲିସ ଏତେଦିନଯାଏ ଯେଉଁଭଳିଭାବେ ଜୋରଜୁଲୁମ୍ କରିଛି, ସେଥିପାଇଁ ପୂର୍ବରୁ ଦେଶର ଲୋକେ ସ୍ପେସ୍(space) ପାଇନାହାନ୍ତି, ଏକ ବ୍ରେଦିଂ ସ୍ପେସ୍(breathing space) ପାଇନାହାନ୍ତି, ସେମାନଙ୍କର ନିଶ୍ୱାସ ନେବାର ଅବକାଶ ନଥିଲା । ଶ୍ରମିକମାନେ ଏକ ୟୁନିୟନ୍ କରିବାକୁ ଗଲେ ସଙ୍ଗେ ସଙ୍ଗେ ତା ବିରୁଦ୍ଧରେ ଥାନାରେ ଡାଏରୀ ହୋଇଗଲା । ଯେଉଁମାନେ ୟୁନିୟନ୍ କରିବାକୁ ଗଲେ ସଙ୍ଗେ ସଙ୍ଗେ ସେମାନଙ୍କୁ ଛଟେଇ କରି ବସେଇ ଦିଆଗଲା, ଗୋପନରେ ରିପୋର୍ଟନେଇ ସେମାନଙ୍କୁ ଛଟେଇ କରି ଦିଆଗଲା । ସେମାନଙ୍କୁ ରକ୍ଷା କରିବାର କୌଣସି ଉପାୟ ନଥିଲା । ସେମାନଙ୍କୁ ରକ୍ଷା କରିବା ପାଇଁ ଏ ଦେଶରେ କୌଣସି ଆଇନ୍ ନାହିଁ, କୌଣସି ବ୍ୟବସ୍ଥା ନାହିଁ । ପୋଲିସ ନିକଟରେ କହିବା ଅର୍ଥ ଆଉ ଗୋଟିଏ ବିପଦକୁ ଡାକି ଆଣିବା । ପୋଲିସ ପାଖକୁ ଯାଇ ଅନ୍ୟାୟ ଜୁଲୁମ୍ ବିରୁଦ୍ଧରେ ଅଭିଯୋଗ କଲେ 'ମାଲିକ ବିରୁଦ୍ଧରେ ନାଲିଶ୍ କରିବାକୁ ଆସିଛୁ' କହି ଓଲଟା ତାକୁ ହିଁ କୌଣସି ଏକ ଚାର୍ଜରେ ଅଟକାଇ ରଖି ଦେଉଥିଲେ । ଏହାହିଁ ଥିଲା ବାସ୍ତବ ଅବସ୍ଥା । ପାର୍ଲାମେଣ୍ଟାରୀ ବ୍ୟବସ୍ଥାରେ ଏକ ପ୍ରଗତିଶୀଳ ସରକାର, ବାମପନ୍ଥୀମାନଙ୍କ କଥା ଥାଉ, ସାମାନ୍ୟ ପ୍ରଗତିଶୀଳ ଟିକିଏ ବି ଯଦି ମାନବିକ ସରକାର ହୁଏ, ପୁରାପୁରି ଅନ୍ଧ ହୋଇନଥାଏ, ଅନ୍ତତଃ ମାଲିକର ଦଲାଲୀ କରିବାକୁ ଚାହେଁ ନାହିଁ, ଏହି ଅବସ୍ଥାରେ ବାସ୍ତବ ଦୃଷ୍ଟିଭଙ୍ଗୀରେ ସେ କଣ କରିପାରେ ? ତାହାର ସର୍ବପ୍ରଥମ ଓ ସର୍ବପ୍ରଧାନ କାମହେବା ଉଚିତ୍ ସାଧାରଣ ମଣିଷର ଗଣତାନ୍ତ୍ରିକ ଆନ୍ଦୋଳନ ଯଦି ନ୍ୟାୟସଙ୍ଗତ ଓ ଗଣତାନ୍ତ୍ରିକ ହୋଇଥାଏ ତେବେ ତାହାକୁ ପୋଲିସର ଏହି ଆଇନ୍ ଓ ଶୃଙ୍ଖଳାର ଆଳ ହାତରୁ, ପୋଲିସର ପ୍ରତ୍ୟକ୍ଷ ହସ୍ତକ୍ଷେପରୁ ରକ୍ଷା କରିବା ।

କିନ୍ତୁ ଶ୍ରମିକ ସମାଜକୁ ମଧ୍ୟ ସେମାନଙ୍କର ନ୍ୟାୟସଙ୍ଗତ ଗଣତାନ୍ତ୍ରିକ ଆନ୍ଦୋଳନକୁ ପୋଲିସର ହସ୍ତକ୍ଷେପରୁ ରକ୍ଷା କରିବାର ଏହି ତାତ୍ପର୍ଯ୍ୟଟିକୁ ସଠିକ୍‌ଭାବେ ବୁଝିବାକୁ ହେବ । ପୋଲିସ ହସ୍ତକ୍ଷେପରୁ ଆନ୍ଦୋଳନଗୁଡିକୁ ରକ୍ଷା କରିବାର ତାତ୍ପର୍ଯ୍ୟ କଣ ? ଏହି ରକ୍ଷା କରିବାର

ତାତ୍ପର୍ଯ୍ୟ ହେଲା– ବୃହତ୍ତର ଗଣଆନ୍ଦୋଳନ, ପୁଞ୍ଜିବାଦ ବିରୋଧୀ ଗଣଆନ୍ଦୋଳନର ଚେତନାରେ ଶ୍ରମିକମାନଙ୍କୁ ଉଦ୍‌ବୁଦ୍ଧ ଓ ସଂଘବଦ୍ଧ କରିବା ପାଇଁ ଯେଉଁ ଅବକାଶ ଆପଣମାନେ ପାଇଲେ, ସେଥିରେ ସମ୍ପୂର୍ଣ୍ଣଭାବେ ଆତ୍ମନିୟୋଗ କରିବାକୁ ହେବ । ଏହି ଅଧିକାରକୁ ଅପବ୍ୟବହାର କରିବା ଉଚିତ୍ ନୁହେଁ । ତାହାହେଲେ ଏହାର ପୁରା ଉଦ୍ଦେଶ୍ୟ ହିଁ ନଷ୍ଟ ହୋଇଯିବ, ବ୍ୟର୍ଥ ହୋଇଯିବ । ଯଦି ଛୋଟକାଟିଆ ସବୁ କଥାରେ ଆପଣମାନେ ଘେରାଓ କରିବାକୁ ଆରମ୍ଭ କରନ୍ତି, ତାହାହେଲେ ଏହାର ରାଜନୈତିକ ଉଦ୍ଦେଶ୍ୟ ହିଁ ବ୍ୟର୍ଥ ହୋଇଯିବ । ଫଳରେ ମୁଁ ମନେକରେ, ଏହି ପରିସ୍ଥିତିରେ ଶ୍ରମିକ ସମାଜକୁ ଦୁଇ ଧରଣର ଆନ୍ଦୋଳନ କରିବାକୁ ହେବ । ଗୋଟିଏ ହେଲା ସମସ୍ତ ପ୍ରତିକ୍ରିୟାଶୀଳ ଚକ୍ରାନ୍ତ ବିରୁଦ୍ଧରେ ସଚେତନ ସଂଘବଦ୍ଧ ଶକ୍ତିଶାଳୀ ରାଜନୈତିକ ପ୍ରତିରୋଧ ଗଢି ତୋଳିବାକୁ ହେବ । ଅନ୍ୟଦିଗରେ ସାମ୍ପ୍ରତିକ ପରିସ୍ଥିତିରେ ନିଜର ନ୍ୟାୟସଙ୍ଗତ ଆନ୍ଦୋଳନ ଗୁଡ଼ିକୁ ପରିଚାଳନା କଲାବେଳେ ଯଥେଷ୍ଟ ସଂଯମର ପରିଚୟ ଦେବାକୁ ହେବ । ସେମାନେ ମୁହୂର୍ତ୍ତକ ପାଇଁ ଭୁଲିଗଲେ ଚଳିବନାହିଁ ଯେ, ସରକାରଙ୍କର ଘୋଷିତ ଏହି ନୀତି ପରିବର୍ତ୍ତନ କରିବା ପାଇଁ କେନ୍ଦ୍ରସରକାର, ମାଲିକଶ୍ରେଣୀ, ସରକାରୀ ଅମଲାତନ୍ତ୍ରର ଏକ ଶକ୍ତିଶାଳୀ ଅଂଶ ଏପରିକି ଯୁକ୍ତଫ୍ରଣ୍ଟ ଅଭ୍ୟନ୍ତରରେ ମଧ୍ୟ କିଛି ଶକ୍ତିର ଏକ ସମ୍ମିଳିତ ଚାପ କାର୍ଯ୍ୟ କରୁଛି । ଏହା ଯୁକ୍ତଫ୍ରଣ୍ଟ ସରକାର । ସତ୍ୟ କଥାଟି ଆପଣମାନଙ୍କ ସାମ୍ନାକୁ ଆସିବା ଦରକାର । ଏହି ସରକାର ଏକଦଳୀୟ ସରକାର ନୁହେଁ ବା କେବଳ ବାମପନ୍ଥୀମାନଙ୍କୁ ନେଇ ଗଠିତ ବାମପନ୍ଥୀ ସରକାର ବି ନୁହେଁ । ଏହାଛଡା ଏହି ସରକାର ଏକ ପୁଞ୍ଜିବାଦୀ ରାଷ୍ଟ୍ର ବ୍ୟବସ୍ଥା ଭିତରେ ଏକ ସାମ୍ବିଧାନିକ ସୀମାବଦ୍ଧତା ଭିତରେ କାମ କରୁଛି । ଫଳରେ ଏହାର ଅନେକ ଅସୁବିଧା, ଆପଣମାନେ ଅନେକ ବିଷୟ ଆଶା କରିପାରନ୍ତି । କିନ୍ତୁ କେବଳ ଆଶା ହିଁ କରିବେ – ଏହି ଅସୁବିଧା ଗୁଡିକ କଥା ମନେ ରଖିବେ ନାହିଁ । ସେ ସମ୍ପର୍କରେ କୌଣସି ସଚେତନତା ଆପଣମାନଙ୍କର ରହିବନାହିଁ, କୌଣସି ହିସାବ ଆପଣମାନଙ୍କର ରହିବନାହିଁ, ତାହାହେଲେ ନିଜର ହିଁ ଅନିଷ୍ଟ କରିବେ । କିଭଳିଭାବେ ଅନିଷ୍ଟ କରିବେ ? ନା, ଗୋଟିଏ ଦିଗରେ ଯୁକ୍ତଫ୍ରଣ୍ଟ ସରକାର ଓ ତାହାର ପ୍ରଗତିଶୀଳ ନୀତି ଗୁଡିକ ଭଣ୍ଡୁର କରିବା ଉଦ୍ଦେଶ୍ୟରେ ପ୍ରତିକ୍ରିୟାଶୀଳମାନଙ୍କର ଯେଉଁ ଚକ୍ରାନ୍ତ ଚାଲିଛି ସେ ସଂକ୍ରାନ୍ତରେ ଆପଣମାନଙ୍କର ରାଜନୈତିକ ନିଷ୍କ୍ରିୟତା ଓ ଅନ୍ୟ ଦିଗରେ ସରକାରଙ୍କର ପ୍ରଗତିଶୀଳ ନୀତିର ତାତ୍ପର୍ଯ୍ୟ ନବୁଝି, ମୁଖ୍ୟ ଉଦ୍ଦେଶ୍ୟ କ'ଣ ସେଦିଗକୁ ସ୍ଥିର ଦୃଷ୍ଟି ନରଖି ପୋଲିସ ହସ୍ତକ୍ଷେପ କରିବ ନାହିଁ – ଏହାରି ସୁଯୋଗରେ ଏଭଳି ସବୁ ଉଗ୍ର ଆଚରଣ କରିଚାଲିବେ, ଛୋଟକାଟିଆ ତୁଚ୍ଛାତିତୁଚ୍ଛ ରାଗ, ବ୍ୟକ୍ତିଗତ ଆକ୍ରୋଶ, ଯାହାସବୁ ଏତେଦିନଯାଏ ଆପଣମାନଙ୍କ ମନରେ ଜମା ହୋଇ ରହିଛି, ସେଗୁଡିକୁ ପ୍ରକାଶ କରିଚାଲିବେ ଏବଂ ଯେଉଁ ସମସ୍ତ ପାର୍ଟି ଏହାର ରାଜନୈତିକ ତାତ୍ପର୍ଯ୍ୟ ଉପଲବ୍ଧି କରିନପାରିବା ଯୋଗୁଁ ହେଉ ଅଥବା ଅନ୍ୟ କୌଣସି

ଉଦ୍ଦେଶ୍ୟରେ ହେଉ ସାମୟିକ ସଂଗଠନ ବୃଦ୍ଧିର ହୀନ ସଂକୀର୍ଣ୍ଣ ପାର୍ଟି ସ୍ୱାର୍ଥରେ ଏହି ଅବସ୍ଥାର ପୂର୍ଣ୍ଣ ସୁଯୋଗ ଗ୍ରହଣ କରୁଛନ୍ତି, ସେମାନଙ୍କର ହୀନ ସ୍ୱାର୍ଥ ହାସଲର ଯନ୍ତ୍ରଭାବେ ବ୍ୟବହୃତ ହେବେ । ଏହା ଫଳରେ ମାଲିକଶ୍ରେଣୀ ଓ ଅନ୍ୟାନ୍ୟ ପ୍ରତିକ୍ରିୟାଶୀଳମାନଙ୍କ ହାତରେ ସରକାରକୁ ନିନ୍ଦିତ (discredit) କରିବା ପାଇଁ ସମସ୍ତ ବିରୋଧୀ ଶକ୍ତିକୁ ଏକତ୍ରିତ ହେବାର ସୁଯୋଗ ଆପଣମାନେ ଦେଇଦେବେ । ଆଉ ଏହିଭଳିଭାବରେ ଅନ୍ଧଭଳି ମାଲିକମାନଙ୍କ ହାତରେ ଗୋଟାକ ପରେ ଗୋଟିଏ ବିରୋଧୀ ଆକ୍ରମଣର ସୁଯୋଗ ଦେଇଚାଲିଲେ ଅବସ୍ଥା ଏଭଳି ହୋଇପାରେ ଯାହାର ମୁକାବିଲା କରିବା, ଏହି ସରକାର ପକ୍ଷରେ ସମ୍ଭବ ନୁହେଁ । କାରଣ ଏହି ସରକାର ଏଭଳି ନୁହେଁ ଯେ, ତାର ଯାହା ଇଚ୍ଛା, ତାହା କରିପାରେ ।

ଆରମ୍ଭରେ ମୁଁ ଏହି ପ୍ରସଙ୍ଗଟି ଧରି ମଧ୍ୟ ଆଲୋଚନା କରିପାରିନାହିଁ । ଜରୁରୀଭାବି ଅନ୍ୟଦିଗରୁ ଆଲୋଚନାରେ ପ୍ରବେଶ କରିଛି । ଆପଣମାନେ ମନେରଖିବା ଦରକାର ଏହି ସରକାର ପ୍ରବଳ କ୍ଷମତାବାନ, ସର୍ବକ୍ଷମତା ସମ୍ପନ୍ନ ଏକ ସଂସ୍ଥା ନୁହେଁ । ନିର୍ବାଚନ ଜରିଆରେ ସରକାର ପ୍ରତିଷ୍ଠିତ ହୋଇଗଲେ ହିଁ ଯେ, ସେହି ସରକାର ଇଚ୍ଛା ଅନୁଯାୟୀ ଆଇନ୍ ବଦଳାଇ ପାରିବ, ସବୁକିଛି କରିଦେଇ ପାରିବ - ଏହା ଏକ ମିଥ୍ୟାଚାର । ଏଇ ଯେମିତି, ସମ୍ପ୍ରତି ସରକାର ଗୋଟିଏ ବ୍ୟବସ୍ଥା ଗ୍ରହଣ କରିଛି, ତା ବିରୁଦ୍ଧରେ କେତେ ବାଧା, ତା ବିରୁଦ୍ଧରେ ପ୍ରତିକ୍ରିୟାଶୀଳ ଗୋଷ୍ଠୀ, କେତେ ହୋହାଲ୍ଲା ଆରମ୍ଭ କରିଛନ୍ତି । ଆପଣମାନଙ୍କୁ ସାବଧାନ କରିଦେବା ପାଇଁ ଚାହୁଁଛି, ବାଧାସୃଷ୍ଟି ଓ ହୋହାଲ୍ଲାର ଏହିଠାରେ ହିଁ ଶେଷ ନୁହେଁ । ଏହା ଏଇ ଆରମ୍ଭ ହେଲା ମାତ୍ର, ଏହା ଝଡର ପୂର୍ବାଭାଷ । ରାଜନୀତିରେ ଅଭିଜ୍ଞ ଲୋକମାତ୍ରେ ହିଁ ଜାଣନ୍ତି ଯେ ଏସବୁ କିଛି ବି ନୁହେଁ, ଏହା କେବଳ ପଶାକାଠିର ଚାଲ । ଏହା ଘୋଡାର ଚାଲ, ହାତୀର ଚାଲ ଆରମ୍ଭ ହୋଇନାହିଁ । ଏହିସବୁ ଖେଳ ଆରମ୍ଭ ହେବ । ସେତେବେଳେ ଏହି ସରକାର ତିଷ୍ଠି ରହିବ କି ରହିବ ନାହିଁ ତାହା ନିର୍ଭର କରିବ, ଏକମାତ୍ର ଗଣ ଆନ୍ଦୋଳନ, ଗଣଚେତନା, ଜନଗଣଙ୍କ ବିପ୍ଳବୀ ସଂଘବଦ୍ଧତା ଉପରେ ଆପଣମାନେ ଶ୍ରମିକମାନେ ଯଦି ରାଜନୈତିକ ଭାବେ ନିଷ୍କ୍ରିୟହୋଇ ବସିରହିବେ ଆଉ ଭାବିବେ ଯେ, ସରକାର ଯେତେବେଳେ ସର୍ବକ୍ଷମତା ସମ୍ପନ୍ନ ହୋଇ କ୍ଷମତାରେ ବସିଛି ସେତେବେଳେ ଆପଣମାନେ କେବଳ ନିଜର ଇଚ୍ଛା ଅନୁଯାୟୀ ଆଚରଣ କରିଯିବେ, ଆଉ କଂଗ୍ରେସ ବିରୁଦ୍ଧରେ, ମାଲିକମାନଙ୍କର ଷଡଯନ୍ତ୍ର ବିରୁଦ୍ଧରେ ସ୍ଲୋଗାନ୍ ଦେବେ, ମାତ୍ର ରାଜନୀତିର ଯେଉଁ ଚକ୍ରାନ୍ତ ଚାଲିଛି, ସେ ସମ୍ପର୍କରେ ଟିକେହେଲେ ଆପଣମାନେ ସଜାଗ ରହିବେ ନାହିଁ ଏବଂ ଅନ୍ୟମାନଙ୍କୁ ସଚେତନ କରିବେ ନାହିଁ, ତାହାହେଲେ ଦେଖିବେ ଆଖି ସାମ୍ନାରେ ଯେକୌଣସି ଦିନ ମନ୍ତ୍ରୀତ୍ୱ ଚାଲିଯାଇଛି, ଏହାକୁ ରୋକି ପାରିବେନାହିଁ । କାରଣ ଏହି ସରକାର କିଛି ନୁହେଁ । ଅସଲ ଶକ୍ତି ହେଲା

ରାଷ୍ଟ୍ର । ଅର୍ଥନୈତିକ କ୍ଷମତା ଯେଉଁମାନଙ୍କ ହାତରେ ରହିଛି ଯେଉଁମାନେ ବ୍ୟାଙ୍କ ପରିଚାଳନା କରନ୍ତି, କଳକାରଖାନା ପରିଚାଳନା କରନ୍ତି ଆଉ ରାଷ୍ଟ୍ରର ସ୍ଥାୟୀ ଷ୍ଟାଫ୍ ଅର୍ଥାତ୍ ରାଷ୍ଟ୍ରଯନ୍ତ୍ର ଯେଉଁମାନଙ୍କ ହାତରେ, ସେମାନେ ହିଁ ଅସଲ ଶକ୍ତି ।

ରାଷ୍ଟ୍ର ଓ ସରକାର (State and Government) ଇଂରାଜୀରେ ବି ଦୁଇଟି ଶବ୍ଦ, ଓଡିଆରେ ବି ଦୁଇଟି ଶବ୍ଦ, ସବୁଭାଷାରେ ହିଁ ଦୁଇଟି କଥା । ଭାଷାର ସୀମାବଦ୍ଧତା ନଥିଲେ– ଏହି ଦୁଇଟି କଥା ଏଇଥିପାଇଁ ଯେ ବିଷୟ ଦୁଇଟି ଅଲଗା । ରାଷ୍ଟ୍ର କହିଲେ ଗୋଟିଏ ବ୍ୟବସ୍ଥା, ଗୋଟିଏ ସିଷ୍ଟମ (System)କୁ ବୁଝାଏ । ଆଇନଶୃଙ୍ଖଳାର ଏକ ଧାରଣା, ନୀତି ସମ୍ପର୍କିତ ଏକ ଧାରଣାକୁ ବୁଝାଏ । କେତେଗୁଡିଏ ମୌଳିକ ଅଧିକାରର ଧାରଣାକୁ ବୁଝାଏ । ଆଉ ତାହାରି ଭିତ୍ତିରେ ତାକୁ ରକ୍ଷା କରିବାପାଇଁ ଅମଲାତନ୍ତ୍ର, ପ୍ରଶାସନିକ ବିଭାଗ, ବିଚାର ବିଭାଗ ଏବଂ ସଶସ୍ତ୍ର ସାମରିକ ବାହିନୀ– ଏହି ସମାବେଶକୁ ବୁଝାଏ । ଆଉ ସରକାର ହେଲା ଆମ ଭାଷାରେ ତାହାର ଜଗୁଆଳୀ, ଏହାର ଦେଖାଶୁଣା କରେ । ଯେମିତି ଗୋଟିଏ ତନ୍ତ । ତାହା ଏକ ଯନ୍ତ୍ର, ଗୋଟିଏ ନିୟମରେ କାମକରେ । ସେଥିରେ ଓଲଟ ପାଲଟ ନାହିଁ । ତାହାର ଗଠନଟି ଏଭଳି ଯେ, ଏକ ବିଶେଷ ନିୟମରେ ଏହିଭଳିଭାବେ ସୂତା ପଶିବ, ଏହିଭଳିଭାବେ ଲୁଗା ବାହାରିବ । ଟିକିଏ ଓଲଟପାଲଟ ହୋଇଗଲେ, ଯନ୍ତ୍ରଟି ଅଚଳ ହୋଇଯିବ । ପୁଣି ତାକୁ ମରାମତି କରିବାକୁ ହେବ । କିନ୍ତୁ ତନ୍ତ ଯଦି ଠିକ୍ ଥାଏ, ତେବେ ସେହି ଏକା ନିୟମରେ ସୂତା ଭିତରକୁ ଯିବ ଏବଂ ସମାନ ନିୟମରେ ଲୁଗା ବାହାରି ଆସିବ ଏବଂ ଭାଙ୍ଗ ହୋଇଚାଲିବ । ସେହିଭଳି ରାଷ୍ଟ୍ରଯନ୍ତ୍ର ହେଉଛି ଅନେକାଂଶରେ ଏହି ତନ୍ତଭଳି । ରାଷ୍ଟ୍ର ବ୍ୟବସ୍ଥାଟି ଅନେକାଂଶରେ ଏହିଭଳି ଏକ ଯନ୍ତ୍ର, ଆଉ ସରକାର ହେଉଛନ୍ତି ତନ୍ତୀ । ତନ୍ତୀ ଯାହାକୁ ବି କରାଯାଉ ଯେତେବେଳଯାଏ ତନ୍ତଟି ଥିବ ସେତେବେଳଯାଏ ଲୁଗା ହିଁ ବୁଣିବାକୁ ହେବ । ତନ୍ତୀ ପରିବର୍ତ୍ତନ ହେଲେ ପାର୍ଥକ୍ୟ କ'ଣ ହୁଏ ? ଲୁଗା ବୁଣିବା କ୍ଷେତ୍ରରେ ଜଣେ ଖରାପ ତନ୍ତୀ, ଫାଙ୍କିବାଜ ତନ୍ତୀ ହେଲେ କାମରେ ଫାଙ୍କି ଦିଏ, ବେଶୀ ସମୟ ନିଏ, କମ୍ ଲୁଗା ବୁଣେ; ଭଲ ତନ୍ତୀ ହେଲେ କମ୍ ସମୟରେ ବେଶୀ ଲୁଗା ବୁଣେ, ସୁନ୍ଦର ଲୁଗା ବୁଣେ । ଏହା ହେଲା ବ୍ୟକ୍ତିଗତ ବ୍ୟବହାର । ମୁଁ କହୁଛି ଯେ, ଏହି ସରକାର ପରିବର୍ତ୍ତନ ହେଲେ ତନ୍ତୀ ପରିବର୍ତ୍ତନ ହେଲାଭଳି । ଆଉ ରାଷ୍ଟ୍ରର ପରିବର୍ତ୍ତନ, ସମାଜ ବ୍ୟବସ୍ଥାର ପରିବର୍ତ୍ତନର ଅର୍ଥ ହେଲା ତନ୍ତଟାକୁ ହିଁ ବଦଳାଇ ଆଉ ଗୋଟିଏ ଯନ୍ତ୍ର ବସାଇବା । ଏବେ ତନ୍ତଟାକୁ ମନେ କରନ୍ତୁ ରାଷ୍ଟ୍ରଯନ୍ତ୍ର, ଯେଉଁ ଯନ୍ତ୍ର ଦ୍ୱାରା ଶୋଷଣ ବାହାରୁଛି ଆଉ ଲୁଗାଟାକୁ ମନେକରନ୍ତୁ ଶୋଷଣ ଅର୍ଥାତ ଆପଣମାନଙ୍କ ଉପରେ ଯେଉଁ ଅତ୍ୟାଚାର ଜୁଲୁମ୍ ହେଉଛି – ଏହି ଜୁଲୁମ୍ ଅତ୍ୟାଚାରଗୁଡିକ ଏହି ଶୋଷଣ ଯନ୍ତ୍ର ଭିତରୁ ବାହାରି ଆସୁଛି । ପୁଞ୍ଜିବାଦ ବା ପୁଞ୍ଜିବାଦୀ ରାଷ୍ଟ୍ରଟି ହେଉଛି ଏହି ତନ୍ତ ଭଳି ଏକ ଯନ୍ତ୍ର । ଯାହା ଭିତରୁ କ୍ରମାଗତ ଶୋଷଣ ବାହାରୁଛି । ଏପରି ଏକ ସମାଜ ବ୍ୟବସ୍ଥା ଯାହା

ବେକାର ସୃଷ୍ଟି କରେ, ଫଟକାବାଜି ସୃଷ୍ଟି କରେ, ଉତ୍ପାଦନ କ୍ଷେତ୍ରରେ ଅରାଜକତା ଏବଂ ସଂକଟ (Anarchy & crisis in production) ସୃଷ୍ଟି କରେ, ତାହା ନିଜର ସଂକଟ ଡାକିଆଣେ ଓ ବଜାର ସଂକଟ ନିଜେ ହିଁ ସୃଷ୍ଟିକରେ, ବଜାର ମାନ୍ଦା ନିଜେ ହିଁ ସୃଷ୍ଟିକରେ, ଉତ୍ପାଦନର ସଂକଟ ସୃଷ୍ଟିକରେ, ବିଜ୍ଞାନର ଅଗ୍ରଗତି ନାମରେ ସଂକଟ ସୃଷ୍ଟିକରେ, କେବଳ ମାଲିକମାନଙ୍କର ମୁନାଫା ବଢାଏ । ଏବଂ ଏହିଭଳିଭାବେ ସମାଜ ବ୍ୟବସ୍ଥାକୁ ଦେଖିବାପାଇଁ ଉପଯୁକ୍ତ ସମ୍ବିଧାନ, ଆଇନ୍ କାନୁନ୍, ସାମରିକ ବାହିନୀ, ସଶସ୍ତ୍ର ବାହିନୀ, ପୋଲିସ - ବ୍ୟୁରୋକ୍ରାଟ୍, ଶାସନ ଯନ୍ତ୍ର ଏବଂ ବିଚାର ବିଭାଗକୁ ନେଇ ଯେଉଁ ଢାଞ୍ଚାଟି ଗଢିଉଠିଛି, ତାହାହେଲା ରାଷ୍ଟ୍ର ଏବଂ ତାକୁ ମୁଁ କହୁଛି ତନ୍ତ । ତାହା ଏକ ତନ୍ତ ଭଳି, ଏବଂ ସରକାର ହେଉଛି ତନ୍ତୀ । ତେଣୁ ମୋ ବକ୍ତବ୍ୟ ହେଲା ତନ୍ତୀର କ୍ଷମତା କେତେ ସୀମିତ । ତନ୍ତୀ ଇଚ୍ଛାକଲେ ହିଁ ତନ୍ତ ଦ୍ୱାରା ଆଖୁ ପେଡିପାରିବ କି ? ଠିକ୍ ସେହିଭଳି ଯେକୌଣସି ସରକାର ଇଚ୍ଛା କଲେ ହିଁ କ'ଣ ଏ ପୁଞ୍ଜିବାଦୀ ରାଷ୍ଟ୍ର ବ୍ୟବସ୍ଥା, ଅର୍ଥନୈତିକ ବ୍ୟବସ୍ଥା ବା ରାଷ୍ଟ୍ରର ଢାଞ୍ଚାଟି ଜରିଆରେ ସମାଜବାଦ ପ୍ରବର୍ତ୍ତନ କରିଦେବ ବା ଜନସାଧାରଣଙ୍କ ମୁକ୍ତି ଆଣିଦେଇପାରିବ ? ସ୍ୱାଧୀନତା ଆଣିଦେଇ ପାରିବ ? ପାରିବ ନାହିଁ ବୋଲି ହିଁ ଶ୍ରମଜୀବୀ ଜନସାଧାରଣଙ୍କୁ ସଫଳ ବିପ୍ଳବର ଆଘାତରେ ଶୋଷଣମୂଳକ ସମାଜ ବ୍ୟବସ୍ଥାକୁ ପରିବର୍ତ୍ତନକରି ଶୋଷଣହୀନ ସମାଜତାନ୍ତ୍ରିକ ସମାଜ ବ୍ୟବସ୍ଥା ପ୍ରତିଷ୍ଠା କରିବା ପାଇଁ ସଠିକ୍ ବିପ୍ଳବୀ ତତ୍ତ୍ୱର ଭିତ୍ତିରେ ଉପଯୁକ୍ତ ରାଜନୈତିକ ନେତୃତ୍ୱ ଗଢିତୋଳିବାକୁ ହେବ । ଗୋଟିଏଦିଗରେ ନେତୃତ୍ୱର ଏହି ରାଜନୈତିକ ସଂଗଠନ ଅପରଦିଗରେ ବିପ୍ଳବୀ ଗଣଆନ୍ଦୋଳନଗୁଡିକ ପରିଚାଳନା ମଧ୍ୟଦେଇ ବିପ୍ଳବର ଅମୋଘ ସଂଗଠିତ ଶକ୍ତି ଗଢି ତୋଳିପାରିଲେ ହିଁ ଶ୍ରମଜୀବୀ ଜନସାଧାରଣଙ୍କର ଇନକ୍ୱିଲାବ୍‌ର ସ୍ୱପ୍ନ ବାସ୍ତବରେ ସଫଳ ହେବ ।

ସେହି ଆନ୍ଦୋଳନ ଏବଂ ସଂଗଠନ ଗଢିତୋଳିବା ହିଁ ହେଲା ମୂଳ କଥା । ସେହି ଆନ୍ଦୋଳନ ଓ ସଂଗଠନ ଅତି ଦ୍ରୁତ ଗଢିତୋଳିବା ଉଦ୍ଦେଶ୍ୟରେ ହିଁ ଶ୍ରମିକମାନଙ୍କ ଆନ୍ଦୋଳନରେ ପୋଲିସ ହସ୍ତକ୍ଷେପ କରିବ ନାହିଁ, ଏହି ନୀତି ନିର୍ଦ୍ଧାରିତ ହେଉଛି, ଶ୍ରମିକ ମାନଙ୍କର ବ୍ୟକ୍ତିଗତ ସୁବିଧା ହାସଲ ପାଇଁ ନୁହେଁ ବା କୌଣସି ରାଜନୈତିକ ଦଳର ସଂକୀର୍ଣ୍ଣ ପାର୍ଟି ସ୍ୱାର୍ଥ ହାସଲର ଉଦ୍ଦେଶ୍ୟରେ ନୁହେଁ । ଫଳରେ ଏହି ରାଜନୈତିକ ଉଦ୍ଦେଶ୍ୟରୁ ବିଚ୍ୟୁତ ହୋଇ ନିଜର କ୍ଷୁଦ୍ର ବ୍ୟକ୍ତିଗତ ସ୍ୱାର୍ଥରେ ଯଦି ସରକାରଙ୍କର ଏହି ବୈପ୍ଳବିକ ତାତ୍ପର୍ଯ୍ୟପୂର୍ଣ୍ଣ ଘୋଷଣାଟିକୁ ଶ୍ରମିକମାନେ ଅଯଥା ଅପବ୍ୟବହାର କରନ୍ତି ତେବେ ସେମାନେ ନିଜେ ହିଁ ନିଜ ଗୋଡରେ କୁରାଢୀ ମାରିବେ । ଏହି କଥାଟି ଶ୍ରମିକମାନେ ମନେ ରଖିବା ଦରକାର । ଆଉ ଏହାରି ପରିପ୍ରେକ୍ଷୀରେ ସମସ୍ତ ଘଟଣାକୁ ବିଚାର ବିଶ୍ଲେଷଣ କରିବା ଦରକାର । ଗୋଟିଏ କଥା ଆଦୌ ଭୁଲିଯିବା ଉଚିତ୍ ନୁହେଁ ଯେ, ଭାରତବର୍ଷର ଏହି ସମାଜରେ ଯେତେବେଳେଯାଏ ପୁଞ୍ଜିପତିମାନଙ୍କର ଅଧୀନରେ

ବ୍ୟବସାୟ, ବାଣିଜ୍ୟ ଚଳାଇବା ଏବଂ ପୁଞ୍ଜିବାଦୀ ଜୁଲୁମ୍ ଓ ଶୋଷଣର ଅଧିକାର ଅବ୍ୟାହତ ରହିଥିବ, ସେତେବେଳଯାଏ କୌଣସି ମନ୍ତ୍ରୀ, କୌଣସି ସରକାର - ତାହା ଯେତେ ଆଇନ୍ ପ୍ରବର୍ତ୍ତନ କରୁନା କାହିଁକି, ଯେତେ ଅଧିକାର ଶ୍ରମିକମାନଙ୍କୁ ଦିଅନ୍ତୁ, ଶ୍ରମିକମାନଙ୍କର ମୁକ୍ତି ତାହାଦ୍ୱାରା ଅର୍ଜିତ ହୋଇପାରିବ ନାହିଁ । ଏକମାତ୍ର ପୁଞ୍ଜିବାଦ ବିରୋଧୀ ବିପ୍ଳବର ସଂଗଠନ ଗଢିତୋଳି ଏବଂ ପୁଞ୍ଜିବାଦୀ ବ୍ୟବସ୍ଥା ଉଚ୍ଛେଦ ମଧ୍ୟଦେଇ ଶ୍ରମିକମାନଙ୍କର ମୁକ୍ତି ଅର୍ଜନ ହୋଇପାରିବ ।

ଏହି ଦୃଷ୍ଟିଭଙ୍ଗୀର ପରିପ୍ରେକ୍ଷୀରେ ହିଁ ଯୁକ୍ତଫ୍ରଣ୍ଟ ସରକାରର ପ୍ରଗତିଶୀଳ ଶ୍ରମନୀତିର ତାତ୍ପର୍ଯ୍ୟକୁ ବୁଝିବାକୁ ହେବ । ଏହାର ତାତ୍ପର୍ଯ୍ୟ ହେଲା ଯେତେବେଳଯାଏ ଏହି ସରକାର ରହିଛି, ଏହି ଶ୍ରମନୀତି ରହିଛି, ସେତେବେଳଯାଏ ଶ୍ରମିକମାନଙ୍କୁ ଦୃଢ ସଂଘବଦ୍ଧ ହେବାକୁ ପଡିବ, ରାଜନୈତିକ ଚେତନାରେ ଉଦ୍‌ବୁଦ୍ଧ କରିବାକୁ ହେବ । ଦେଶବ୍ୟାପୀ ସଂଗଠନକୁ ବିରାଟ ଆକାରରେ ପ୍ରତିଷ୍ଠିତ କରିବାକୁ ହେବ । ଏହା ଏକ ସୁବର୍ଣ୍ଣ ସୁଯୋଗ । ଆମେ ଯଦି ଏହି ସମୟର ସଦ୍‌ବ୍ୟବହାର କରି ସଂଗଠିତ ହୋଇନପାରୁ ଜନସାଧାରଣଙ୍କୁ ସୁସ୍ପଷ୍ଟ ରାଜନୈତିକ ଚେତନାରେ ଉଦ୍‌ବୁଦ୍ଧ କରି ନପାରୁ ତାହାହେଲେ ପୁଣି ଯେତେବେଳେ ଆକ୍ରମଣ ଆସିବ, ସେତେବେଳେ ଆମେ ଛିନ୍ନଛତ୍ର ହୋଇଯିବା । ସେତେବେଳେ ତା ବିରୁଦ୍ଧରେ ସଂଘବଦ୍ଧ ଓ ଦୃଢ ପ୍ରତିରୋଧ ଶକ୍ତି ଗଢି ତୋଳିପାରିବାର କ୍ଷମତା ଆମର ଆଉ ନଥିବ । ଆମେ ଦେଖିବାକୁ ପାଉଛୁ ଶ୍ରମନୀତିର ଏହି ତାତ୍ପର୍ଯ୍ୟ ବୁଝି ନପାରି ସଂଗଠନ ଓ ଜନଗଣଙ୍କର ରାଜନୈତିକ ଚେତନା ଗଢିତୋଳିବାର ଦାୟିତ୍ୱ ଏଡେଇ ଯାଇ ଆନ୍ଦୋଳନ ନାମରେ ଠିକ୍ ଓଲଟା ଘଟଣାଟି ଘଟୁଛି । ଏହା ଏକ ଅଜବ କାଣ୍ଡ । ଅନ୍ୟମାନେ କଲେ ବି ଆପଣମାନଙ୍କର, ଶ୍ରମିକମାନଙ୍କର ଏହି ନୀତିର ଯେଭଳି ଅପବ୍ୟବହାର ନହୁଏ, ଅନ୍ୟମାନଙ୍କୁ ଏକଥା ବୁଝାଇବା ଏକ ଜରୁରୀ ଦାୟିତ୍ୱ - ଯଦ୍ୱାରା କ୍ଷୁଦ୍ର ଦଳୀୟ ସ୍ୱାର୍ଥରେ ଅଥବା ୟୁନିୟନ୍‌ର କ୍ଷୁଦ୍ର ସ୍ୱାର୍ଥରେ ଅଥବା କ୍ଷୁଦ୍ର ବ୍ୟକ୍ତିଗତ ସ୍ୱାର୍ଥରେ ଏହି ନୀତିର ସୁବିଧାକୁ କେହି ନ ନିଅନ୍ତି । ଆପଣମାନେ ଟିକିଏ ଭାବି ଦେଖନ୍ତୁ, ଘେରାଓ ଯୁକ୍ତଫ୍ରଣ୍ଟ ସରକାର ଗଠିତ ହେବା ପୂର୍ବରୁ ବି ହୋଇଛି, ଏହିଭଳି ତୀବ୍ରତାରେ ବି ଏହାଠାରୁ ବଡ ଆକାରରେ ହୋଇଛି । ମାତ୍ର ମାଲିକ ପକ୍ଷ ଏହି ଘେରାଓକୁ ନେଇ ପୂର୍ବରୁ ଏତେ ହଇଚଇ କରିନାହିଁ । ନ୍ୟାୟସଙ୍ଗତ ଗଣତାନ୍ତ୍ରିକ ଟ୍ରେଡ ୟୁନିୟନ୍ ଆନ୍ଦୋଳନରେ ପୋଲିସ ହସ୍ତକ୍ଷେପ କରିବ ନାହିଁ - ଏହି ଘୋଷଣାଟି ପରେ ହିଁ ସେମାନେ ଏତେ ହଇଚଇ କରୁଛନ୍ତି । ଫଳରେ ଦେଖାଯାଉଛି ଘେରାଓକୁ ନେଇ ଯେତେ ଚିତ୍କାର ସେମାନେ କରନ୍ତୁ, ସେମାନଙ୍କ ଆକ୍ରମଣର ଅସଲ ଲକ୍ଷ୍ୟହେଲା ସରକାରଙ୍କର ଏହି ଘୋଷିତ ନୀତିଟିକୁ ହିଁ ଭଣ୍ଡୁର କରିବା ।

ଫଳରେ ଏତେ ବଡ ଏକ ଘୋଷଣା ଯାହା ମାଲିକମାନଙ୍କର ଭିତ୍ତିକୁ ହିଁ ଥରାଇ ଦେଇଛି, ତାହା କ'ଣ ଏକ କ୍ଷୁଦ୍ର ସ୍ୱାର୍ଥରେ ବ୍ୟବହୃତ ହେବାପାଇଁ ତିଆରି ହୋଇଛି ? ନା' । ଏହା ତିଆରି ହୋଇଛି ସମଗ୍ର ରାଜ୍ୟର ଶ୍ରମିକ, ଜନସାଧାରଣଙ୍କୁ ଏହି ସୁଯୋଗରେ ଯେତେ ଶୀଘ୍ର ସମ୍ଭବ ବୈପ୍ଳବିକ ଚେତନାରେ ସଂଘବଦ୍ଧ କରିବା, ଗଣ ଆନ୍ଦୋଳନଗୁଡିକୁ ଉନ୍ନତତର କରିବା ଏବଂ ଲୌହଦୃଢ ସଂଗଠନ ଗଢିତୋଳିବା ଉଦ୍ଦେଶ୍ୟରେ – ଯଦ୍ୱାରାକି କେବେହେଲେ କୌଣସି ଷଡଯନ୍ତ୍ର ଦ୍ୱାରା ଏହି ସରକାରକୁ ଭାଙ୍ଗି ଦେବାର ଯଦି ଚେଷ୍ଟା ହୁଏ, ତେବେ ଏହି ସଂଘବଦ୍ଧତା ବଳରେ ଆମେ ତାକୁ ରୋକିପାରିବା । ମାତ୍ର ବର୍ତ୍ତମାନ ଯାହାହେଉଛି, ସେଥିରେ କାଲି ଯଦି ଏହି ସରକାରକୁ ଭାଙ୍ଗି ଦେବା ପାଇଁ ଆକ୍ରମଣ ଆସେ, ତେବେ ଦେଶରେ ଲୋକେ ଦୁଇ ଚାରି ଦିନ ରାସ୍ତାର ବିଭିନ୍ନ ଛକରେ ଅତିବେଶୀରେ ଇଟା ପଥର ଫୋପାଡି ପାରନ୍ତି, ଏହାଛଡା ଆଉ କିଛି କରିପାରିବେ କି ? ଆଉ କିଛି କରିବାର କ୍ଷମତା ଅଛି କି ? ସମସ୍ତ ଶ୍ରମିକ ସମାଜ – ଯେଉଁମାନଙ୍କ ଉପକାର ପାଇଁ ଏତେବଡ ଏକ ନୀତି ଘୋଷିତ ହେଲା, ଯଦି ମାଲିକମାନଙ୍କ ଆକ୍ରମଣରେ, କେନ୍ଦ୍ର ସରକାରଙ୍କ ଆକ୍ରମଣରେ ବା କାଏମୀ ଗୋଷ୍ଠୀର ସଂଘବଦ୍ଧ ଆକ୍ରମଣ ସାମ୍ନାରେ ଏହି ସରକାରକୁ ହଟିଯିବାକୁ ପଡେ, ତେବେ ଆଜି ଶ୍ରମିକ ସମାଜ ଯେଉଁ ଅବସ୍ଥାରେ ରହିଛନ୍ତି ତାହାକୁ କ'ଣ ସେମାନେ ରକ୍ଷା କରିପାରିବେ ? ତାଙ୍କର ସେହି ସାଙ୍ଗଠନିକ ଶକ୍ତି ଅଛି କି ? ନାହିଁ । ଅତିବେଶୀରେ ଦୁଇ ଚାରି ଦିନ ରାସ୍ତାଘାଟରେ ଢେଲା ପଥର ଫିଙ୍ଗିବେ । ମାତ୍ର ଏହି ଢେଲା ପଥରକୁ ସେମାନେ ଭୟ କରନ୍ତି ନାହିଁ । ସେମାନେ ବରଂ ଚାହାନ୍ତି ଅସଂଗଠିତ ଅବସ୍ଥାରେ ହିଁ ଢେଲା ପଥର ଫିଙ୍ଗିବା ହେଉ, ସେଥିରେ ସେମାନଙ୍କର ଆହୁରି ସୁବିଧା ହେବ । କାରଣ ତାହାହେଲେ ଆଇନ୍ ଶୃଙ୍ଖଳା ରକ୍ଷା କରିବା ନାଁରେ ଦମନ ନିପୀଡନର ଷ୍ଟିମ୍ ରୋଲର୍, ସେମାନେ ଆହୁରି ଦୃଢ ହସ୍ତରେ ଚଳାଇ ପାରିବେ । ଏହିସବୁର ଦ୍ୱାହିଦେଇ ସେମାନଙ୍କର ଅତ୍ୟାଚାରୀ ଯନ୍ତ୍ରଟିକୁ ଆହୁରି ଶକ୍ତିଶାଳୀ କରିପାରିବେ । ଯେଉଁମାନେ ମଧ୍ୟବିତ୍ତ ସମ୍ପ୍ରଦାୟର ଲୋକ, ମାଲିକ ଆଉ ଶ୍ରମିକମାନଙ୍କ ମଝିରେ ଯେଉଁ ସାଧାରଣ ମଣିଷ, ଏହିସବୁ ଘଟଣାକୁ ଉପଲକ୍ଷ୍ୟ କରି ସେମାନଙ୍କୁ ପ୍ରତିକ୍ରିୟା ଦିଗକୁ ଟାଣି ନେବାକୁ ସୁବିଧା ହେବ । ଶ୍ରମିକଙ୍କୁ ବ୍ୟାପକ ଜନସାଧାରଣଙ୍କଠାରୁ ବିଚ୍ଛିନ୍ନ କରିଦେଇ ପାରିବେ । ସେଥିପାଇଁ ମାଲିକମାନେ ଏସବୁକୁ ଭୟ ପାଆନ୍ତିନାହିଁ ।

ସେମାନେ ଭୟ କରନ୍ତି ରାଜନୈତିକ ଚେତନାରେ ଉଦ୍‌ବୁଦ୍ଧ ସଂଯମୀ ଶକ୍ତିଶାଳୀ ସଗଠନକୁ । ସେହି ସଂଗଠନ ଯେତେବେଳେ ଲଢିବ, ତାଙ୍କୁ ଇଞ୍ଚେ ଜମିରୁ ହଟାଯାଇ ପାରିବନାହିଁ । ଢେଲା ପଥର ଦେଇ ହେଉ ବା ଯେକୌଣସି ଅସ୍ତ୍ର ଦେଇ ହେଉ, ସେହି ଲଢେଇ ରାସ୍ତାଘାଟରେ କେତେଗୁଡିଏ ଲୋକଙ୍କର ବିଚ୍ଛିନ୍ନ ବିକ୍ଷୋଭ ନୁହେଁ – ଏହା ଏକ ସଂଘବଦ୍ଧ ପ୍ରତିରୋଧ । ଢେଲା ପଥର ଦେଇ ତାହା ଆରମ୍ଭ ହୋଇପାରେ ଏବଂ ଶେଷ

ପର୍ଯ୍ୟନ୍ତ ସେ ଲଢେଇ ସମ୍ପୂର୍ଣ୍ଣ ଚୂଡାନ୍ତ ଶକ୍ତିର ମୁକାବିଲାକୁ ଯାଇପାରେ । ଦୈନନ୍ଦିନ ଆନ୍ଦୋଳନଗୁଡିକୁ ପରିଚାଳନା ଜରିଆରେ ସେହିଭଳିଭାବେ ରାଜନୈତିକ ଚେତନାବଦ୍ଧ ସଂଗଠନ ଗଢିତୋଳିବା ହିଁ ହେଲା ସାମ୍ପ୍ରତିକ ଶ୍ରମନୀତିର ତାତ୍ପର୍ଯ୍ୟ । ମାତ୍ର ମୁଁ ଦେଖିବାକୁ ପାଉଛି ଦେଶର ଶ୍ରମିକ ସମାଜ ସେ ସମ୍ପର୍କରେ ଆଦୌ ଅବଗତ ନୁହଁନ୍ତି । କେବଳ ଶ୍ରମିକ ସମାଜ ଯେ ଅବଗତ ନୁହଁନ୍ତି ତା'ନୁହେଁ, ଟ୍ରେଡ ୟୁନିୟନ୍ ନେତାମାନେ, ବିଭିନ୍ନ ପାର୍ଟିର ନେତା ଓ କର୍ମୀ – ଯେଉଁମାନେ ଟ୍ରେଡ ୟୁନିୟନ୍‌ଗୁଡିକୁ ପରିଚାଳନା କରନ୍ତି, ବିଭିନ୍ନ ରାଜନୈତିକ ଦଳ, ଯେଉଁମାନେ ଏହି ଶ୍ରମନୀତିକୁ ଖୁବ୍ 'ପ୍ରଗତିଶୀଳ' 'ପ୍ରଗତିଶୀଳ' ବୋଲି କରତାଳି ଦେଇ ସମର୍ଥନ ଜଣାଉଛନ୍ତି, ସେମାନେ ବି ଏହାର ଅନ୍ତର୍ନିହିତ ତାତ୍ପର୍ଯ୍ୟ, ଏହି ପ୍ରଗତିଶୀଳ ନୀତିର ସୁଦୂର ପ୍ରସାରୀ ବିରାଟ ବୈପ୍ଳବିକ ତାତ୍ପର୍ଯ୍ୟ (the inner meaning, the significance, the tremendous revolutionary importance of this declaration) ଯଥାର୍ଥଭାବେ ହୃଦୟଙ୍ଗମ କରିପାରିଛନ୍ତି କି ? ମୁଁ ତାହା ମନେକରେ ନାହିଁ । ସେମାନଙ୍କ ବ୍ୟବହାରରୁ ମନେ ହୁଏ, ସେମାନେ କାଣିଚାଏ ବି ଏହାର ତାତ୍ପର୍ଯ୍ୟ ବୁଝିନାହାନ୍ତି । ସେମାନେ ଖାଲି ବୁଝିଛନ୍ତି କିଭଳିଭାବେ ଏଥିରୁ ଆଶୁ ସଂକୀର୍ଣ୍ଣ ଦଳୀୟ ବା ବ୍ୟକ୍ତିଗତ ସ୍ୱାର୍ଥସିଦ୍ଧି କରାଯାଇପାରିବ । ଏତେବଡ ଏକ ସୁଯୋଗ ପୂର୍ବରୁ କେବେ ବି ଦେଖାଯାଇନାହିଁ, ଏପରିକି କେରଳର କମ୍ୟୁନିଷ୍ଟ ସରକାର, ଏହା କରିବାକୁ ସକ୍ଷମ ହୋଇନାହିଁ । କେବେହେଲେ କେହି ଆଶା କରିନାହାନ୍ତି ଯେ, ଜନସାଧାରଣ ଯେତେବେଳେ ନ୍ୟାୟସଙ୍ଗତ ଗଣତାନ୍ତ୍ରିକ ଆନ୍ଦୋଳନ କରିବେ, ସେଠାକୁ ପୋଲିସ ଆସିପାରିବନାହିଁ । ସରକାରୀ ଗାଦିରେ ଯେଉଁମାନେ ବସିଛନ୍ତି ସେମାନେ ଯେତେବେଳଯାଏ ସରକାରୀ ଗାଦିରେ ବସିଥିବେ, ସେତେବେଳଯାଏ ଏଭଳି ଘଟଣା ଘଟି ପାରିବନାହିଁ, ସେମାନେ ଘଟିବାକୁ ଦେବେନାହିଁ । ଏହାର ଅର୍ଥ କ'ଣ ଏଇଆ ଯେ – ସେମାନେ ଯାହା କରିଚାଲିଛନ୍ତି – ଯେ ଅମୁକ ମ୍ୟାନେଜର ଏଇ କଥା କହୁଛନ୍ତି ଓ ସଙ୍ଗେ ସଙ୍ଗେ ତାକୁ ଘେରାଓ କରାଗଲା, ୨୪ ଘଣ୍ଟା ପାନରୁ ଚୂନ ଖସୁ ନଖସୁଣୁ ଘେରାଓ କରାଯାଉଛି ବା ଏହିଭଳି କିଛି ହେଉଛି, ଯଦ୍ୱାରାକି ନିରବଚ୍ଛିନ୍ନ ଭାବରେ ଯେଉଁ ସୁଯୋଗ ପାଇ ଶ୍ରମିକମାନଙ୍କର ମୂଳ କାର୍ଯ୍ୟଧାରା ଯେଉଁ ଦିଗକୁ ଯିବାକଥା – ଅର୍ଥାତ୍ ଶ୍ରମିକମାନଙ୍କର ସମ୍ମିଳନୀ କରିବା, କ୍ଲାସ କରିବା, ନ୍ୟାଯ୍ୟ ଦାବିଗୁଡିକ ଭିତ୍ତିରେ ଶୃଙ୍ଖଳିତ ଓ ସଂଘବଦ୍ଧ ବଡ ବଡ ଆନ୍ଦୋଳନ ଗଢି ତୋଳିବା, ମିଟିଂ କରିବା, ଶୋଭାଯାତ୍ରା କରିବା, ଯାହା ମଧ୍ୟଦେଇ ଶ୍ରମିକମାନଙ୍କୁ ଏହି ନୀତିର ତାତ୍ପର୍ଯ୍ୟ ବୁଝାଯାଇପାରେ, ତାହା ହେଉନାହିଁ । ଏହି ଶ୍ରମନୀତିର ଉଦ୍ଦେଶ୍ୟ ହେଉଛି ଗୋଟିଏଦିଗରେ ନ୍ୟାୟସଙ୍ଗତ ଦାବିରେ ଆନ୍ଦୋଳନ ଚଳାଇବା ଅଥଚ ଉଗ୍ରତା ପ୍ରକାଶ ନକରିବା, ମାଲିକକୁ କୌଣସି ସୁଯୋଗ ନଦେବା, ଯଦ୍ୱାରା କି ସେମାନେ ସେହି ସୁଯୋଗରେ ଜନମତକୁ ବିଭ୍ରାନ୍ତକରି ଆଇନ୍ ଶୃଙ୍ଖଳା ନାଁରେ ସରକାରଙ୍କର ପ୍ରଗତିଶୀଳ

ନୀତିକୁ ଭଣ୍ଡୁର କରିଦେଇପାରିବେ । ଆଉ ଅନ୍ୟଦିଗରେ ମାଲିକ ଓ ପ୍ରତିକ୍ରିୟାଶୀଳ ଗୋଷ୍ଠୀ ପକ୍ଷରୁ ଯେଉଁ ଚକ୍ରାନ୍ତ ଚାଲିଛି, ସେ ସମ୍ପର୍କରେ ରାଜନୀତି ଚର୍ଚ୍ଚାଦ୍ୱାରା ସମଗ୍ର ଶ୍ରମିକ ସମାଜକୁ ଦ୍ରୁତ ଅବଗତ କରାଇବା । ପ୍ରସ୍ତୁତ ହୁଅ କହି, ସମସ୍ତ ଶ୍ରମିକମାନଙ୍କୁ ସଂଗଠିତ କରିବା, ଦୃଢଭାବେ ସଂଗଠିତ କରିବା, କମିଟି ଗଠନ କରି ସଂଘବଦ୍ଧ କରିବା, ସେମାନଙ୍କୁ ପ୍ରତିଜ୍ଞାବଦ୍ଧ କରିବା– ଯେଉଁ ଆକ୍ରମଣ ଆସୁଛି ତା ବିରୁଦ୍ଧରେ ଆମକୁ ଲଢିବାକୁ ହେବ । ଆଉ ବର୍ତ୍ତମାନ ଏହି ପ୍ରଚାର କରିବା, ସଂଗଠନ କରିବା, ଟ୍ରେଡ ୟୁନିୟନ୍ କରିବା, ମିଟିଂ ଶୋଭାଯାତ୍ରା କରିବା, ଦରକାର ହେଲେ ଧର୍ମଘଟ କରିବାର ଅଫୁରନ୍ତ ସୁଯୋଗ ରହିଛି । ଏଇଥିପାଇଁ ସୁଯୋଗ ରହିଛି ଯେ, ଶ୍ରମିକମାନେ ଟ୍ରେଡ ୟୁନିୟନ କରନ୍ତି ବୋଲି ପୋଲିସ ସେମାନଙ୍କର ମୁଣ୍ଡ ଉପରେ ଚଢି ବସିପାରିବନାହିଁ । ଯେତେବେଳେ ଦରକାର ହେବ ଘେରାଓ କରିବେ, ଯେତେବେଳେ ମାଲିକକୁ ନ୍ୟାୟସଙ୍ଗତ ଦାବି ମନାଇବା ବା ମୂଳ ଆନ୍ଦୋଳନକୁ ରକ୍ଷା କରିବା ପାଇଁ ଆଉ କୌଣସି ବାଟନାହିଁ ସେତେବେଳେ ଘେରାଓ କରିବାକୁ ହେବ । ତାହା ପ୍ରଚଳିତ ଆଇନ୍ ଆଖିରେ ଆଇନ୍ ସମ୍ମତ ହେଉ ବା ନହେଉ । ସେଠାରେ ମଧ୍ୟ ଶ୍ରମିକମାନେ ସୁରକ୍ଷା (protection) ପାଇବେ, ଏହା ହିଁ ହେଉଛି ସରକାରଙ୍କର ସ୍ପଷ୍ଟ ଘୋଷଣା । ମାତ୍ର ଶ୍ରମିକମାନେ ଯଦି ଅଯଥା ଉଗ୍ର ଆଚରଣ କରିବେ, ସେମାନଙ୍କର ନିଜର ଯଦି ଏହି ଧୀଶକ୍ତି ନଥାଏ, ଧୈର୍ଯ୍ୟ ନଥାଏ ଯେ, କେଉଁଟା ଉଗ୍ରତା ହେଉଛି, କେଉଁଠି ବ୍ୟକ୍ତିଗତ ସ୍ୱାର୍ଥରେ, କ୍ଷୁଦ୍ର ସ୍ୱାର୍ଥରେ ଏହାର ବ୍ୟବହାର ହେଉଛି – ଏହାର ରାଜନୈତିକ ତାତ୍ପର୍ଯ୍ୟ ଅନୁଧାବନ କରିବାର ଚେଷ୍ଟା ଯଦି ସେମାନଙ୍କର ଖୁବ୍ ଭଲଭାବେ ନ ହୁଏ, ତାହାହେଲେ ଏହି ପ୍ରଗତିଶୀଳ ଶ୍ରମ ନୀତିର ସମର୍ଥନରେ କରତାଳି ଦେଇ ମଧ୍ୟ କିଛି କାମ ହେବ ନାହିଁ । କେହି ଆପଣମାନଙ୍କୁ ରକ୍ଷା କରି ପାରିବନାହିଁ, ଈଶ୍ୱର ମଧ୍ୟ ପାରିବେ ନାହିଁ । ଆଜି ପ୍ରଗତିଶୀଳ ଶ୍ରମ ନୀତି ପଛରେ କରତାଳି ଦିଆଯାଉଛି, କାଲି ହୁଏତ ଆପଣମାନେ ରାଗି ଯାଇ ଏହାକୁ ଗାଳି ଦେବାକୁ ଆରମ୍ଭ କରିବେ । ଚିରକାଳ ଧରି ଏ ଦେଶରେ ଯାହା ହୋଇ ଅସିଛି ତାହାହିଁ ହେବ ।

ମୁଁ ପ୍ୟାଟିଂ(ତୋଷାମଦୀ) କରିବା ଆଦୌ ପସନ୍ଦ କରେନାହିଁ । ଉସକାଇବା ଆଦୌ ପସନ୍ଦ କରେ ନାହିଁ ।  ସତ କଥା କହୁଛି, ଭଲ ଲାଗିଲେ ଆପଣମାନେ ଭାବନ୍ତୁ । ନ ବୁଝିଲେ, ଭଲ ନ ଲାଗିଲେ ମାନିବେ ନାହିଁ । ମାତ୍ର କଥାଟି ସତ । ଏ ଦେଶରେ କ'ଣ ହୁଏ ? ଖୁସି ଲାଗିଲେ ହିଁ କରତାଳି । ମୁଣ୍ଡ ଖେଳାନ୍ତି ନାହିଁ । କିନ୍ତୁ ଏକଥା ସମସ୍ତେ କହନ୍ତି ଯେ, କେବଳ ପେଶୀବଳରେ କାମ ହୁଏନାହିଁ, ଉତ୍ତେଜନାରେ କାମ ହୁଏ ନାହିଁ– ବୁଦ୍ଧି ଦରକାର, ମଗଜ ଦରକାର । ଆଉ ଏହି ମଗଜ ହେଉଛି ନେତୃତ୍ୱ । ତେଣୁ ଶ୍ରମିକ ସମାଜକୁ ଭାବିବାକୁ ହେବ, ପଢିବାକୁ ହେବ, ଚିନ୍ତା କରିବାକୁ ହେବ, କାମ କରୁ କରୁ ରାତିଦିନ ରାଜନୀତିର ଚର୍ଚ୍ଚା କରିବାକୁ ହେବ ।

ଯେଉଁମାନେ କୁହନ୍ତି, ଶ୍ରମିକମାନେ ରାଜନୀତି କରିବେନାହିଁ, ଶ୍ରମିକମାନଙ୍କର ଟ୍ରେଡ ୟୁନିୟନ ଆନ୍ଦୋଳନରେ ରାଜନୀତି ଭର୍ତ୍ତି କରିବା ଉଚିତ୍ ନୁହେଁ, ସେମାନେ ଜୁଆଚୋର୍, ଧପ୍ପାବାଜ । ସେମାନେ ଦଳେ ପରାଙ୍ଗପୁଷ୍ଟ ଯେଉଁମାନେ ଶ୍ରମିକ ୟୁନିୟନ୍ କରି ଘରଦ୍ୱାର କରି, ମୁରବିପଣିଆ ଦେଖେଇ ବୁଲନ୍ତି, ଅଥବା କର୍ତ୍ତୃତ୍ୱ କରି ବୁଲିବା ହିଁ ସେମାନଙ୍କର ପେଷା ଏବଂ ନିଶା । ସେମାନେ ହିଁ ଏହି ମିଥ୍ୟା କଥାଟି ପ୍ରଚାର କରନ୍ତି ଯେ, ଟ୍ରେଡ ୟୁନିୟନ୍‌ରେ ରାଜନୀତି ଭର୍ତ୍ତି କରନାହିଁ । କିନ୍ତୁ ଟ୍ରେଡ ୟୁନିୟନ୍ ହେଉଛି ସ୍କୁଲ, ରାଜନୀତି ଶିକ୍ଷାର ଶିବିର, ମାର୍କ୍ସଙ୍କ ଭାଷାରେ – ଯେଉଁ ମାର୍କ୍ସ-ଏଙ୍ଗେଲ୍ସଙ୍କ ଚିତ୍ର ଶ୍ରମିକମାନେ ଟାଙ୍ଗନ୍ତି, ସମସ୍ତ ଲାଲଝଣ୍ଡାବାଲାମାନେ ଟାଙ୍ଗନ୍ତି, ସେ କହିଛନ୍ତି, ଏହି ଟ୍ରେଡ ୟୁନିୟନ୍ ଗୁଡିକ କ'ଣ ? ଗୋଟିଏ କଥାରେ ସେ ତାହା ପ୍ରକାଶ କରିଛନ୍ତି ଲଢେଇ- ହତିଆର ଏସବୁ କଥାକୁ ସେ ଆଦୌ ଯାଇନାହାନ୍ତି । ଏସବୁ ତ ରହିଛି, ମାତ୍ର ସେ ବୁଝାଇବାକୁ ଚାହିଁଛନ୍ତି, ଟ୍ରେଡ ୟୁନିୟନ୍ ହେଉଛି ସ୍କୁଲ ଅଫ୍ କମ୍ୟୁନିଜିମ୍ – କମ୍ୟୁନିଜିମ୍‌ରେ ଶିକ୍ଷିତ ହେବାର, ଶିକ୍ଷା ଗ୍ରହଣ କରିବାର ଏକ ମ୍ୟାସିଭ୍ (ବିରାଟ) ରାଜନୈତିକ ଶିକ୍ଷାଶିବିର । ଏହା ହିଁ ହେଲା ଟ୍ରେଡ ୟୁନିୟନ୍ । ଏହି ଟ୍ରେଡ ୟୁନିୟନ୍ ଗୁଡିକୁ ଯଦି ଏହି ଶିକ୍ଷାଶିବିରଭାବେ ଦେଖାନଯାଏ, ଏଗୁଡିକ ଯଦି ରାଜନୀତି ଚର୍ଚ୍ଚାର ଗୋଟିଏ ପ୍ରାଣକେନ୍ଦ୍ର ଭାବେ ଗଢିନଉଠେ ତେବେ ଏହି ଟ୍ରେଡ ୟୁନିୟନ୍ ଆନ୍ଦୋଳନ ଗୁଡିକ ଶେଷ ପର୍ଯ୍ୟନ୍ତ ବୁର୍ଜୁଆ ଓ ପେଟିବୁର୍ଜୁଆ ଶ୍ରେଣୀ ହାତରେ ବିପ୍ଳବୀ ଶ୍ରମିକ ଆନ୍ଦୋଳନରେ ବିଭେଦ, ବିଭ୍ରାନ୍ତି ସୃଷ୍ଟି କରିବାର ଅସ୍ତ୍ରରେ ପର୍ଯ୍ୟବେସିତ ହେବାକୁ ବାଧ୍ୟ । ଏପରି ଅବସ୍ଥାରେ ଶ୍ରମିକଶ୍ରେଣୀର ବିପ୍ଳବୀ ରାଜନୈତିକ ଚେତନା ବୃଦ୍ଧି ପରିବର୍ତ୍ତେ ଟ୍ରେଡ ୟୁନିୟନ୍ ଆନ୍ଦୋଳନଗୁଡିକ ଶେଷ ପର୍ଯ୍ୟନ୍ତ ଶ୍ରମିକ ଆନ୍ଦୋଳନରେ ଅର୍ଥନୀତିବାଦ ବା ସୁବିଧାବାଦର ଜନ୍ମ ଦେଇଥାଏ ।

ଅର୍ଥନୀତିବାଦ (economism), ଯାହାକୁ ଶ୍ରମିକ ଆନ୍ଦୋଳନରେ ଆମେ ସୁବିଧାବାଦ ବୋଲି କହିଥାଉ । ଶ୍ରମିକମାନଙ୍କର ଏହି ସୁବିଧାବାଦ ମାଲିକମାନଙ୍କ ପକ୍ଷରେ ଆଶୀର୍ବାଦ ସ୍ୱରୂପ । ଆଉ ଶ୍ରମିକମାନଙ୍କ ପାଇଁ ମୃତ୍ୟୁ ସହିତ ସମାନ । ଶ୍ରମିକ ଖାଇବାକୁ ପାଏ ନାହିଁ ବୋଲି ତାର ସୁବିଧାବାଦଟି ନ୍ୟାୟସଙ୍ଗତ ହୋଇଯାଏନାହିଁ – ଏକଥାଟି ମନେ ରଖିବା ଦରକାର । ମାଲିକ ଲୁଟ୍ କରେ ବୋଲି ତାର ସୁବିଧାବାଦ ଆହୁରି ଖରାପ । ମାତ୍ର ଶ୍ରମିକ ଖାଇବାକୁ ପାଏନାହିଁ ବୋଲି ତାର ସୁବିଧାବାଦଟି ମଧ୍ୟ ମାନବିକ ବା ଯୁକ୍ତିସମ୍ମତ ହୋଇଯାଏ ନାହିଁ । ଫଳରେ ଶ୍ରମିକକୁ ନିଜ ଶ୍ରେଣୀ ସ୍ୱାର୍ଥରେ ହିଁ ତାର ଏହି ଅର୍ଥନୈତିକ ସୁବିଧାବାଦ ବିରୁଦ୍ଧରେ ଲଢିବାକୁ ହେବ । ଶ୍ରମିକମାନଙ୍କୁ ବଞ୍ଚି ରହିବାକୁ ହେଲେ ଦାବି ପୂରଣ ହେବା ଦରକାର, ଦାବି ଆଦାୟ ପାଇଁ ଲଢେଇ ହେବା ଦରକାର । ମାତ୍ର ଏହା ହିଁ ଶେଷ କଥାନୁହେଁ । ଏହାହିଁ ଯଦି ଲଢେଇର ମୁଖ୍ୟ ଉଦ୍ଦେଶ୍ୟ ହୁଏ, ଆଉ ଏହି ଉଦ୍ଦେଶ୍ୟ ଦ୍ୱାରା ପରିଚାଳିତ ହୋଇ ଯଦି

ୟୁନିୟନ୍ ପରିଚାଳନା କରାଯାଏ ତେବେ ସେହିସବୁ ୟୁନିୟନ୍‌ଗୁଡ଼ିକ କେବଳ ସୁବିଧାବାଦୀ ଶ୍ରମିକଙ୍କୁ ଜନ୍ମଦେବ । ସଚେତନ ପ୍ରକୃତ ଦେଶଦରଦୀ, ଯଥାର୍ଥ ବିପ୍ଳବୀ ଭାବନାରେ ଉଦ୍‌ବୁଦ୍ଧ, ମୁକ୍ତି ଆନ୍ଦୋଳନ ପରିଚାଳନା କରିବାରେ ଯୋଗ୍ୟ ଶ୍ରମିକଙ୍କୁ ସେମାନେ ଜନ୍ମ ଦେଇ ପାରିବେନାହିଁ । ଫଳରେ ଶ୍ରମିକ ସମ୍ମିଳନୀଗୁଡ଼ିକୁ ସେହି ଦିଗକୁ ନେଇଯିବା ଦରକାର ରହିଛି, ଶ୍ରମିକ ଆନ୍ଦୋଳନକୁ ସେହିଭଳିଭାବେ ପରିଚାଳନା କରିବାର ଆବଶ୍ୟକତା ରହିଛି, ଶ୍ରମିକ ୟୁନିୟନ୍‌ଗୁଡ଼ିକୁ ସେହି ଦିଗରେ ପରିଚାଳିତ କରିବା ଦରକାର ରହିଛି ।

ଅଥଚ ଦେଖାଯାଏ ଟ୍ରେଡ ୟୁନିୟନ୍ କର୍ମକର୍ତ୍ତାମାନଙ୍କର ନିତିଦିନିଆ କାର୍ଯ୍ୟକ୍ରମ କ'ଣ ? ଶ୍ରମିକମାନେ ପ୍ରତିଦିନ 'ୟେ ମାଙ୍ଗ କ୍ୟା ହୁଆ', 'ଓ ମାଙ୍ଗ କ୍ୟା ହୁଆ', 'ଓ ରୁପିଆ ମିଲେଗା କି ନେହିଁ', 'ଆପ୍ କୁଛ୍ ବନ୍ଦୋବସ୍ତ କିଜିଏ' – ଏହିସବୁ କଥା କହନ୍ତି । ଅର୍ଥାତ୍ ଅମୁକକୁ ଧରି କିଛି ବ୍ୟବସ୍ଥା କରିଦେବା କଥା ଟ୍ରେଡ ୟୁନିୟନ କର୍ମକର୍ତ୍ତାମାନଙ୍କୁ କୁହନ୍ତି । ଅର୍ଥାତ୍ ତେଲ ଦେବା କଥା କହନ୍ତି । ସିଧା କଥାରେ କହନ୍ତି ଆପଣ ନାଁ କରା ଲୋକ, ଆପଣଙ୍କର ପ୍ରଭାବ ରହିଛି, ଆପଣ ଟିକିଏ ଅମୁକକୁ କହି ବ୍ୟବସ୍ଥା କରିଦିଅନ୍ତୁ । ଏହି କଥା ନେତାଙ୍କୁ କହନ୍ତି । କାରଣ ଯିଏ ଯେତେ ଅଧିକ ତେଲ ଦେଇ ଏହିଭଳି ମ୍ୟାନେଜ୍ କରି ଦେଇପାରନ୍ତି, ସେ ହିଁ ସେତେ ବଡ ନେତା । ଶ୍ରମିକମାନଙ୍କ ମଧ୍ୟରେ ଏଭଳି ଧାରଣା ହୋଇଯାଇଛି ଯେ, ଅମୁକଙ୍କ ନିକଟକୁ ଯାଇ ଲାଭ ନାହିଁ, କାରଣ ଅମୁକଙ୍କ ଠାରୁ ସମୁକଙ୍କ ତେଲ ଦେବାର କ୍ଷମତା ବେଶୀ । ତାଙ୍କ ସହିତ ସମ୍ପର୍କ ଭଲ, ତାଙ୍କର ଧରାଧରି କରିବାର କ୍ଷମତା ବେଶୀ – ଏହି କଥାର ଅର୍ଥ ହେଲା, ତାଙ୍କର ତେଲ ଦେବାର କ୍ଷମତା ବେଶୀ । ଫଳରେ ତାଙ୍କ ପାଖକୁ ଗଲେ ଦାବି ପୂରଣ ହୋଇଯିବ । ଏହିସବୁ ମନୋଭାବ କ'ଣ ? ଏହା ସୁବିଧାବାଦ ନୁହେଁ ? ଏଥିରେ ଶ୍ରମିକଙ୍କର ନୈତିକତା ରହେ ? ଏଠି ଶ୍ରମର ମର୍ଯ୍ୟାଦାବୋଧ କେଉଁଠି ? ତାହେଲେ ବଡ ବଡ କଥା, କରତାଳି, ଲଢେଇ ଏତେସବୁ କଥାର ଦରକାର କ'ଣ ? ଯେଉଁ ଶ୍ରମିକ ଶ୍ରମର ମର୍ଯ୍ୟାଦାବୋଧ ହରାଇବସେ, ଏହିଭଳି ସୁବିଧାବାଦର ପାଲରେ ପଡିଛି, ସେହି ଶ୍ରମିକ କ'ଣ କରିବ ? ସେହି ଶ୍ରମିକ ତ ମାଡ ଖାଇବ, ସେହି ଶ୍ରମିକ କ'ଣ ମଣିଷ ? ମୁଁ ସେହି ଶ୍ରମିକ ପକ୍ଷରେ ଯେଉଁ ଶ୍ରମିକର ସମ୍ଭ୍ରମବୋଧ ରହିଛି, ଯେଉଁ ଶ୍ରମିକର ଇଜ୍ଜତବୋଧ ରହିଛି, ସେ ମରିବ ତଥାପି ଇଜ୍ଜତ ହରାଇବ ନାହିଁ, ସେ ଲଢେଇ କରି ଆଦାୟ କରିବ, ଯିଏ ସଚେତନ ଶ୍ରମିକ । ଯିଏ ଦଲାଲ ଶ୍ରମିକ, ସେ ଶ୍ରମିକ ବୋଲି ତା'ପ୍ରତି ମୋର ମମତା ନାହିଁ । ଏକଥାଟି ମନେ ରଖିବା ଦରକାର ଏବଂ ଏହି ଚେତନାରେ ଉଦ୍‌ବୁଦ୍ଧ ହେବା ଦରକାର । ତେବେଯାଇ ବ୍ୟକ୍ତିଗତ ସୁବିଧାବାଦର ଊର୍ଦ୍ଧ୍ୱକୁ ଶ୍ରମିକମାନେ ଉଠିପାରିବେ । ତେବେଯାଇ ଶ୍ରମିକମାନେ ଏହି ଶ୍ରମନୀତିର ଯଥାର୍ଥ ତାତ୍ପର୍ଯ୍ୟ ବୁଝିପାରିବେ । ଏହି ଶ୍ରମନୀତିର ତାତ୍ପର୍ଯ୍ୟ ହେଲା, ଏହା ଗୋଟିଏଦିଗରେ ଯେଉଁଳି ଶ୍ରମିକମାନଙ୍କର ଦୈନନ୍ଦିନ ଦାବି ଆଦାୟର ଆନ୍ଦୋଳନ

ଗଢ଼ିତୋଳିବାରେ ସାହାଯ୍ୟ କରିବ, ଅନ୍ୟଦିଗରେ ଏହାଠାରୁ ବଡ ତାତ୍ପର୍ଯ୍ୟ ହେଉଛି ଯେ, ଏହି ସୁଯୋଗରେ ଶ୍ରମିକମାନେ ସେମାନଙ୍କର ଆକାଂକ୍ଷିତ ରାଜନୈତିକ ଚର୍ଚ୍ଚା ଦ୍ୱାରା ଆନ୍ଦୋଳନ ଦ୍ୱାରା ଏକ ସଠିକ ରାଜନୈତିକ ଚେତନାରେ ଉଦ୍‌ବୁଦ୍ଧ ହେବାର ସୁଯୋଗ ପାଇବେ । ଫଳରେ ତାହା ନେବାକୁ ହେବ, ସେହି ଦିଗରେ ଅବିଳମ୍ବେ ବଳିଷ୍ଠ ପଦକ୍ଷେପ ନେବାକୁ ହେବ । ଜୀବନଧାରଣର ନିତିଦିନର ପ୍ରୟୋଜନରେ ଦାବି ଆଦାୟ ନେଇ ଲଢେଇ ତ ରହିଛି – ଯେମିତି ମଳମୂତ୍ର ତ୍ୟାଗ କରିବା ରହିଛି, ବଜାରରୁ ସଉଦା କିଣିବା ରହିଛି, ଯେମିତି ପୁଅର ଦେହ ଖରାପ ହେଲେ ଔଷଧ ଦୋକାନକୁ ଦୌଡ଼ିବା ରହିଛି । ଅର୍ଥାତ୍ ଦାବିର ପ୍ରଶ୍ନ ଅଛି ଏବଂ ତାହା ଆଦାୟ ନହେଲେ ଲଢେଇ ମଧ୍ୟ ରହିଛି । ମାତ୍ର ତାହା ରାଜନୀତିକୁ ଦୁରେଇଦେବ କାହିଁକି ? ମୂଳ ରାଜନୈତିକ ଦୃଷ୍ଟିଭଙ୍ଗୀ ସମ୍ପର୍କରେ ଶ୍ରମିକମାନଙ୍କର ବୀତସ୍ପୃହତା ରହିବ କାହିଁକି ? ଅନିଚ୍ଛା, ଉଦାସୀନତା ରହିବ କାହିଁକି ? ଗୋଟିଏ ବିଷୟ ପ୍ରାୟ ଦେଖାଯାଏ ରାଜନୀତି କଥା ଆସିବାମାତ୍ରେ ହିଁ ନିଦ ଲାଗେ । ଦେଶ କଥା ଆନ୍ତର୍ଜାତିକ ସମସ୍ୟା ନେଇ ଆଲୋଚନା ହେବାମାତ୍ରେ ହିଁ ନିଦ ଲାଗେ । ମାତ୍ର 'ଅମୁକ ଦାବିର କ'ଣ ହେବ', 'ସେଥିପାଇଁ ଠିକ୍ ଭାବରେ ଚେଷ୍ଟା କରାଯାଉଛି କି ନାହିଁ' ଏସବୁ କଥା ଉଠିବାମାତ୍ରେ ହିଁ ଶ୍ରମିକମାନେ ଚଳଚଞ୍ଚଳ ହୋଇପଡନ୍ତି । ଆପଣମାନେ କୁହନ୍ତୁ, ମୁଁ ଠିକ୍ କହୁଛି କି ନାହିଁ । ଅଥଚ ଏହି ମନୋଭାବକୁ ଯଦି ଆପଣମାନେ ଦୂରକରି ନପାରିବେ ତାହେଲେ ଆଜି ଯିଏ ଶ୍ରମିକ କାଲି ତା ପୁଅ ଆହୁରି ଖରାପ ଅବସ୍ଥାର ଶ୍ରମିକ, ତା ପୁଅ ଅର୍ଥାତ୍ ତାର ନାତି ପୁରାପୁରି ବେକାର ଶ୍ରମିକ, ଗୋଟାପଣେ ଶ୍ରମିକ । ଜୀବନରେ ବି ସେ ମୁକ୍ତି ପାଇବ ନାହିଁ । ଥରେ ହେଲେ ଭାବି ଦେଖିଛନ୍ତି କି ଆପଣମାନଙ୍କର ଭବିଷ୍ୟତ ବଂଶଧରମାନଙ୍କୁ ଆପଣମାନେ କି ଜବାବ ଦେବେ ? ଆପଣ ଶ୍ରମିକ,ସିଭିଲାଇଜେସନ୍ (civilisation)ର ସ୍ରଷ୍ଟା, ଏହି ସଭ୍ୟତାର ସ୍ରଷ୍ଟା । ଆଉ ଏହି ସଭ୍ୟତା ମୁକ୍ତି ବେଦନାରେ କମ୍ପୁଛି । ସେ ଆପଣମାନଙ୍କ ନିକଟରୁ ମୁକ୍ତି ଚାହୁଁଛି । କେବଳ ଆପଣମାନଙ୍କର ମୁକ୍ତି ନୁହେଁ, ସମଗ୍ର ମାନବ ସଭ୍ୟତାର ମୁକ୍ତି ଆପଣମାନଙ୍କ ହାତରେ । ତାର ଦାୟିତ୍ୱ ଶ୍ରମିକର ହାତରେ । ଅଥଚ ଆପଣମାନଙ୍କର, ଶ୍ରମିକମାନଙ୍କର ସେ ସମ୍ପର୍କରେ ଆଜି ବି ସାମାନ୍ୟ ଚେତନା ନାହିଁ । ସେହି ଚେତନା ଯଦି ଶ୍ରମିକମାନଙ୍କ ଭିତରେ ନଆସେ, ସେହି ଚେତନାରେ ଶ୍ରମିକମାନେ ଯଦି ଉଦ୍‌ବୁଦ୍ଧ ହୋଇନପାରନ୍ତି ତେବେ ସବୁ ବ୍ୟର୍ଥ । ତାହାହେଲେ ଏହାର କୌଣସି ଅର୍ଥନାହିଁ । କାଗଜ କଲମରେ କୌଣସି ପ୍ରସ୍ତାବ ଗ୍ରହଣ କରିବାର କୌଣସି ଅର୍ଥନାହିଁ ।

ଫଳରେ ମୋର ସର୍ବଶେଷ ନିବେଦନ, ଦେଶର ଶ୍ରମିକ ଭାଇମାନଙ୍କ ନିକଟରେ – ପ୍ରକୃତ ବିପ୍ଳବୀ ରାଜନୈତିକ ପାର୍ଟି ଆପଣମାନଙ୍କୁ ଗଢ଼ିବାକୁ ହେବ । ନିୟମିତ ପାର୍ଟି କାମରେ ଅଂଶଗ୍ରହଣ କରିବାକୁ ହେବ । ଏ ବ୍ୟାପାରରେ କୌଣସି ପ୍ରକାର ନିରୁତ୍ସାହକୁ ପ୍ରଶ୍ରୟ ଦିଆଯିବା

ଉଚିତ୍ ନୁହେଁ । ହଜାରେ କାମ ଭିତରେ ବି ପଢାପଢି କରିବାକୁ ହେବ, ତର୍କବିତର୍କ, ଆଳାପ, ଆଲୋଚନା କରିବାକୁ ହେବ, ନିୟମିତ ପାର୍ଟି କ୍ଲାସଗୁଡିକୁ ଯିବାକୁ ହେବ । ଏସବୁ ସମ୍ପର୍କରେ ଯେଉଁମାନେ ବିମୁଖତା ପ୍ରକାଶ କରିବେ ସେମାନଙ୍କୁ ଚାପି ଧରିବାକୁ ହେବ । ଶ୍ରମିକମାନଙ୍କୁ ଏକଥା ବୁଝିବାକୁ ହିଁ ହେବ ଯେ, ଆଜି ଯେଉଁ ଦୁଃସମୟ ମଧ୍ୟରେ ସେ ଚାଲିଛି, ସେହି ଦୁଃସମୟରେ ସେ ବଞ୍ଚିପାରେ, ଦେଶକୁ ବଞ୍ଚାଇପାରେ, ଯୁକ୍ତଫ୍ରଣ୍ଟ ସରକାର ଏବଂ ତାର ପ୍ରଗତିଶୀଳ ଶ୍ରମନୀତିକୁ ବଞ୍ଚେଇପାରେ ଯଦି ସେ ରାଜନୈତିକ ଚେତନାରେ ଉଦ୍‌ବୁଦ୍ଧ ହୁଏ, ସଂଘବଦ୍ଧ ହୁଏ, ଗୋଟିଏ ବିପ୍ଳବୀ ଦଳ ନେତୃତ୍ୱରେ ଏକ ଅଟଳ ସୁଦୃଢ ହିମାଳୟ ପାହାଡଭଳି । ଆଉ ଏ ଦେଶରେ ଏକମାତ୍ର ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ) ହିଁ ଯଥାର୍ଥ ବିପ୍ଳବୀ ଶ୍ରମିକ ଶ୍ରେଣୀର ଦଳ – ଏକଥା ଯେମିତି ମୁହୂର୍ତ୍ତକ ପାଇଁ ମଧ୍ୟ ଆପଣମାନେ ଭୁଲି ନଯାଆନ୍ତି । ଏହି ଦଳକୁ ଆପଣମାନଙ୍କୁ ଆଖିର ମଣିଭଳି ମନେ କରିବାକୁ ହେବ । ତାହେଲେ ଶ୍ରମିକମାନେ ବଞ୍ଚିବେ, ଦେଶ ବି ବଞ୍ଚିବ, ଯୁକ୍ତଫ୍ରଣ୍ଟ ସରକାରକୁ ବି କେହି ହଟାଇ ପାରିବନାହିଁ, ତାର ପ୍ରଗତିଶୀଳ ଶ୍ରମନୀତି ମଧ୍ୟ ରହିବ, ଆନ୍ଦୋଳନ ବି ବଢିଚାଲିବ । ଆଉ ଏହି ଆନ୍ଦୋଳନଗୁଡିକ ବଢି ଚାଲୁ ଚାଲୁ ପୁଞ୍ଜିବାଦକୁ ଖତମ କରିବା ସମ୍ଭବ ହେବ । ପୁଞ୍ଜିବାଦକୁ ପରିବର୍ତ୍ତନ କରି ଶ୍ରମିକ ଶ୍ରେଣୀର ରାଜ୍ ସମାଜତନ୍ତ୍ର ପ୍ରତିଷ୍ଠା କରିବାର ଶ୍ରମିକମାନଙ୍କର ସ୍ୱପ୍ନ ଦିନେ ବାସ୍ତବରେ ନିଶ୍ଚେ ସମ୍ଭବ ହେବ ଏବଂ ସେହିଦିନ ବେଶୀ ଦୂର ନୁହେଁ । ସର୍ବ ଶେଷରେ ଏହି ସମ୍ମିଳନୀରେ ଉପସ୍ଥିତ ଇଂଜିନିୟରିଂ ଶ୍ରମିକ ଭାଇମାନଙ୍କ ପ୍ରତି ବିପ୍ଳବୀ ଅଭିନନ୍ଦନ ଜ୍ଞାପନ କରି ମୋର ବକ୍ତବ୍ୟ ଶେଷ କରୁଛି ।

**ଇନ୍‌କିଲାବ – ଜିନ୍ଦାବାଦ୍**

★★★

# ଶ୍ରମିକଭାଇମାନଙ୍କ ପ୍ରତି

**କମ୍ରେଡ୍ ସଭାପତି ଓ ଉପସ୍ଥିତ କମ୍ରେଡସ୍,**

ଆଜିକାର ଶ୍ରମିକ କର୍ମଚାରୀମାନଙ୍କର ଏଇ ଯେଉଁ ପ୍ରତିନିଧି ଅଧିବେଶନ ଆରମ୍ଭ ହେଉଛି, ସେଥିରେ ଆମ ଦେଶର ଶ୍ରମିକ ଆନ୍ଦୋଳନର ବର୍ତ୍ତମାନ ଅବସ୍ଥା ସମ୍ପର୍କରେ କେତେଗୁଡ଼ିଏ କଥା କହି ଶ୍ରମିକ ସଂଗଠନର ମୂଳ ଦୃଷ୍ଟିଭଙ୍ଗୀ ଏବଂ କର୍ମ ପଦ୍ଧତି କେଉଁ ଧାରାରେ ପରିଚାଳିତ ହେବା ଉଚିତ ଏବଂ ଏଠାରେ ମଧ୍ୟ ଆପଣମାନଙ୍କର କାର୍ଯ୍ୟକଳାପର ଧାରା ଓ ରାଜନୈତିକ ପ୍ରଚାର ଆଦି କ'ଣ ହେବ, କ'ଣ ହେଲେ ଭଲ ହେବ ଏବଂ ଆପଣମାନଙ୍କୁ କାମ କରିବା ପାଇଁ ସୁବିଧା ହେବ- ସେ ସବୁକୁ ଦୃଷ୍ଟିରେ ରଖି ମୁଁ ମୋର ବକ୍ତବ୍ୟ ଉପସ୍ଥାପିତ କରିବି ।

ପ୍ରଥମତଃ, ଭାରତବର୍ଷର ଶ୍ରମିକ ଆନ୍ଦୋଳନର ଇତିହାସ ଦୀର୍ଘ ଦିନର ଇତିହାସ । ଦକ୍ଷିଣପନ୍ଥୀ ନେତୃତ୍ୱ ବା ତଥାକଥିତ ବିପ୍ଳବୀଭାବେ ପରିଚିତ ନେତୃତ୍ୱରେ ଏ ଦେଶରେ ବହୁ ବଡ ବଡ ଶ୍ରମିକ ସଂଗଠନ ଏବଂ ସଂସ୍ଥା ଦୀର୍ଘଦିନ ଧରି ଗଢି ଉଠିଛି । ଆନ୍ଦୋଳନରେ ଜୁଆର ଆସିଛି, ଭଟ୍ଟା ଆସିଛି- କେତେବେଳେ ଦୁଇ ପାଦ ଆଗେଇଛି ଏବଂ କେତେବେଳେ ଦୁଇ ପାଦ ପଛକୁ ହଟିଛି । କିନ୍ତୁ ଶ୍ରମିକ ଆନ୍ଦୋଳନର ଚରିତ୍ର ଯାହା ସାଧାରଣ ଭାବରେ ଦେଖାଯାଉଛି, ଏତେ ଦିନର ଏତେ ଲଢେଇ ପରେ ବି- ତାହା ହିଁ ଆଜି ଲକ୍ଷ୍ୟ କରିବାର ବିଷୟ । ୧୯୨୦ ମସିହାରୁ ହିଁ ଏ ଦେଶରେ କାର୍ଯ୍ୟତଃ ଶ୍ରମିକ ଆନ୍ଦୋଳନର ଆରମ୍ଭ । ଏହି ସମୟ ମଧ୍ୟରେ ବହୁ ଧର୍ମଘଟ ହୋଇଛି । ଏଭଳି କୌଣସି ଶିଳ୍ପ(Industry) ନାହିଁ, ଶିଳ୍ପ କହିଲେ ମୁଁ ଗୋଟିଏ କାରଖାନା (Factory)କୁ ବୁଝାଉ ନାହିଁ । ଇଞ୍ଜିନିୟରିଂ (Engineering) କୁହନ୍ତୁ, ଇସ୍ପାତ (Steel) କୁହନ୍ତୁ, ବନ୍ଦର ଓ ଜାହାଜ ଶିଳ୍ପ (Port and dock) କୁହନ୍ତୁ, ରେଳ (Railway), ବସ୍ତ୍ର ଶିଳ୍ପ (General textile), ଝୋଟ ଶିଳ୍ପ (Jute mill), ଚିନି କଳ କୁହନ୍ତୁ- ଯେତେ ପ୍ରକାର ଶିଳ୍ପ କୁହନ୍ତୁ- ସବୁ ଜାଗାରେ କମ୍ ବେଶୀ ୟୁନିୟନ୍ ଅଛି ଏବଂ ଦୀର୍ଘ ଦିନ ଧରି ରହି ଆସିଛି ।

ଏହି ୟୁନିୟନ୍‌ଗୁଡ଼ିକ ଯେ ଖାଲି ଏମିତି ଏମିତି ଅଛି, ତା' ନୁହେଁ । ୟୁନିୟନ୍ ଅଛି ମାନେ ହିଁ କେତେବେଳେ ନା କେତେବେଳେ ନାନାଦି ଦାବି ନେଇ ତା'ର ଲଢେଇ ରହିଛି ଏବଂ ବହୁ ସଂଗ୍ରାମ ବି ହୋଇଛି । ରାଜନୈତିକ କ୍ଷେତ୍ରରେ ମତପାର୍ଥକ୍ୟ ଥିବା ସତ୍ତ୍ୱେ ମଧ୍ୟ ଶ୍ରମିକମାନଙ୍କୁ ସେମାନଙ୍କ ଉପରେ ହେଉଥିବା ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ବା ନିଜର ବିଭିନ୍ନ ନ୍ୟାଯ୍ୟ ଦାବି ଆଦାୟ ପାଇଁ ଲଢିବା ଉଦ୍ଦେଶ୍ୟରେ ଟ୍ରେଡ୍ ୟୁନିୟନ୍ ଆନ୍ଦୋଳନ, ଯାହା ଗଣତାନ୍ତ୍ରିକ ଆନ୍ଦୋଳନର ପରିଧି ମଧ୍ୟରେ ପଡେ, ସଂଗଠିତ କରିବାକୁ ହୁଏ । ବିନା ଲଢେଇରେ ଏହି ଶୋଷଣମୂଳକ ବ୍ୟବସ୍ଥା ଭିତରେ ସେହି ଦାବିଗୁଡିକ ପୂରଣ ହୁଏ ନାହିଁ । ଏହି ପୁଞ୍ଜିବାଦୀ ବ୍ୟବସ୍ଥାରେ ମାଲିକ ବା ମେନେଜ୍‌ମେଣ୍ଟ୍ ହାତରୁ କିଛି ହକ୍ ଦାବି ଆଦାୟ କରିବା ପାଇଁ ଶ୍ରମିକଙ୍କୁ ନିଜର ଟ୍ରେଡ୍ ୟୁନିୟନ୍ ଆନ୍ଦୋଳନ ଗଢି ତୋଳିବା ଛଡା ଅନ୍ୟ କୌଣସି ବାଟ ନାହିଁ । କାହିଁକି ନା, ଶ୍ରମିକମାନେ ଅସଙ୍ଗଠିତ ହୋଇ ରହିଲେ, ମାଲିକ ତା'ର ନିଜ ଦ୍ୱାରା ତିଆରି ଆଇନ୍ କାନୁନ୍‌କୁ ବି ମାନି ଚଳେ ନାହିଁ । ଏକଥା ଆପଣମାନେ ସମସ୍ତେ ଜାଣନ୍ତି । ଅଥଚ ଏଇ ଯେଉଁ ଶ୍ରମିକମାନଙ୍କ ୟୁନିୟନ୍‌କୁ ନେଇ ଆମେମାନେ ଗଣତାନ୍ତ୍ରିକ ଆନ୍ଦୋଳନ ଗଢି ତୋଳୁ, ସାରା ଭାରତବର୍ଷରେ ସେଇ ଶ୍ରମିକମାନଙ୍କ ମଧ୍ୟରେ ଗୋଟିଏ ଐକ୍ୟ ମଧ୍ୟ ପ୍ରତିଷ୍ଠା କରାଯାଇପାରି ନାହିଁ । ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ (Central Trade Union) ଗୁଡ଼ିକ ପ୍ରତି ଟିକେ ଚାହିଁ ଦେଖନ୍ତୁ । କେତେ ଭାଗରେ ସେମାନେ ଆଜି ବିଭକ୍ତ । ଅଥଚ ସ୍ୱାଧୀନତା ସଂଗ୍ରାମ ସମୟରେ, ଏପରିକି ଦେଶ ବିଭାଜନର ପୂର୍ବ ପର୍ଯ୍ୟନ୍ତ ଅର୍ଥାତ୍ ବିଭାଜିତ ହୋଇ ଦେଶ ରାଜନୈତିକ ଭାବରେ ସ୍ୱାଧୀନ ହେବାର ପୂର୍ବ ପର୍ଯ୍ୟନ୍ତ ସାରା ଦେଶରେ ମାତ୍ର ଗୋଟାଏ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ସଂସ୍ଥା ଥିଲା, "ଏ.ଆଇ.ଟି.ୟୁ.ସି"(AITUC) । ବିଭେଦପନ୍ଥୀଙ୍କ ପାଇଁ ୧୯୩୦ ମସିହା ପାଖାପାଖି ତା' ମଧ୍ୟରେ ଫାଟ ସୃଷ୍ଟି ହୋଇଥିଲା । ୧୯୩୦-୩୧ ମସିହା ପାଖାପାଖି ସର୍ବଭାରତୀୟ କ୍ଷେତ୍ରରେ ଏ.ଆଇ.ଟି.ୟୁ.ସିରେ ବିଭାଜନ କାର୍ଯ୍ୟକାରୀ ହୋଇଥିଲା । ଏମ୍.ଏନ୍ ରାୟଙ୍କ ଦଳ ଏକଦା ଫେଡେରେସନ୍ ଅଫ ଲେବର(Federation of labour) ନାମକ ଗୋଟିଏ ସ୍ୱତନ୍ତ୍ର ସଂସ୍ଥା ତିଆରି କରିଥିଲେ । କିନ୍ତୁ ତାହାର ଏଭଳି କିଛି ପ୍ରଭାବ ବା କାର୍ଯ୍ୟକଳାପ ନଥିଲା । ତା'ହେଲେ ଏ.ଆଇ.ଟି.ୟୁ.ସି କଥା ଧରନ୍ତୁ, ଯେଉଁଠି ୧୯୩୦ ମସିହା ପାଖାପାଖି ଉଗ୍ର ବାମପନ୍ଥୀ ରାଜନୀତିର ବିଭ୍ରାନ୍ତି ଯୋଗୁଁ ବିଭେଦ ସୃଷ୍ଟି ହୋଇଥିଲା ଏବଂ ରଣଦିଭେ "ରେଡ ଟ୍ରେଡ ୟୁନିୟନ"(Red Trade Union) ନାମରେ ଗୋଟିଏ ନୂଆ ସଂସ୍ଥା ଗଢିଥିଲେ ।

ଶ୍ରମିକ ଐକ୍ୟ ପାଇଁ ବାରମ୍ବାର ଚେଷ୍ଟା ହୋଇଛି, ସମସ୍ତେ କହୁଛନ୍ତି ଐକ୍ୟ ଦରକାର । ଆଉ ଯଦି ମୋତେ ପଚାରନ୍ତି, ମୁଁ ନିଜେ ରାଜନୈତିକ ଦୃଷ୍ଟିଭଙ୍ଗୀରୁ, କାର୍ଯ୍ୟକାରୀତା ଦିଗରୁ ଉପଲବ୍ଧି କରେ ଯେ, ରାଜନୈତିକ ମତାମତ ନେଇ ଯାହା କିଛି ସଂଘର୍ଷ ଥାଉନା କାହିଁକି,

ଉଚିତ୍ ଅର୍ଥରେ ଅର୍ଥାତ୍ ଯାହା ହେବା ଉଚିତ୍, ଯେଉଁଟା ମଡେଲ ହୋଇ ପାରନ୍ତା, ସେହି ଦୃଷ୍ଟିଭଙ୍ଗୀରୁ ଦେଖିଲେ ଶ୍ରମିକମାନଙ୍କର ଗଣତାନ୍ତ୍ରିକ ଲଢେଇର ମୋର୍ଚ୍ଚା ବା ସଂସ୍ଥା (Platform or Forum of Democratic Battle) ଗୋଟାଏ ହିଁ ରହିବା ଉଚିତ ଏବଂ ଏ ଦିଗରେ ସମସ୍ତେ ଉଦ୍ୟମ କଲେ ଭଲ ହୁଅନ୍ତା । ମୋର କଥା ହେଲା- (Let the Political Parties win over the Workers) ରାଜନୈତିକ ଦଳଗୁଡ଼ିକ ଶ୍ରମିକମାନଙ୍କୁ ସେମାନଙ୍କର ନିଜ ମତବାଦରେ ବୁଝେଇ, ଜୟ କରି ନିଜ ଆଡକୁ ନେବାର ଚେଷ୍ଟା କରନ୍ତୁ । ତେବେ ଏହି ନିଜ ମତରେ ହିଁ ନେଇ ଯିବାକୁ ହେବ- ଜୋର କରି ନୁହେଁ, ନିଜର କଥା ସବୁକୁ ଜବରଦସ୍ତ ମନେଇ ନେବା ପାଇଁ ନୁହେଁ; କମିଟିଗୁଡ଼ିକୁ କ୍ଲିକ୍ କରି ବା ଜବରଦସ୍ତ ପଦ୍ଧତିରେ ଦଖଲ କରି ନୁହେଁ । ମୁଁ କହେ, ରାଜନୈତିକ ମତବାଦ ପ୍ରଚାର କରି, ଶ୍ରମିକଶ୍ରେଣୀକୁ ନିଜ ଆଡକୁ ଟାଣିଆଣି, ଆଦର୍ଶର ତାକତରେ ସଂଖ୍ୟା ଗରିଷ୍ଠତା ଅର୍ଜନ କରି ଯଦି କୌଣସି ପାର୍ଟି ୟୁନିୟନ କଣ୍ଟ୍ରୋଲ କରିପାରେ ତ କରୁ, ସେଠି ମୁଁ କାହିଁକି ଲୋକଙ୍କୁ ବୁଝେଇ ଆଣି ପାରିଲି ନାହିଁ, ସେଥିପାଇଁ ରାଗିଯାଇ ମୁଁ ଗୋଟିଏ ଅଲଗା ଟ୍ରେଡ୍ ୟୁନିୟନ୍ ଗଢି ପାରେ ନାହିଁ । ଅଥଚ ଏହି ପଦ୍ଧତିରେ ବାରମ୍ବାର ବିଭେଦ ହୋଇଛି ଓ ହେଉଛି । ମୋ କଥା, ମୋର ସଂଖ୍ୟା ଗରିଷ୍ଠତା, ମୋର ରାଜନୀତି, ମୋର କର୍ତ୍ତୃତ୍ୱ ଆଦି ମୁଁ ଅନ୍ୟ ଉପରେ ଲଦି ଦେବି- ଏହା ହେଲା ଜୋର ଜବରଦସ୍ତି ପଦ୍ଧତି । ଏହା ଚାଲି ପାରେ ନାହିଁ ।

କମ୍ରେଡ୍ସ୍ ଏହା ଗୋଟିଏ ଗୁରୁତର ସମସ୍ୟା । ଶ୍ରମିକ ଆନ୍ଦୋଳନରେ ଯେଉଁମାନେ ନେତୃତ୍ୱ ଦିଅନ୍ତି, ସେହି ରାଜନୈତିକ ଦଳଗୁଡ଼ିକର ଚରିତ୍ର ଓ ଦୃଷ୍ଟିଭଙ୍ଗୀ ସହିତ ଏହା ଓତଃପ୍ରୋତଭାବେ ଜଡିତ । ଗତ କାଲି ପ୍ରକାଶ୍ୟ ଅଧିବେଶନରେ ମୁଁ କହିଛି, କାହିଁକି ଶ୍ରମିକ ଆନ୍ଦୋଳନରେ ବାରମ୍ବାର ଫାଟ ସୃଷ୍ଟି ହେଉଛି, ଐକ୍ୟ ବିନଷ୍ଟ ହେଉଛି- (I don't find any reason) ଏହାର କୌଣସି ସଙ୍ଗତ କାରଣ ଅଛି ବୋଲି ମୁଁ ମନେ କରେ ନାହିଁ । ରାଜନୈତିକ ମତବାଦରେ ପାର୍ଥକ୍ୟ ଅଛି ବୋଲି, ଶ୍ରମିକମାନଙ୍କର ଦୈନନ୍ଦିନ ଆନ୍ଦୋଳନରେ ଯେଉଁଟା ଅସ୍ତ୍ର, ଯେଉଁଟା ଗଣତାନ୍ତ୍ରିକ ଆନ୍ଦୋଳନର ସଂଯୁକ୍ତ ମୋର୍ଚ୍ଚା, (democratic battleର ଯେଉଁଟା ହେଲା instrument) ଗଣତାନ୍ତ୍ରିକ ଲଢେଇର ହତିଆର ବା ଫୋରମ୍, ସେଥିରେ ବିଭେଦ ସୃଷ୍ଟି କରିବାର କୌଣସି କାରଣ ଅଛି କି ? ମୁଁ ମନେକରେ ଏହାର କୌଣସି ଯଥାର୍ଥ କାରଣ ନାହିଁ । (There is no earthly reason for it) ରାଜନୈତିକ ମତ ପାର୍ଥକ୍ୟ ପାଇଁ ଡେମୋକ୍ରାଟିକ ଫୋରମ୍‌ରେ, ପ୍ଲାଟଫର୍ମରେ ବିଭେଦ ସୃଷ୍ଟି କରିବାର ଯୁକ୍ତିସଙ୍ଗତ କାରଣ ନାହିଁ । ଦଳର ନେତୃତ୍ୱ, ଅର୍ଥାତ୍ ବିପ୍ଳବୀ ନେତୃତ୍ୱ ପ୍ରତିଷ୍ଠା ପାଇଁ ଏଇଟା ଅପରିହାର୍ଯ୍ୟ ନୁହେଁ । ଯେଉଁମାନେ ଅପରିହାର୍ଯ୍ୟ ବୋଲି କହନ୍ତି, ସେମାନେ କୌଣସି ଦେଶରେ ବିପ୍ଳବ କରି ନାହାନ୍ତି, ବରଂ ସବୁ ଦେଶରେ ସେମାନେ ବିପ୍ଳବର ବିରୋଧିତା କରିଛନ୍ତି,

ଗୋଷ୍ଠୀଚକ୍ର (Factionalism) ଗଢ଼ିବାର କାମ କରିଛନ୍ତି । ଶ୍ରମିକମାନଙ୍କ ମଧ୍ୟରେ ବିଭ୍ରାନ୍ତି ଆଣିଛନ୍ତି । ବିପ୍ଳବ ଯେଉଁମାନେ କରିଛନ୍ତି, ସଂଗ୍ରାମୀ ଐକବଦ୍ଧ ମୋର୍ଚ୍ଚାରେ ଐକ୍ୟମତର ନ୍ୟୁନତମ କର୍ମସୂଚୀକୁ ଭିତ୍ତି କରି, କିପରି ସର୍ବାଧିକ ପରିମାଣରେ ଜନଗଣଙ୍କର ଐକ୍ୟ ରକ୍ଷା କରା ଯାଇପାରିବ, ସେଥିପାଇଁ ସେମାନେ ସବୁ ସମୟରେ ଯଥାସାଧ୍ୟ ଚେଷ୍ଟା କରିଛନ୍ତି । ଗଣତାନ୍ତ୍ରିକ ଆନ୍ଦୋଳନ ହେଉଛି ଏକ କ୍ଷେତ୍ର, ଯେଉଁଠି ଐକ୍ୟବଦ୍ଧ ନିମ୍ନତମ କର୍ମସୂଚୀ (agreed minimum programme) ଅତି ସହଜରେ ଗଢ଼ି ତୋଳା ଯାଇ ପାରେ । ସବୁ ଦଳ ହିଁ କହିବେ, ସେମାନଙ୍କ ମତରେ ଜନସାଧାରଣଙ୍କ ଆଡୁ ଏହି ଦାବି ଉଠିବା ଦରକାର, ଯେଉଁଗୁଡ଼ିକ କି ନ୍ୟାଯ୍ୟ ଦାବି । ଏ ସମ୍ପର୍କରେ ସେମାନଙ୍କ ଭିତରେ କିଛି ମତ ପାର୍ଥକ୍ୟ ଥିଲେ ବି ଏହା ଖୁବ ଗୋଟାଏ ମୌଳିକ ଚରିତ୍ର (Fundamental nature)ର ହୁଏ ନାହିଁ । ଏ କ୍ଷେତ୍ରରେ ଐକ୍ୟ ଗଠନରେ କୌଣସି ଅସୁବିଧା ହେବା କଥା ନୁହେଁ । ବିଭିନ୍ନ ମତବାଦରେ ବିଶ୍ୱାସୀ ଦଳଗୁଡ଼ିକ, ମୋଟାମୋଟି ଭାବରେ ସବୁ ଦଳ ମଧ୍ୟରେ ନ ହେଲେ ବି, ବେଶୀ ଭାଗ ଦଳଗୁଡ଼ିକ ଭିତରେ ଗୋଟାଏ ଐକ୍ୟମତର ସାଧାରଣ କର୍ମସୂଚୀ, ଗୋଟାଏ ଦାବିସନନ୍ଦ (Charter of demands) ହେବା ସମ୍ଭବ । ତାହେଲେ ଐକ୍ୟ ହୋଇ ପାରିବ ନାହିଁ କାହିଁକି ? ଏହି ଐକ୍ୟକୁ ଅତୁଟ ରଖାଯାଇ ପାରିବ ନାହିଁ କାହିଁକି ? ଏଥିପାଇଁ କ'ଣ ବିପ୍ଳବୀ ଦଳର ନେତୃତ୍ୱରେ ସଂଗଠନ ଛିଡା କରାଇବାକୁ ପଡିବ ? ନା, ସେଥିପାଇଁ ବିଭେଦ ସୃଷ୍ଟି କରିବା ଦରକାର ନାହିଁ; ବରଂ ଐକ୍ୟ ଦରକାର । ଶ୍ରମିକମାନଙ୍କୁ ଆମେ ଯେତେ ଐକ୍ୟବଦ୍ଧ ଭାବରେ ରଖି ପାରିବା, ଅଣବିପ୍ଳବୀ ବା ବୁର୍ଜୁଆଶ୍ରେଣୀର ଦଳଗୁଡ଼ିକର ଅଲଗା ଅଲଗା ମୋର୍ଚ୍ଚାର ଉପସ୍ଥିତି ଯୋଗୁଁ ଶ୍ରମିକମାନଙ୍କ ଭିତରେ ବିଭ୍ରାନ୍ତି ପ୍ରଚାରର ଯେଉଁ ସୁଯୋଗ ରହିଥାଏ, ତାହା ଆଉ ରହିବ ନାହିଁ ।

ଏକା ସାଙ୍ଗରେ କାମ କଲେ ଶ୍ରମିକମାନେ ବିଭିନ୍ନ ଦଳର ନେତୃତ୍ୱର ପରିକଳ୍ପନା, ଚିନ୍ତା ଭାବନା, ଲଢ଼େଇ ପରିଚାଳନା କରିବା କାଇଦା, କର୍ମୀ ଓ ନେତାମାନଙ୍କ ଆଚରଣ, ରୁଚି, ଅଭ୍ୟାସ, ସଂସ୍କୃତି, ଚରିତ୍ର- ଏସବୁଗୁଡ଼ିକୁ ଏକାସାଙ୍ଗରେ ପାଖାପାଖି ରଖି ବିଚାର କରିବାର ସୁଯୋଗ ପାଇବେ । ଏହାଫଳରେ ଶ୍ରମିକ ସଂଗଠନ ଉପରେ ବିପ୍ଳବୀ ନେତୃତ୍ୱ ଆହୁରି ଶୀଘ୍ର ପ୍ରତିଷ୍ଠା ହେବାର ବାଟ ସୁଗମ ହୁଏ, ସହଜ ହୁଏ । କାର୍ଯ୍ୟତଃ କୌଣସି ପ୍ରକୃତ ବିପ୍ଳବୀ ଦଳହିଁ ଶ୍ରମିକ ସଂଗଠନକୁ ବିପ୍ଳବୀ ନେତୃତ୍ୱକୁ ଆଣିବାକୁ ହେବ ବୋଲି, ଶ୍ରମିକ ଆନ୍ଦୋଳନରେ ଗଣତାନ୍ତ୍ରିକ ମୋର୍ଚ୍ଚା, ଫୋରମ୍ ବା ୟୁନିୟନ୍‌ରେ ବିଭେଦ ଆଣିବାକୁ ଚାହେଁ ନାହିଁ । ସେଥିପାଇଁ ଆମେ ମଧ୍ୟ ଏହି ବିଭେଦ ଆଣିବାର ପକ୍ଷପାତୀ ନୋହୁଁ । ତାହେଲେ, ଏହା ଘଟୁଛି କାହିଁକି ? ଅନେକ ହୁଏତ ଏ ପ୍ରଶ୍ନ କରିବେ । ଏକଥା ଜାଣିବାକୁ ହେଲେ ବୁଝିବାକୁ ହେବ- ଏହା ଘଟୁଛି କାହିଁକି ? ଏହା କେହି ସ୍ୱୀକାର କରୁ ବା ନକରୁ, ଯେଉଁ କାରଣରୁ ଏହା ବାରମ୍ବାର ଘଟୁଛି, ତାର କାରଣ ହେଲା ଦୁଇଟା; ଯାହା ଆମେ ଆଗରୁ କହିଛୁ ।

ନିଜକୁ ବିପ୍ଳବୀ ବୋଲି ମନେ କରୁଥିବା ଏଭଳି ଗୋଟାଏ ଦଳ ମନେକରେ ଯେ, ସିଧାସଳଖ ସେମାନଙ୍କ ନେତୃତ୍ୱରେ ସଂଗଠନ ନହେଲେ, ପ୍ରତିକ୍ରୀୟାଶୀଳମାନଙ୍କର ନେତୃତ୍ୱ କାଏମ ହେବ କିମ୍ବା ସେମାନେ ସଂଗଠନ ଭିତରେ ରହିଲେ, ସେମାନଙ୍କ ସଂଗରେ ମିଳି ମିଶି କୌଣସି ଐକ୍ୟବଦ୍ଧ ଆନ୍ଦୋଳନକୁ ପ୍ରତିଷ୍ଠା କରାଯାଇ ପାରିବ ନାହିଁ । ହୁଏତ ଏହି ସଂକୀର୍ଣ୍ଣ ଧାରଣାର ବଶବର୍ତ୍ତୀ ହୋଇ, ଉଗ୍ରତାରୁ ହିଁ ଅଲଗା ସଂଗଠନ ହୋଇଛି, ଯେମିତି ୧୯୩୦ ମସିହାରେ ଥରେ ହୋଇଥିଲା । ଏ କାମ କମ୍ୟୁନିଷ୍ଟ ନାମଧାରୀ ପାର୍ଟି [ବର୍ତ୍ତମାନ ମୂଳତଃ ସି.ପି.ଆଇ, ସି.ପି.ଆଇ(ଏମ୍) ଓ ସି.ପି.ଆଇ(ଏମ୍.ଏଲ୍) ଏହି ତିନି ଭାଗରେ ବିଭକ୍ତ] ହିଁ କରିଥିଲା । ବି.ଟି ରଣଦିଭେଙ୍କ ନେତୃତ୍ୱରେ ସେମାନେ 'ରେଡ୍ ଟ୍ରେଡ୍ ୟୁନିୟନ୍' ଗଠନ କରି ଏ.ଆଇ.ଟି.ୟୁ.ସି ଭିତରେ ଥିବା ଐକ୍ୟକୁ ଭାଙ୍ଗିଥିଲେ । ତାହା ନହେଲେ, ଯେଉଁ ପାର୍ଟି କୌଣସି କାରଣରୁ ଏକଦା ୟୁନିୟନ୍ ନେତୃତ୍ୱକୁ ଆସି ଅନ୍ୟମାନଙ୍କୁ କୌଣସି ବକ୍ତବ୍ୟ ଉପସ୍ଥାପନ କରିବାର ସୁଯୋଗ ଦିଏ ନାହିଁ, ଯିଏ କ୍ଲିକ୍ (ଷଡଯନ୍ତ୍ରମୂଳକ କାମ) କରେ, ଗୋଷ୍ଠୀ ତିଆରି କରେ, ଜବରଦସ୍ତି କରେ, ନିଜର ମତାମତକୁ ଜୋରଜବରଦସ୍ତି ଚପାଇ ଦିଏ, ସେହି ପାର୍ଟି ତାର ଫାସିବାଦୀ ଆଚରଣ ଦ୍ୱାରା ଐକ୍ୟ ଭାଙ୍ଗି ପକାଏ । ଐକ୍ୟମତର ଭିତ୍ତିରେ ଅନ୍ୟ ସହିତ ନିଜର ମତ ପାର୍ଥକ୍ୟ ଥିବା ସତ୍ତ୍ୱେ ଆଦର୍ଶଗତ ସଂଗ୍ରାମ ଚଳେଇବା ସଙ୍ଗେ ସଙ୍ଗେ କିଭଳିଭାବରେ ଐକ୍ୟ ବଜାୟ ରଖିବାକୁ ହୁଏ, ଐକ୍ୟବଦ୍ଧଭାବରେ ଚାଲିବାକୁ ହୁଏ– ଏ ଅଭ୍ୟାସ ତାର ନାହିଁ । ଏହି ଧରଣର ପାର୍ଟିଗୁଡ଼ିକ ଥରେ ଯେକୌଣସି ପ୍ରକାରରେ କ୍ଷମତା ଦଖଲ କଲେ, ୟୁନିୟନର କର୍ତ୍ତୃତ୍ୱ ଦଖଲ କରିବା ମାତ୍ରେ ଅନ୍ୟକୁ ଜବରଦସ୍ତ ପଦଦଳିତ କରନ୍ତି । ଏଇଟା ମଧ୍ୟ ପେଟି ବୁର୍ଜୁଆ, ଅଣବିପ୍ଳବୀ ଦୃଷ୍ଟିଭଙ୍ଗୀର ପରିଚାୟକ ।

ଏହିସବୁ ଦଳ ବିପ୍ଳବୀ ହେଲେ ବୁଝନ୍ତେ– ସଂଗଠନରେ ଐକ୍ୟ ରଖିବାର ପ୍ରୟୋଜନ ସେମାନଙ୍କର ହିଁ ସବୁଠାରୁ ବେଶୀ । ଶ୍ରମିକମାନଙ୍କ ଭିତରେ ଯେତିକି ଐକ୍ୟ ରଖାଯାଇ ପାରିବ ଏବଂ ତା'ରି ସହିତ ଐକ୍ୟବଦ୍ଧ ଭାବରେ ଶ୍ରମିକମାନଙ୍କୁ ସଂଗଠିତ କରାଯାଇପାରିବ, ଶ୍ରମିକମାନଙ୍କର ଆନ୍ଦୋଳନ ସେତିକି ବେଶୀ ଜୋରଦାର୍ ହେବ । ସେତିକି ଶ୍ରମିକମାନେ ବିଭିନ୍ନ ପାର୍ଟିଗୁଡ଼ିକୁ ବିଚାର କରିବାର, ପାର୍ଟିଗୁଡ଼ିକର ଅଭିମତ ଓ ମତାଦର୍ଶ, ଆନ୍ଦୋଳନ ପରିଚାଳନାର କାଇଦା ଓ କୌଶଳଗୁଡ଼ିକୁ ବିଚାର କରି ଦେଖିବାର, ବିଭିନ୍ନ ଦଳର ନେତାମାନଙ୍କର କର୍ମୀମାନଙ୍କର ଚରିତ୍ରଗୁଡ଼ିକୁ ଦେଖି– ଖାଲି ସେମାନଙ୍କ ମୁହଁର କଥା ଶୁଣି ନୁହେଁ, ସେମାନଙ୍କର ଆଚାର, ଆଚରଣ, ଅଭ୍ୟାସ, କିଭଳିଭାବରେ ସେମାନେ କାମଦାମ ଚଳାନ୍ତି– ଏସବୁ ଦେଖି ସେମାନଙ୍କୁ ପରଖି ନେବାର ସୁଯୋଗ ପାଇବେ । ତେଣୁ ବିପ୍ଳବୀ ଦଳ କଦାପି ଗଣ ଆନ୍ଦୋଳନର ଐକ୍ୟକୁ ଭାଙ୍ଗିବାକୁ ଚାହିଁବ ନାହିଁ । ପାରନ୍ତୁ ବା ନପାରନ୍ତୁ ଐକ୍ୟ ରଖିବାକୁ ଚାହିଁବେ । କାରଣ, ଇଚ୍ଛାଥିଲେ ବି ସେ ସବୁ ସମୟରେ ଐକ୍ୟ ରକ୍ଷା କରିପାରେ

ନାହିଁ, କେବଳ ତା ଇଚ୍ଛା ଉପରେ ସବୁ କିଛି ନିର୍ଭର କରେ ନାହିଁ । ବହୁ ଶକ୍ତି ଏବଂ ପରିବେଶ ଯାହା ତା' ବିରୁଦ୍ଧରେ କାମ କରୁଛି, ଯେଉଁ ଐକ୍ୟ ବିରୋଧୀ ଶକ୍ତି କାମ କରୁଛି, ଶକ୍ତିର ଭାରସାମ୍ୟ ଦିଗରୁ ତା'ର ଯଦି କ୍ଷମତା ବେଶୀ ହୁଏ, ଆଉ ସେହି କ୍ଷମତା ଯଦି ଐକ୍ୟ ଗଢିବା ସପକ୍ଷରେ ନଯାଇ ଐକ୍ୟ ଭାଙ୍ଗିବାର ପକ୍ଷକୁ ଯାଏ, ତା'ହେଲେ ବିପ୍ଳବୀମାନଙ୍କର ଶତ ଚେଷ୍ଟା ସତ୍ତ୍ୱେ ବି ଅନେକ କ୍ଷେତ୍ରରେ ଐକ୍ୟ ରଖାଯାଇ ପାରେ ନାହିଁ । ଏହିଭଳି ଇତିହାସରେ ବାରମ୍ବାର ଐକ୍ୟ ଭାଙ୍ଗିଛି ଓ ଭଙ୍ଗା ହୋଇଛି । ତେଣୁ ଦେଖାଯାଉଛି, ଶ୍ରମିକ ଆନ୍ଦୋଳନରେ ନେତୃତ୍ୱ ପ୍ରଦାନକାରୀ ଦଳଗୁଡ଼ିକର ଏହି ଦୃଷ୍ଟିଭଙ୍ଗୀ ଯୋଗୁଁ ହିଁ ଶ୍ରମିକମାନଙ୍କର ଐକ୍ୟ ରଖାଯାଇ ପାରି ନାହିଁ, ବାରମ୍ବାର ବିଭେଦ ଆସିଛି– ରାଜନୈତିକ ମତାଦର୍ଶଗତ ପାର୍ଥକ୍ୟ ଯୋଗୁଁ ଏହି ବିଭେଦ ଆସି ନାହିଁ ।

ଶ୍ରମିକ ଆନ୍ଦୋଳନରେ ବାରମ୍ବାର ଏହି ଯେଉଁ ବିଭେଦ ଆସିଛି, ତାକୁ ରୋକାଯାଇ ପାରିନାହିଁ; କାରଣ ପ୍ରକୃତ ବିପ୍ଳବୀ ଦଳ, ଯେଉଁ ଦଳଟି ଐକ୍ୟ ରଖିବାର ପ୍ରୟୋଜନତା ବୁଝେ, ସେହି ଦଳଟି ଯଥେଷ୍ଟ ଶକ୍ତିଶାଳୀ ଏବଂ କ୍ଷମତାସମ୍ପନ୍ନ ଭାବରେ ଦେଶର ଶ୍ରମିକ ବା ଗଣ ଆନ୍ଦୋଳନର ନେତୃତ୍ୱରେ ଆଜି ବି ଅନୁପସ୍ଥିତ । ଉପଯୁକ୍ତ କ୍ଷମତା ଓ ଶକ୍ତି ଥିଲେ, ଏକମାତ୍ର ବିପ୍ଳବୀ ଦଳହିଁ ଅନ୍ୟ ସମସ୍ତଙ୍କୁ ଐକ୍ୟବଦ୍ଧ କରି ରଖି ପାରେ । ଯେଉଁ ଦଳଟି ଐକ୍ୟ ରଖିବାର ଯଥାର୍ଥ ବାସ୍ତବ ପ୍ରକ୍ରିୟାଟି ଜାଣେ, ସେହି ବିପ୍ଳବୀ ଦଳଟି ଆଜି ବି ସେହି ଶକ୍ତିର ଅଧିକାରୀ ହୋଇ ନାହିଁ । ଅନ୍ୟଦିଗରେ ମୁହଁରେ ଯେଉଁ ଦଳ ଐକ୍ୟ ରଖିବାର କଥା କହେ, ମାତ୍ର ତାହା ବସ୍ତୁତଃ ଗୋଟିଏ ଐକ୍ୟ ବିନଷ୍ଟକାରୀ ଶକ୍ତି, ସେହି ଦଳର କ୍ଷମତା ଆଜି ସବୁଠାରୁ ବେଶୀ । କ୍ଷମତା ବେଶୀ ହେଲେ ହିଁ ଏମାନେ ଜୋର କରି ଅନ୍ୟକୁ ଅଟକାନ୍ତି, ଅଥବା ଏମାନେ ଭାବନ୍ତି ଯେ,"ଆମେ ଯେହେତୁ ବିପ୍ଳବୀ, ଅଣବିପ୍ଳବୀମାନଙ୍କ ସହିତ ବସିଲେ ଆମର ବିପ୍ଳବୀ ଚରିତ୍ର ନଷ୍ଟ ହୋଇଯିବ । ଆମର ପବିତ୍ର ଭାବମୂର୍ତ୍ତି ନଷ୍ଟ ହୋଇଯିବ ।"ଅସଲରେ ଏମାନେ ବିପ୍ଳବୀ ହିଁ ନୁହନ୍ତି । ବିପ୍ଳବ ନାମରେ ନୈଷ୍ଠିକ ଅନ୍ଧତା(truism)ର ଚର୍ଚ୍ଚା କରନ୍ତି, ବିପ୍ଳବର କଥା କହନ୍ତି । ତେଣୁ କହୁଥିଲି କି ଏସବୁ ଲୋକମାନଙ୍କ ପାଇଁ, ଏଇସବୁ ଝୁଙ୍କ (trend) ପାଇଁ ବାରମ୍ବାର ବିପ୍ଳବୀ ଆନ୍ଦୋଳନରେ, ଶ୍ରମିକ ଆନ୍ଦୋଳନରେ ବିଭେଦ ଆସୁଛି । ତା'ହେଲେ କ'ଣ କରିବାକୁ ହେବ ?

ପ୍ରଥମ କଥା ହେଉଛି, ଆପଣମାନଙ୍କର ଏଠି ଯେଉଁ ଭାଗ ହେଇଛି, ବିଭେଦ ଆସିଛି, ଆପଣମାନଙ୍କର ଦଲିଲ୍ ପଢି ଯେତିକି ଜାଣିଲି ବା ମୁଁ ନିଜେ ଯାହା ଜାଣେ, ତାହା ଏହି ଏକା କାରଣରୁ ହିଁ ହୋଇଛି । ଗୋଟିଏ ସମୟରେ ମିଳିତ ୟୁନିୟନ୍ ଗଢି ଉଠିବା ଆଗରୁ ପ୍ରଥମେ ଆମେ ଯେତେବେଳେ ଅଲଗା ଭାବରେ ଗୋଟିଏ ୟୁନିୟନ୍ ଗଢିତୋଲୁ, ସେଥିରୁ ମଧ୍ୟ ଦୁର୍ଗାପୁରର ଘଟଣାବଳୀ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖଭାବରେ ନହେଲେ ବି କିଛି କିଛି ମୁଁ

ଜାଣେ । ତେଣୁ ଏ ସମ୍ପର୍କରେ ମୁଁ ଯେତିକି ଜାଣିଛି, ସେଥିରେ ଐକ୍ୟ ଭାଙ୍ଗିବାର କାରଣ ହିସାବରେ କେହି ଯଦି କହେ ଯେ ଆପଣମାନଙ୍କ ତରଫରୁ ଅର୍ଥାତ୍ ଗୋଟିଏ ବିଶେଷ ରାଜନୈତିକ ଦୃଷ୍ଟିଭଙ୍ଗୀରୁ ଧରନ୍ତୁ ସିଧା କଥାରେ, ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ଯେଉଁମାନେ ସମର୍ଥକ ଏବଂ କର୍ମକର୍ତ୍ତା, ସେମାନଙ୍କ ଯୋଗୁଁ ଏଇ ଐକ୍ୟ ଭାଙ୍ଗିଛି, ତାହା ମୁଁ ମାନିନେଇ ପାରିବି ନାହିଁ । ଏଥିପାଇଁ ମାନି ପାରିବି ନାହିଁ ଯେ, ଏକଥାଟା ସତ ନୁହେଁ । ସତ ହେଲେ ଏଇଟା ନିଶ୍ଚିତ ଭାବରେ ବିଚାର୍ଯ୍ୟର ବିଷୟ ଏବଂ ସେମାନଙ୍କୁ ଧରି ପ୍ରଶ୍ନ କରାଯାଉ– କେଉଁ କାରଣରୁ ଏବଂ କେଉଁ ବିପ୍ଳବର ସ୍ୱାର୍ଥ ଯୋଗୁଁ ସେମାନେ ଅଲଗା ୟୁନିୟନ୍ କରିଛନ୍ତି ? ତାହା ଦ୍ୱାରା କି କାମ ହେବ ? ସେମାନେ ତ ଜାଣନ୍ତି ଯେ, ଏହା ଦ୍ୱାରା ଶ୍ରମିକମାନଙ୍କର ଲଢେଇ କରିବାର ଶକ୍ତି ଭାଗ ଭାଗ ହୋଇ ଯିବ, ଶ୍ରମିକମାନଙ୍କ ସହିତ ଏକାଠି ଲଢି ଏବଂ ଲଢେଇର ମଇଦାନରେ ଏକାଠି ସମସ୍ତ ଦଳଗୁଡ଼ିକୁ ସହଜ ଭାବରେ ବିଚାର କରିବାର ଯେଉଁ ସୁଯୋଗ ଥିଲା, ସେହି ସୁଯୋଗରୁ ସେମାନଙ୍କୁ ବଞ୍ଚିତ କରାଯିବ । ପ୍ରତ୍ୟେକଙ୍କ ଅଲଗା ଅଲଗା ପ୍ଲାଟଫର୍ମରୁ ଶ୍ରମିକମାନେ ନିଜ ନିଜ ନେତାମାନଙ୍କର ବକ୍ତୃତା ଶୁଣିବେ ଏବଂ ବକ୍ତୃତା ଶୁଣି ଯେ ଯାହାର ନେତାକୁ ପ୍ରଶଂସା କରିବାରେ ଲାଗିବେ । ଏହା ଦ୍ୱାରା ଶ୍ରମିକମାନଙ୍କର ବିଭ୍ରାନ୍ତି ଦୂର କରାଯାଇ ପାରିବ ନାହିଁ । କେବଳ ବାହାରର ପ୍ରଚାର ଦ୍ୱାରା ଅନ୍ୟ ଦଳର ଭୁଲ ରାଜନୀତିକୁ ସ୍ପଷ୍ଟଭାବେ ଅନାବୃତ (expose) କରାଯାଇ ପାରିବ ନାହିଁ କିମ୍ବା ଭୁଲ ଦିଗଟିକୁ ଧରାଇ ଦିଆଯାଇ ପାରିବ ନାହିଁ । ମିଥ୍ୟା– ମିଥ୍ୟା ହେବା ସତ୍ତ୍ୱେ ଦୀର୍ଘ ଦିନ ଧରି କାମ କରି ଚାଲେ, ସତ ଭଳି କାମ କରେ, ସତ ଭଳି ମଣିଷକୁ ବିଭ୍ରାନ୍ତ କରେ । ବିଭ୍ରାନ୍ତ ନ କରୁଥିଲେ ନାଜୀମାନେ ଏବଂ ହିଟଲର ଭଳି ଜଣେ ଜଘନ୍ୟ ଫାସିବାଦୀ (fascist) ନେତା ସମଗ୍ର ଯୁବ ସମ୍ପ୍ରଦାୟକୁ ବିଭ୍ରାନ୍ତ କଲା କେମିତି ? ହିଟଲରର ନାଜୀବାଦ କ'ଣ ସତ୍ୟକୁ ପ୍ରତିଫଳିତ କରୁଥିଲା ? ନା' ତାହା ମାନବତାର ଜଘନ୍ୟତମ ଶତ୍ରୁ, ଅନିଷ୍ଟକାରୀ ଗୋଟିଏ ଦର୍ଶନ ବା ରାଜନୈତିକ ତତ୍ତ୍ୱ ଥିଲା ? ତା' ସତ୍ତ୍ୱେ ବି ଜର୍ମାନୀରେ କେବଳ ଅଧିକାଂଶ ଯୁବକ ନୁହନ୍ତି, ବୁଦ୍ଧିଜୀବୀ ସମ୍ପ୍ରଦାୟ (intellectual) ମଧ୍ୟ ଗୋଟିଏ ସମୟରେ ଏହା ଦ୍ୱାରା ଗଭୀରଭାବେ ପ୍ରଭାବିତ ହୋଇଥିଲେ । ତା'ହେଲେ ସାମୟିକ ଭାବେ ହେଲେ ବି ମିଥ୍ୟା କ'ଣ ଜୟଯୁକ୍ତ ହୁଏ ନାହିଁ? ଏହା ତ ଅବାସ୍ତବ କଥା ନୁହେଁ? କାରଣ କେବଳ ପ୍ରଚାର କରି ଧରେଇ ଦେଲେ ଯେ ଲୋକେ ସତଟାକୁ ସଙ୍ଗେ ସଙ୍ଗେ ବୁଝି ପାରିବେ– ବିଷୟଟି ଏତେ ସହଜ ନୁହେଁ । କଥାରେ ବା ପ୍ରକାଶ ଭଙ୍ଗୀମାର ମାରପେଞ୍ଚ ମଧ୍ୟରେ ଥିବା ସତ୍ୟ ମିଥ୍ୟାର ପାର୍ଥକ୍ୟକୁ (in between the lines) ଠିକ୍**ଭାବେ** ବୁଝିପାରିବା ଅତ୍ୟନ୍ତ କଷ୍ଟସାଧ୍ୟ । ତେଣୁ ମିଳିତ ମଞ୍ଚରେ ପରସ୍ପରକୁ ପାଖାପାଖି ଦେଖି ବିଚାର କରି ନେବାର ସୁଯୋଗଟା, ଐକ୍ୟବଦ୍ଧ ଆନ୍ଦୋଳନରେ ଗୋଟିଏ ପ୍ରଧାନ ସର୍ତ୍ତ । ଆମେ ଯେତେବେଳେ ଐକ୍ୟର କଥା କହୁ, ସେତେବେଳେ ତ ଆମେମାନେ

ସଂଗ୍ରାମହୀନ ଐକ୍ୟର କଥା କହୁ ନାହୁଁ । ଐକ୍ୟ ଭିତରେ ନିରନ୍ତର ଆଦର୍ଶଗତ ସଂଗ୍ରାମ ରହିଛି । ଐକ୍ୟ ଭିତରେ ମତପାର୍ଥକ୍ୟ ବି ରହିଛି । ତେଣୁ ଆମେ ଯେତେବେଳେ ଐକ୍ୟର କଥା କହୁ, ସେତେବେଳେ ସଂଗ୍ରାମର କଥା ମଧ୍ୟ କହୁ । ଆମେ ଯେତେବେଳେ ଅନ୍ୟ ବିରୁଦ୍ଧରେ ସଂଗ୍ରାମ କଥା କହୁ, ସେତେବେଳେ ଆମେମାନେ ଐକ୍ୟ ପାଇଁ ମଧ୍ୟ ଚେଷ୍ଟା କରୁ । ଏକଥା ଯଦି ଆମେ ନକରୁ, ତା'ହେଲେ ସଂଗ୍ରାମଟା ନିରର୍ଥକ (useless), ସଂଗ୍ରାମର କୌଣସି ଅର୍ଥ ନାହିଁ । ଆପଣମାନଙ୍କୁ ଭଲଭାବରେ ଏଇ କଥାଟିକୁ ବୁଝିବାକୁ ହେବ ।

ଗୋଟିଏ ଦଳ ଆପଣମାନଙ୍କୁ କଥା କହିବାକୁ ଦେଇ ନାହିଁ । ମୁହଁ ଖୋଲିବାକୁ ଦେଇ ନାହିଁ, ବିରୁଦ୍ଧ ମତ ଥିଲେ ବି, ନେତାମାନଙ୍କର ସମାଲୋଚନା ହେଲେ ବି, ବାହୁ ବଳରେ ରାଜନୀତି କରୁଛନ୍ତି । ଏହାର ଅର୍ଥ ମୁଁ ଏକଥା କହୁ ନାହିଁ ଯେ, ଅନ୍ୟ ପାର୍ଟିର ପ୍ରଭାବ ବଢ଼ି ଥିବାର ଦେଖିଲେ, ନିଜର କର୍ତ୍ତୃତ୍ୱ କିମିଛି ଦେଖିଲେ, ସେମାନେ ରାଜନୈତିକଭାବରେ ଲଢ଼ିବେ ନାହିଁ ବା ଅନ୍ୟର ମତ ଭୁଲ ବୋଲି ପ୍ରମାଣ କରିବାର ଚେଷ୍ଟା କରିବେ ନାହିଁ, ଶ୍ରମିକମାନଙ୍କ ନିକଟରେ ତାହା ହାସ୍ୟକର ବୋଲି ଦର୍ଶାଇବାକୁ ଚେଷ୍ଟା କରିବେ ନାହିଁ । ସେ କଥା ସେମାନେ କରନ୍ତୁ, ରାଜନୈତିକ ଆଦର୍ଶଗତ ଲଢ଼େଇ ପରିଚାଳନା କରି ଶ୍ରମିକମାନଙ୍କୁ ସେମାନେ ନିଜ ଆଡକୁ ଟାଣି ନିଅନ୍ତୁ, ଏଥିରେ କେହି ଆପତ୍ତି କରି ପାରିବେ ନାହିଁ । କିନ୍ତୁ ସେ କଥା ନ ହୋଇ ବାସ୍ତବରେ ଯାହା ହେଉଛି- କୌଣସି ବିରୁଦ୍ଧ ମତକୁ ମୁଣ୍ଡ ଟେକିବାକୁ ଦେବା ନାହିଁ- ତା' ବିରୁଦ୍ଧରେ ମିଛ ପ୍ରଚାର କରିହେଉ, କୁତ୍ସାରଟନା (slander) କରି ହେଉ, ଚରିତ୍ର ସଂହାର (character Aassassination) କରି ହେଉ, ବା ଜବରଦସ୍ତ ଦୈହିକ ଆକ୍ରମଣ (Physical assault) କରି ହେଉ- ତାକୁ ମୁଣ୍ଡ ଟେକିବାକୁ ଦେବୁ ନାହିଁ । ଏଇ ମନୋଭାବ ଯୋଗୁଁ ବାଧ୍ୟ ହୋଇ ଯଦି ଆପଣମାନଙ୍କୁ ଅଲଗା ୟୁନିୟନ୍ କରିବାକୁ ହୁଏ, ଯଦି ଐକ୍ୟ ଭାଙ୍ଗି ଯାଏ, ତେବେ ଐକ୍ୟ ଭାଙ୍ଗିଛି ବୋଲି ଯେ ଆମମାନଙ୍କୁ କେବଳ ଅଲଗା ଭାବରେ ଲଢ଼ି ଯିବାକୁ ହେବ, ସେମାନଙ୍କ ବିରୁଦ୍ଧରେ ଆମେ ଖାଲି ସମାଲୋଚନା (criticism) କରିଯିବା, ଆଦର୍ଶଗତ ଆନ୍ଦୋଳନ କରିଯିବା ଓ ଏହାରି ଭିତର ଦେଇ ସେମାନଙ୍କୁ ଅନାବୃତ କରିବା ଏବଂ ଆଉ କିଛି କରିବା ନାହିଁ, ଏହି ଦୃଷ୍ଟିଭଙ୍ଗୀ ମଧ୍ୟ ଭୁଲ । ଏସବୁ ଆପଣମାନଙ୍କୁ କରିବାକୁ ହେବ, ଏ କଥା ଠିକ୍ । ତେବେ ଏହାରି ଭିତରଦେଇ ଐକ୍ୟବଦ୍ଧ ଆନ୍ଦୋଳନର ପ୍ରୟୋଜନ କଥାଟା, ଐକ୍ୟର ରାସ୍ତାରେ କି କି ବାଧା ସବୁ ରହିଛି, ତାହା ଯଦି ଆପଣମାନେ ବାରମ୍ବାର ଲୋକଙ୍କ ଆଗରେ ଟୋଳି ନ ଧରନ୍ତି ଏବଂ ନିଜ ତରଫରୁ ନିଃସର୍ତ୍ତ ଭାବରେ ଏଇ ଘୋଷଣାଟି ନ କରନ୍ତି ଯେ- ଅନୈକ୍ୟର ରାସ୍ତାରେ ଯେଉଁସବୁ କାରଣ (condition) ଅଛି, ତାହା ଅପସାରିତ (eliminated) ହେଲେ ଆପଣମାନେ ଯେ କେବଳ ଐକ୍ୟବଦ୍ଧ ହେବେ

ତା ନୁହେଁ, ସେହି ଐକ୍ୟର ରକ୍ଷା ମଧ୍ୟ କରିବେ, ତା' ହେଲେ ଗୋଟିଏ ମସ୍ତବଡ ଭୁଲ ହେବ । ଯେଉଁ କାରଣ ଯୋଗୁଁ ଐକ୍ୟ ଭାଙ୍ଗୁଛି, ଆପଣମାନେ ସେ ସବୁକୁ ଶ୍ରମିକମାନଙ୍କ ସାମ୍ନାରେ ପ୍ରତିମୁହୂର୍ତ୍ତରେ ତୋଳିଧରି ଏହି କଥାଟା ସେମାନଙ୍କୁ କହିବେ ଯେ, ତୁମେ ଶ୍ରମିକମାନେ ଉଦ୍ୟୋଗ ନେଇ ଐକ୍ୟ ପଥରେ ଥିବା କଣ୍ଟାଗୁଡ଼ିକୁ ଦୂରକର । ୟୁନିୟନ୍‌ର ନେତୃତ୍ୱରେ ଯେଉଁ ଦଳ ରହିଛି, ତା'ର ଯଦି କ୍ଷମତା ଥାଏ, ତା'ର ଯଦି ସଂଖ୍ୟା ଗରିଷ୍ଠ (majority support) ସମର୍ଥନ ଥାଏ, ତା'ହେଲେ ସେ ନେତୃତ୍ୱ ନେବ । ତାହା ଏକ ପ୍ରସଙ୍ଗ ନୁହେଁ । ମୋର କ୍ଷମତା ନାହିଁ, ସେଥିପାଇଁ ମୁଁ ରାଗିବି କାହିଁକି ? ମୁଁ ଶ୍ରମିକମାନଙ୍କଠାରୁ ଭୋଟ ପାଇ ନାହିଁ । ସେଥିପାଇଁ ରାଗିବି କାହିଁକି ? କିନ୍ତୁ ମୁଁ ଯଦି ଏକକ କଣ୍ଠ (Solitary Voice) ହୋଇଥାଏ, ଏକା ହୋଇଥାଏ, ତେବେ ମୋତେ ମୋର ମତ ପ୍ରକାଶ କରିବାର ସୁଯୋଗ ଦେବାକୁ ହେବ- ଐକ୍ୟବଦ୍ଧ ଆନ୍ଦୋଳନରେ ଐକ୍ୟର ରକ୍ଷାର ଏଇଟା ଗୋଟିଏ ପ୍ରଧାନ ସର୍ତ୍ତ । ଏ କଥା ନକଲେ, ଜଣେ କେବଳ ଏକା ବୋଲି ଅନ୍ୟର ଆନୁଗତ୍ୟରେ ରହି ପାରିବ ନାହିଁ । ସେ କେଉଁଥିପାଇଁ ରହିବ ? ତା'ହେଲେ ତାକୁ ଫାକ୍ସନାଲ ଓ୍ୱାର୍କ (factional work) କରିବାକୁ ହୁଏ, ତା ନହେଲେ ଗୋଷ୍ଠୀ ଗଠନ କରି କାମ କରିବାକୁ ହୁଏ । ସେ ତ ଅଲଗା କଥା । ଏସବୁ ବିପରୀତ ଦିଗରୁ ଐକ୍ୟ ଭାଙ୍ଗିବାର ପ୍ରକ୍ରିୟାକୁ ସାହାଯ୍ୟ କରିବ ।

ଆଉ ଗୋଟିଏ କଥା । ଅନେକ ସମୟରେ ଶତ୍ରୁ ଶିବିରକୁ ଭାଙ୍ଗିବା ପାଇଁ ବିପ୍ଳବୀମାନଙ୍କୁ ଏ କାମ କରିବାକୁ ହୁଏ । କିନ୍ତୁ ଏଠି ତ ଆମେ ଶ୍ରମିକ ଆନ୍ଦୋଳନରେ ହିଁ ରହିଛୁ । ଏହାକୁ ତ ଆମେ ଶତ୍ରୁ ଶିବିର ବୋଲି ଭାବୁ ନାହୁଁ । ଯେଉଁ ଐକ୍ୟ ଗଢି ଉଠି ପାରି ନାହିଁ- ଅନ୍ୟର ଗୋଟାଏ ୟୁନିୟନ୍ ଯେଉଁଟା ପ୍ରତିକ୍ରିୟାଶୀଳମାନଙ୍କ ନେତୃତ୍ୱରେ ଚାଲିଛି, ସେଥିରୁ ଶ୍ରମିକମାନଙ୍କୁ ମୁକ୍ତ କରିବା ଯେଉଁଠି ପ୍ରଶ୍ନ ଏବଂ ସେଠି ଯଦି ବାଧ୍ୟ ହୋଇ ହିଁ ଆମକୁ ଏହି କାମ କରିବାକୁ ହୁଏ, ତେବେ ତ ଆମର ଗୋଷ୍ଠୀ ଗଠନ କରିବାର କଥା ଉଠେ । କିନ୍ତୁ ଯେଉଁଠି ଆମେ ଶ୍ରମିକମାନଙ୍କ ସଂଘବଦ୍ଧ ଆନ୍ଦୋଳନ, ଐକ୍ୟବଦ୍ଧ ଆନ୍ଦୋଳନର କଥା ଭାବୁଛୁ, ସେଠାରେ ଆମକୁ ଆମର କଥା କହିବାକୁ ଦିଆ ହେଉ କି ନ ହେଉ, ସେଠି ଗୋଷ୍ଠୀ ଗଠନ କରି କାମ କରିବାର କଥା ଆସିବ କାହିଁକି ? ଐକ୍ୟ ସହିତ ଗୋଷ୍ଠୀ ଗଠନ କରି କାମ କରିବାର କୌଣସି ସମ୍ବନ୍ଧ ନାହିଁ । ତା' ଯଦି ହୁଏ, ତା'ହେଲେ ଏଠାରେ ଆମର କାମ କରିବାର ସୁଯୋଗ ରହିବ ନାହିଁ କାହିଁକି ? (Even if I am a lone man, I must have the right to speak) ମୁଁ ଯଦି ଏକା ବି ହୁଏ ତେବେ ବକ୍ତବ୍ୟ ରଖିବାର ଅଧିକାର ମୋର ଅଛି ଏବଂ ରହିବ । ମୋର ଯଦି କ୍ଷମତା ନଥାଏ, ଶ୍ରମିକମାନେ ମୋ କଥା ଶୁଣି ମଧ୍ୟ ମୋତେ ଯଦି ସମର୍ଥନ ନକରି, ତୁମକୁ କରନ୍ତି- ତେବେ ତୁମେ ନେତୃତ୍ୱ ନେବ ।

ମୁଁ ସେହି ନେତୃତ୍ୱର ଅଧିନରେ ତା'ର ଐକ୍ୟମତର କର୍ମସୂଚୀ (agreed common programme)କୁ ସମର୍ଥନ କରିବି । କିନ୍ତୁ ତା' ସଙ୍ଗେ ସଙ୍ଗେ ମୋର ବିରୋଧ କେଉଁଠି, ଅସୁବିଧା କେଉଁଠି, ପୁଣି ମୋର ମତ ପାର୍ଥକ୍ୟ କେଉଁଠି, ସେ ସବୁକୁ ମଧ୍ୟ କହିବି । ଏହି କହିବାର ଅଧିକାର ମୋତେ ଦେବାକୁ ହେବ । ଏହି ମାନସିକତା ଯଦି ବଜାୟ ରହେ, ତା' ହେଲେ ବାମପନ୍ଥୀ ଦଳ (leftist party), ଯେଉଁମାନେ ନିଜକୁ ମାର୍କ୍ସବାଦୀ-ଲେନିନ୍‌ବାଦୀ (Marxist-Leninist) ବୋଲି ଦାବି କରନ୍ତି, ସେମାନଙ୍କର ଅନ୍ତତଃ ଶ୍ରମିକ ଆନ୍ଦୋଳନ କ୍ଷେତ୍ରରେ, ଗଣତାନ୍ତ୍ରିକ ଆନ୍ଦୋଳନ କ୍ଷେତ୍ରରେ ଅଲଗା ଅଲଗା ଶ୍ରମିକ ସଂଗଠନ ଭିନ୍ନ ଭିନ୍ନ ୟୁନିୟନ୍ ବା ଫୋରମ୍ (forum) କରିବାର କୌଣସି କାର୍ଯ୍ୟକାରୀତା ମୁଁ ଦେଖି ପାରୁ ନାହିଁ । ବରଂ ଏହା କ୍ଷତିକାରକ ବିଷୟ । ତେଣୁ ବାଧ୍ୟ ହୋଇ ଅଲଗା ଅଲଗା ୟୁନିୟନ୍ କଲେ ବି ଐକ୍ୟ ପାଇଁ ଆବଶ୍ୟକୀୟ ଏହି ଦିଗଗୁଡ଼ିକୁ, ଏହି ସ୍ଲୋଗାନଟିକୁ ଆପଣମାନଙ୍କୁ ତୋଳି ଧରିବାକୁ ହେବ । ଏହା ଏକପ୍ରକାରର କୌଶଳ (tactics) ନୁହେଁ । ସୁଚତୁର ପରିକଳ୍ପନା ବା "ମେନ୍ୟୁଭର"ର ବିଷୟ ନୁହେଁ । ଲୋକଙ୍କୁ ଠକାଇବାର ଗୋଟିଏ ପ୍ରଚାର ବା ପ୍ରୋପାଗାଣ୍ଡା ମଧ୍ୟ ନୁହେଁ- ପ୍ରକୃତରେ ଆପଣମାନେ ଏହା ଚାହାନ୍ତି । କାରଣ ଯଦି ଶ୍ରମିକମାନଙ୍କୁ ଏହା ବୁଝେଇ ଆପଣମାନେ ଆଣି ନପାରନ୍ତି, ତାହେଲେ ଶେଷ ପର୍ଯ୍ୟନ୍ତ ଆପଣମାନଙ୍କର ଅଗ୍ରଗତି ଅତ୍ୟନ୍ତ ମନ୍ଥର ହେବ । କର୍ମୀ ପାଇବା ଦିଗରୁ ଆଦର୍ଶଗତ ଦିଗରୁ ହୁଏତ ଆପଣମାନେ ଆଗେଇବେ, ମାତ୍ର ସଂଘବଦ୍ଧ ଓ ଐକ୍ୟବଦ୍ଧ ଭାବରେ ଶ୍ରମିକ ଆନ୍ଦୋଳନର ଅଗ୍ରଗତିର ଦିଗରୁ ଏବଂ ବିପ୍ଳବୀ ନେତୃତ୍ୱ କହିଲେ ଯାହା ଆପଣମାନେ ବୁଝନ୍ତି, ଶ୍ରମିକ ଆନ୍ଦୋଳନରେ ସେହି ବିପ୍ଳବୀ ନେତୃତ୍ୱକୁ ପ୍ରତିଷ୍ଠିତ କରିବା କ୍ଷେତ୍ରରେ ଆପଣମାନଙ୍କୁ ଅନେକ ବେଶୀ ସମୟ ଲାଗିବ, ଅନେକ ବେଶୀ ବାଧାର ସମ୍ମୁଖୀନ ହେବାକୁ ପଡିବ ।

## ବିପ୍ଳବୀ କର୍ମୀମାନଙ୍କର ଦୃଷ୍ଟିଭଙ୍ଗୀ ଓ ଆଚରଣ ବିଧି ସଂକ୍ରାନ୍ତୀୟ କେତୋଟି ବିଷୟ

ତାହାହେଲେ ଯୁକ୍ତ ଆନ୍ଦୋଳନ ଭିତରେ ଐକ୍ୟ ବିରୋଧୀ ଦୁଇଟି ମୂଳ ଉପାଦାନ (ingredients) ରହିଛି- ଗୋଟାଏ ଜବରଦସ୍ତି ଏବଂ ଆଉ ଗୋଟିଏ ସଂକୀର୍ଣ୍ଣ ଦୃଷ୍ଟିଭଙ୍ଗୀ (Sectrarian attitude) । ଏହାଛଡା ଆଉ ଗୋଟିଏ ବିଷୟରେ ମଧ୍ୟ କହିବାକୁ ଚାହେଁ । ତା' ହେଲା ବିପ୍ଳବୀର ସ୍ପର୍ଶକାତରତା, ଯେମିତି କି ଅବିପ୍ଳବୀ ସାଙ୍ଗରେ ବସିଲେ ହିଁ ଏକ ସଙ୍ଗେ କାମ କଲେ ହିଁ ବିପ୍ଳବୀ ଚରିତ୍ର ନଷ୍ଟ ହୋଇ ଯିବ । ଏ ସମ୍ପର୍କରେ ମାର୍କ୍ସବାଦୀମାନେ, ବିଶେଷ କରି କମ୍ରେଡ୍ ଲେନିନ୍ ବାରମ୍ବାର ହୁସିଆର କରିଦେଇଛନ୍ତି । ସେ ଥରେ କହିଥିଲେ, ବିପ୍ଳବର ପ୍ରୟୋଜନରେ, ବିପ୍ଳବର ପ୍ରକ୍ରିୟାରେ ଯେଉଁ ଐକ୍ୟର ପ୍ରୟୋଜନ ଦେଖାଦେଇଛି, ତାକୁ ଲକ୍ଷ୍ୟ ନକରି, ଯେଉଁମାନେ ଅନେକ ସମୟରେ ଶତ୍ରୁ ସହିତ, ଦୁଶମନ୍ ସହିତ ଏବଂ

ଅବିପ୍ଳବୀ ସହିତ ପ୍ରୟୋଜନ ହେଲେ ବି ଏକତ୍ର କାମ କରି ପାରନ୍ତି ନାହିଁ, ସେମାନେ ଅସଲରେ ନିଜ ଛାଇ ଦେଖି ହିଁ ଡରି ପଳାନ୍ତି । ସେମାନଙ୍କ ନିଜ ଭିତର ଭୂତକୁ ଦେଖି ହିଁ ସେମାନେ ଭୟ କରନ୍ତି । ଅସଲରେ ସେମାନଙ୍କ ନିଜ ଚରିତ୍ରର ଦୃଢତା ନାହିଁ । ସେମାନେ ବିପ୍ଳବୀ ହିଁ ନୁହନ୍ତି । ସେମାନଙ୍କୁ ଜାଣିବାକୁ ହେବ ଯେ, କେମିତି ସମସ୍ତ ସାଙ୍ଗରେ କାମ କରାଯାଇ ପାରେ, ଏମିତି କି ଗୋଳମାଳିଆ ଲୋକ ସାଙ୍ଗରେ ମଧ୍ୟ କାମ କରାଯାଇ ପାରେ (how to work with all, even with difficult people) । ବିପ୍ଳବୀମାନେ ସମସ୍ତଙ୍କ ସାଙ୍ଗରେ କାମ କରି ପାରନ୍ତି, ସେମାନଙ୍କର ସେ କ୍ଷମତା ଏବଂ ଚରିତ୍ରର ମୂଳଦୁଆ ଥିବା ଉଚିତ । ତେବେ ସମସ୍ତଙ୍କ ସାଙ୍ଗରେ କାମ କରି ପାରିବାର ଇଚ୍ଛା ବା କ୍ଷମତା ଅଛି ମାନେ ଏହା ନୁହେଁ ଯେ, ସମସ୍ତଙ୍କ ସାଙ୍ଗରେ କାମ କରାଯିବ । ସମସ୍ତଙ୍କ ସାଙ୍ଗରେ କାମ କରିବା କଥାଟା ଅନେକଗୁଡ଼ିଏ କାରଣ (factor) ଉପରେ ନିର୍ଭର କରେ । ଭାରତବର୍ଷରେ ଟ୍ରେଡ୍ ୟୁନିୟନ୍ ଆନ୍ଦୋଳନରେ ବାରମ୍ବାର ଯେଉଁ ଐକ୍ୟ ଭାଙ୍ଗିଛି, ଏସବୁ ହେଲା ତାର ମୂଳ କାରଣ ।

ଅନେକ କହନ୍ତି ଯେ, ଯେହେତୁ ସ୍ୱାଧୀନତା ପରେ ଶ୍ରେଣୀ ସଂଗ୍ରାମ ତୀବ୍ରତର ହୋଇଛି, ତେଣୁ ବିଭିନ୍ନ ପାର୍ଟି ସେମାନଙ୍କର ଅଲଗା ଅଲଗା ଟ୍ରେଡ୍ ୟୁନିୟନ୍ କରିଛନ୍ତି । ଶ୍ରେଣୀ ସଂଗ୍ରାମ ତୀବ୍ରତର ହେବା ସହିତ ବିଭିନ୍ନ ପାର୍ଟିମାନଙ୍କର ଅଲଗା ଅଲଗା ଭାବେ ଟ୍ରେଡ୍ ୟୁନିୟନ୍ କରିବାର କ'ଣ ସମ୍ପର୍କ ଅଛି ? ସ୍ୱାଧୀନତା ଆନ୍ଦୋଳନ ସମୟରେ ବିଭିନ୍ନ ଦଳଗୁଡ଼ିକର ଐକ୍ୟବଦ୍ଧ ଆନ୍ଦୋଳନର ଏବଂ ସଂଗ୍ରାମର ଯେଉଁ ସ୍ୱରୂପ ଥିଲା ଆଜି ଶ୍ରେଣୀ ସଂଗ୍ରାମ ତୀବ୍ରତର ହେବା ଯୋଗୁ ଐକ୍ୟବଦ୍ଧ ଆନ୍ଦୋଳନର ତୀବ୍ରତା ଆହୁରି ବୃଦ୍ଧି ପାଇବା କଥା, ଦଳଗୁଡ଼ିକର ପରସ୍ପର ରାଜନୈତିକ ମତାଦର୍ଶର ସଂଗ୍ରାମ ଆହୁରି ବେଶୀ ତୀବ୍ର ଆକାର ଧାରଣ କରିବା କଥା । କିନ୍ତୁ ତାହା ହୋଇ ନାହିଁ । ଐକ୍ୟବଦ୍ଧ ଆନ୍ଦୋଳନର ସଂଯୁକ୍ତ ମୋର୍ଚ୍ଚାରେ (common platform of action) ଫାଟ ସୃଷ୍ଟି ହୋଇଛି । ଏହି ଦୁଇଟି କାରଣ ଯୋଗୁଁ ହିଁ ଫାଟ ସୃଷ୍ଟି ହୋଇଛି– ସଂକୀର୍ଣ୍ଣ ଦୃଷ୍ଟିଭଙ୍ଗୀ ଏବଂ ଜବରଦସ୍ତି, ଅନ୍ୟକୁ ଫଙ୍କସନ୍ (function) କରିବାକୁ, କାମ କରିବାକୁ ନ ଦେବାର ମନୋଭାବ ଯୋଗୁଁ ।

ସଂଗଠନ ପରିଚାଳନା କ୍ଷେତ୍ରରେ ଗଣତାନ୍ତ୍ରିକ ରୀତି ନୀତିର କଥା କହିବି, କିନ୍ତୁ କମିଟିର ସଂଖ୍ୟା ଗରିଷ୍ଠତାର ବଳରେ ସଂଖ୍ୟା ଲଘିଷ୍ଠକୁ ପଦାନତ କରି ରଖିବି, ନିଜର ରାଜନୀତି ସପକ୍ଷରେ ଅନ୍ୟକୁ ଟାଣି ଆଣିବି । ମୁଁ ଯାହା କହିବି, ଗୋଲାମୀର ମନୋଭାବ ନେଇ ନିର୍ବିଚାରରେ ତାହା ମାନି ନେଲେ, ହୁଏତ ଦରକାର ହେଲେ ତାକୁ ନେତା ଫେତା କରି ଦେବାରେ ମୋର ଆପତ୍ତି ନାହିଁ । ବହୁ ଲୋକ ଏସବୁ କରନ୍ତି । ଆମେ ରବୀନ୍ଦ୍ରନାଥଙ୍କ କଥା କହୁ, ଅନେକ ବଡ ବଡ ଲୋକଙ୍କ କଥା କହୁ, କିନ୍ତୁ ଆମେ ଯେଉଁମାନେ ନିଜକୁ

ମାର୍କ୍ସବାଦୀ-ଲେନିନ୍‌ବାଦୀ ବୋଲି ଦାବି କରୁ, ମାନବତାବାଦୀ (humanist)ମାନଙ୍କର ମୂଲ୍ୟବୋଧକୁ ମଧ୍ୟ ମାନି ଚଲୁ ନାହୁଁ । ଆପଣମାନେ ମନେ ରଖିବେ, ଚାଟୁକାରମାନଙ୍କୁ ଯିଏ ପସନ୍ଦ କରେ ଏବଂ ପ୍ରଶ୍ରୟ ଦିଏ, ସିଏ ନିଜେ ହିଁ ଅସଲରେ କଦର୍ଯ୍ୟ ଲୋକ । କୌଣସି ବଡ ଲୋକ ଜାଣିଶୁଣି ନିମ୍ନ ମାନସିକତାର ଶିକାର ହୁଏ ନାହିଁ । ଯିଏ ଚାଟୁକାର, ପଦଲେହୀ ଅର୍ଥାତ୍ ଯେଉଁମାନେ ହାଁ ଜୀ, ହାଁ ଜୀ କରନ୍ତି, ପ୍ରଶସ୍ତି ଗାନ (Flattery) କରନ୍ତି- ସେମାନଙ୍କୁ ସିଏ ପସନ୍ଦ କରେ ନାହିଁ । ହାଁ ଜୀ, ହାଁ ଜୀ କରୁଛନ୍ତି ବୋଲି ସେମାନଙ୍କୁ ନେତା କରି ଦିଅନ୍ତି ନାହିଁ । ଲୋକମାନଙ୍କ ଭିତରେ ସେମାନଙ୍କ ସମ୍ପର୍କରେ କୌଣସି ମୋହ ସୃଷ୍ଟିରେ ସାହାଯ୍ୟ କରନ୍ତି ନାହିଁ । କାରଣ ନେତା କଥାଟାର ଗୋଟିଏ ଅର୍ଥ ଅଛି । ନେତା ଗୋଟାଏ ମଡେଲ୍, ଯିଏ ଜନସାଧାରଣଙ୍କ ଭିତରେ ସମାଜ ବିପ୍ଳବର ପରିପୂରକ ରୁଚି, ନ୍ୟାୟ ନୀତିର ଧାରଣା ଏବଂ ଆଦର୍ଶକୁ ପ୍ରତିଫଳିତ କରେ । ସେଇଥିପାଇଁ ଜଣେ ଲୋକ ଯେହେତୁ ତେଲ ମାରି ନାଁ କମେଇବାକୁ ଚାହେଁ, ତାକୁ ପ୍ରଶ୍ରୟ ଦେଇ ମୁଁ ନେତା କରାଇ ଦେଇ ପାରେ ନାହିଁ- କୌଶଳ (tactics) ଅର୍ଥରେ ବି କ'ଣ ଏହା କରାଯାଏ କି ? ତାହେଲେ ମୁଁ କେତେ ବଡ ସର୍ବନାଶ କଲି । ଲୋକଙ୍କ ଆଗରେ ଏକ ପଦଲେହନକାରୀକୁ(boot-licker), ଚାଟୁକାରକୁ ନେତୃତ୍ୱର ମଡେଲ ହିସାବରେ ଛିଡା କରେଇଲି, ଯିଏ ନିଜର ଉଚ୍ଚାକାଂକ୍ଷା ଚରିତାର୍ଥ କରିବା ପାଇଁ ଯେ କୌଣସି ଲୋକଙ୍କୁ ତେଲ ମାରି ପାରେ । ଅଥଚ ଅନେକ ତଥାକଥିତ ମାର୍କ୍ସବାଦୀ ନେତାମାନେ ନିର୍ବିକାର ଚିତ୍ତରେ ଏହା କରୁଛନ୍ତି । ଏଠାରେ ନାଁ, ଗାଁ ଧରିବାକୁ ମୁଁ ଚାହେଁ ନାହିଁ । ସେମାନେ କୌଣସି ବିପ୍ଳବର ପ୍ରୟୋଜନରେ ଏହା କରୁ ନାହାନ୍ତି, ଯେହେତୁ କିଛି ଲୋକ ସେମାନଙ୍କୁ ତେଲ ମାରନ୍ତି, ତେଣୁ ସେମାନେ ସେଇ ଲୋକମାନଙ୍କୁ ମଞ୍ଚରେ ବସିବାର ସୁବିଧା କରି ଦିଅନ୍ତି । ଥରେ ମଧ୍ୟ ସେମାନେ ଭାବନ୍ତି ନାହିଁ ଯେ, ଏଭଳି ଲୋକ ନେତା ହେଲେ ଜନସାଧାରଣଙ୍କ ରାଜନୈତିକ ଚେତନା, ଦୃଷ୍ଟିଭଙ୍ଗୀ, ସଂସ୍କୃତି ତଥା ସେମାନଙ୍କ ଆଦର୍ଶବାଦ କେଉଁ ସ୍ତରରେ ଯାଇ ପହଞ୍ଚିବ ।

କେବଳ ସ୍ଲୋଗାନ ଦେଇ କୌଣସି ଦେଶରେ ବିପ୍ଳବ ହୋଇ ନାହିଁ । ବିପ୍ଳବ ପାଇଁ ଲୋକମାନଙ୍କର ଗୋଟିଏ ସୁସ୍ଥ ଓ ସୁନ୍ଦର ନୈତିକ ଭିତ୍ତିର ପ୍ରୟୋଜନ ରହିଛି । ଲୋକମାନେ ଯଦି କେବଳ ସ୍ଲୋଗାନ ସର୍ବସ୍ୱ ହୁଅନ୍ତି; ଦଳବଦ୍ଧ ଭାବରେ ଥିଲେ ସାହସୀ, ଆଉ ଦଳବଦ୍ଧ ହୋଇ ନଥିଲେ କୁଁ କୁଁ କରନ୍ତି; କୁକୁର ବିରାଡି ଭଳି ଠେଙ୍ଗା ଦେଖିଲେ ପଳାନ୍ତି, ପୁଣି ନିଜ ହାତରେ ଠେଙ୍ଗା ଥିଲେ ମଣିଷକୁ ମଣିଷ ହିସାବରେ ଗଣ୍ୟ କରନ୍ତି ନାହିଁ, ଲୋକଙ୍କ ଉପରେ ହାମଲା କରନ୍ତି, ତାହେଲେ ଏଭଳି ଲୋକମାନଙ୍କ ଦ୍ୱାରା କଣ ବିପ୍ଳବ ହେବ ? ଏଇ ଯେ ରକ୍ତପିପାସୁ ପ୍ରବଣତା (bloody maniac)- ଏହା ହେଲା ବିପ୍ଳବର ବିରୁଦ୍ଧ ଶକ୍ତି । ଏହା

ଦ୍ୱାରା ସମାଜ ଭିତରେ ଫାସିବାଦୀ ମାନସିକତା ତିଆରି ହୁଏ । ଶ୍ରମିକ ଆନ୍ଦୋଳନରେ ଗଣତାନ୍ତ୍ରିକ ଆନ୍ଦୋଳନରେ ମାର୍କ୍ସବାଦ-ଲେନିନ୍‌ବାଦ ନାମରେ ଆଜି ଏଇ ସବୁ ବିଭ୍ରାନ୍ତିକର ଆଚରଣ ଚାଲିଛି । କେବଳ ବାହାର ଲୋକଙ୍କ ବିରୁଦ୍ଧରେ ନୁହେଁ, ଦଳର ଅଭ୍ୟନ୍ତରରେ ଦଳର ବାହାରେ ଯାହା କିଛି କଦର୍ଯ୍ୟ (filthy) ଯାହା ମଣିଷକୁ ବଡ କରିବାକୁ, ମହତ ହେବାକୁ ସାହାଯ୍ୟ କରେ ନାହିଁ, ତାହା ବିରୁଦ୍ଧରେ ନିରନ୍ତର ସଂଗ୍ରାମ କରିବା ଉଚିତ୍ ଏବଂ ଏହି ସଂଗ୍ରାମ ଖାଲି ବାହାର ଲୋକଙ୍କ ବିରୁଦ୍ଧରେ ନୁହେଁ, ଆଭ୍ୟନ୍ତରୀଣ କ୍ଷେତ୍ରରେ ବି ଏହା ପ୍ରୟୋଜନ ।

ନେତା ହେବାର ପ୍ରୟୋଜନଟା କେଉଁଠି ? ନେତା ଗୋଟିଏ ପ୍ରୟୋଜନୀୟ ଉପାଦାନ (ingredient), ଯାହା ଜନସାଧାରଣଙ୍କୁ ଉଦ୍‌ବୁଦ୍ଧ କରେ । ତେଣୁ ଆପଣମାନେ ଆପଣମାନଙ୍କର ଆନ୍ଦୋଳନରେ ଯେତେ ବେଶୀ ସଂଖ୍ୟକ ନେତା ତିଆରି କରି ପାରିବେ, ଆପଣମାନଙ୍କ କାମର ଅଗ୍ରଗତି ସେତେ ଦ୍ରୁତ ହେବ । କିନ୍ତୁ ଦେଖାଗଲା ଯେ, ନେତୃତ୍ୱ ପାଇବା ସଙ୍ଗେ ସଙ୍ଗେ ନେତାମାନେ କେତେଗୁଡ଼ିଏ ମାରାତ୍ମକ ବିଚ୍ୟୁତି (vices)ର ଶିକାର ହୋଇଗଲେ । ନାନା ରକମର ବ୍ୟକ୍ତିବାଦର, ପପୁଲାର ଗେସ୍‌ଚର (popular gesture)ର ଶିକାର ହୋଇଗଲେ । ଆପଣମାନଙ୍କୁ ଏଇ କଥାଗୁଡ଼ିକର ଅର୍ଥ ବୁଝିବାକୁ ହେବ । ପପୁଲିଜମ୍ (Populism)ର ଅର୍ଥ ହେଉଛି ଏଭଳି ଆଚରଣ, ଯାହା କଲେ ସହଜରେ ପ୍ରଚାର ମିଳି ପାରିବ । ଢଙ୍ଗ ଢାଙ୍ଗ, ଚଲାବୁଲା, ଉଠାବସା, କଥା କହିବା ଶୈଳୀ ପ୍ରଭୃତି ସବୁକିଛି ଭିତର ଦେଇ ଯିଏ ସାଧାରଣ ଲୋକଙ୍କ ନିକଟରୁ ଶସ୍ତା ପ୍ରଶଂସା ଆଦାୟ କରେ, ସେ ଏସବୁ ଦ୍ୱାରା କ'ଣ କରେ ? ସେ ଯେମିତି ତାର ନିଜର କ୍ଷତି କରେ, ସେମିତି ଆନ୍ଦୋଳନ ଭିତରେ ନେତାର ଯେଉଁ କାମଟି କରିବା ଦରକାର, ଠିକ୍ ତାର ବିପରୀତ କାମଟି ହିଁ କରେ । ଅର୍ଥାତ୍ ଯଦି କୌଣସି ଲୋକ ତାର ସଂସ୍ପର୍ଶରେ ଆସି ଆକୃଷ୍ଟ ହୁଏ, ତା'ହେଲେ ତାହା ଭୁଲଭାବେ ହୁଏ । ସାଧାରଣତଃ ଜନଗଣ ସମାଜ ପରିବେଶର ଯେଉଁ ନିମ୍ନ ମାନସିକତା ଓ ରୁଚିର ଶିକାର ହୋଇଯାଆନ୍ତି, ତା' ସହ ସେହି ନେତାର ଆଚରଣ, ଚଲାବୁଲା ଭିତରେ ଖୁବ୍ ସୁକ୍ଷ୍ମଭାବେ ହେଲେ ବି ଗୋଟାଏ ମେଳ ଖୋଜି ପାଆନ୍ତି ବୋଲି ସେମାନେ ତା' ଆଡକୁ ଆକୃଷ୍ଟ ହୋଇଯାଆନ୍ତି । ଫଳରେ ଲୋକମାନଙ୍କ ଭିତରେ ଢିଲା ଢାଲା ଭାବ ଆସେ । ନେତାମାନଙ୍କୁ ସେମାନଙ୍କ ପ୍ରଶଂସା କରିବାର ଶୈଳୀ ମଧ୍ୟ କଦର୍ଯ୍ୟ ଧରଣର ହୋଇଥାଏ । ସେଥିପାଇଁ ଏହିସବୁ ନେତାମାନଙ୍କ ସଂସ୍ପର୍ଶ ମଧ୍ୟଦେଇ ଜନତାର ରାଜନୈତିକ ଚେତନାର ମାନ ଉପରକୁ ଉଠିବା ବଦଳରେ ଆହୁରି ତଳକୁ ଖସେ ।

ଫଳରେ ଆମର ନେତା ଦରକାର, କିନ୍ତୁ ଏଭଳି ନେତା ଦରକାର, ଯିଏ ନେତା ଭଳି ଆଚରଣ କରିବ, ଯାହାର ଦାୟିତ୍ୱବୋଧ ଅଛି, ଯିଏ ଯେକୌଣସି ଅବସ୍ଥାରେ ନିଜକୁ

ସମ୍ଭାଳି ନେଇ ପାରିବ ଏବଂ ଅନ୍ୟକୁ ରାସ୍ତା ଦେଖାଇ ପାରିବ । ଯିଏ ନିଜର ଆଚରଣ ଦ୍ୱାରା ଅନ୍ୟକୁ ଏହି ଶିକ୍ଷା ଦିଏ ଯେ, ଅସୁବିଧା ହେଲେ ଅଥବା ଅସ୍ୱସ୍ତିକର ପରିସ୍ଥିତି (embarrassing situation) ସୃଷ୍ଟି ହେଲେ ବି ନେତାର ଦାୟିତ୍ୱବୋଧ ଅଛି, ଜଣେ ସାଧାରଣ ଲୋକ ଭଳି ଅସୁବିଧାର ଦ୍ୱାହି ଦେଇ, ସମସ୍ୟା ଅଛି ବୋଲି କହି, ସେ ଦାୟିତ୍ୱକୁ ଏଡାଇ ଯାଇ ପାରେ ନାହିଁ । (He must know, he is not an ordinary man) ତାକୁ ବୁଝିବାକୁ ହେବ ଯେ, ସେ ଜଣେ ସାଧାରଣ ଲୋକ ନୁହେଁ । ସେ ଜାଣେ (how to handle it) କିଭଳି ସମସ୍ୟାର ମୁକାବିଲା କରିବାକୁ ହେବ । ସେଥିପାଇଁ ନେତା କହିଲେ ଖାଲି ଗୋଟାଏ ନାଁକୁ ବୁଝାଏ ନାହିଁ । ନେତାର ଅର୍ଥ ନେତୃତ୍ୱ ଦେବାର କ୍ଷମତା । ଅଥଚ ଏଇ କ୍ଷମତା ଅର୍ଜନ କରିବାର ସଂଗ୍ରାମ ପ୍ରତିନିୟତ ଚଳେଇ ଯିବାକୁ ହୁଏ । ନେତାମାନଙ୍କୁ ଆଜୀବନ ତାହା କରିବାକୁ ହୁଏ । ଏହା ଯେମିତି ସେମିତି ଯେ ଅର୍ଜିତ ହୁଏ ନାହିଁ, ତାହା ବହୁ ଲୋକ ବୁଝି ପାରନ୍ତି ନାହିଁ ।

ବର୍ତ୍ତମାନ ସମାଜରେ ବୁର୍ଜୁଆ-ପ୍ରୋଲେଟେରିଏଟମାନଙ୍କର ଯେଉଁ ଶ୍ରେଣୀସଂଗ୍ରାମ ଚାଲିଛି, ସେହି ଶ୍ରେଣୀ ସଂଗ୍ରାମ ବା ଶ୍ରେଣୀ ଦ୍ୱନ୍ଦ୍ୱର ପ୍ରଭାବ ଆମମାନଙ୍କ ଚିନ୍ତା-ଭାବନା, ମାନସିକତା, ରୁଚି ଓ ସଂସ୍କୃତି କ୍ଷେତ୍ରରେ ପ୍ରତିନିୟତ କାର୍ଯ୍ୟ କରି ଚାଲିଛି । ଶ୍ରେଣୀ ସଂଗ୍ରାମ ଖାଲି ଅର୍ଥନୈତିକ କ୍ଷେତ୍ରରେ ନୁହେଁ, ଆନ୍ଦୋଳନର ମଇଦାନରେ ଶ୍ରମିକ ଓ ମାଲିକର ଯେଉଁ ଲଢାଇ ଚାଲିଛି କେବଳ ସେଇଠି ନୁହେଁ- ଭାବଗତ କ୍ଷେତ୍ରରେ ମଧ୍ୟ ମାଲିକ ଶ୍ରମିକର ଲଢେଇଟା ଆରମ୍ଭ ହୋଇଛି ଏବଂ ଆପଣମାନେ ଚାହାନ୍ତୁ ବା ନଚାହାନ୍ତୁ, ତାହା ଆପଣମାନଙ୍କ ମନ ଭିତରକୁ ପଶିଯାଇ ଘର କରି ବସିଛି । ଏହାର ଗୋଟାଏ ଅଂଶ ମାଲିକର ଆଉ ଗୋଟିଏ ଅଂଶ ଶ୍ରମିକର । ଏହିଭଳି ବରାବର କେତେବେଳେ ଏହା ଆପଣମାନଙ୍କୁ ମାଲିକର ବୁଦ୍ଧି ଯୋଗାଉଛି, ଆଉ ବା କେତେବେଳେ ଆପଣମାନଙ୍କୁ ଶ୍ରମିକର ବୁଦ୍ଧି ଯୋଗାଉଛି । ଏହି ଭଳି ଆମ ସମାଜରେ ଶ୍ରେଣୀ ସଂଗ୍ରାମ ବାସ୍ତବରେ ଅବସ୍ଥାନ କରୁଛି । ପ୍ରଚଳିତ ବୁର୍ଜୁଆ ସମାଜର ଭାବନା-ଧାରଣାଗୁଡିକ ସ୍ୱାଭାବିକ ନିୟମରେ ହିଁ ଆପଣମାନଙ୍କ ଭିତରେ କାମ କରୁଛି । କୌଣସି ନେତା ବା କର୍ମୀ ନିଜକୁ ଏହି ସାମାଜିକ ପରିବେଶରୁ ସମ୍ପୂର୍ଣ୍ଣ ଭାବେ ଅଲଗା କରି ରଖି ପାରିବ ନାହିଁ । ପାରିବେ ନାହିଁ ବୋଲି ହିଁ ପ୍ରତିନିୟତ ଯେତେ ବଡ ନେତା ହୁଅନ୍ତୁ ନା କାହିଁକି, ତାଙ୍କୁ ସଚେତନ ରହିବାକୁ ହେବ । ନିଜକୁ ରକ୍ଷା କରିବାକୁ ହେଲେ ତାଙ୍କୁ ସବୁ ସମୟରେ ବୁଝିବାକୁ ହେବ ଯେ, ଆମ ଭିତରେ ଯେଉଁ ମାନସିକତା, ଚାଲିଚଳନ, ଷ୍ଟାଇଲ୍ ଇତ୍ୟାଦି ପ୍ରତିନିୟତ ଜନ୍ମ ନେଉଛି- ସେଗୁଡ଼ିକ ବିପ୍ଳବୀ ଜନସାଧାରଣଙ୍କ ବିପ୍ଳବୀ ଉଦ୍ଦେଶ୍ୟ ଏବଂ ବିପ୍ଳବୀ ଆକାଂକ୍ଷାର ସହିତ ସଂହତିପୂର୍ଣ୍ଣ ନା ସଂହତିପୂର୍ଣ୍ଣ ନୁହେଁ ।

ଏହି ସାବଧାନତା ସତ୍ତ୍ୱେ ମଧ୍ୟ ଆପଣମାନଙ୍କ ଭିତରେ ଅବିପ୍ଳବୀ ବୁର୍ଜୁଆ ଚିନ୍ତା

ଭାବନା ଆସିପାରେ ଏବଂ ଆସିଲେ ହିଁ ଯେ ଏକଦମ୍ ମହାଭାରତ ଅଶୁଦ୍ଧ ହୋଇଗଲା, ତା ନୁହେଁ । କିନ୍ତୁ ଅସଲ କଥା ହେଉଛି, ଆପଣମାନେ ଠିକ୍ ସମୟରେ ତାହା ଧରି ପାରିଲେ କି ନାହିଁ ଏବଂ ସମୟ ଅନୁସାରେ ସୁଧାରିବାକୁ ସକ୍ଷମ ହେଲେ କି ନାହିଁ ? ଆପଣମାନଙ୍କ ନିଜ ଭିତରର ଅବିପ୍ଳବୀ ଚିନ୍ତା ଭାବନା ଯଦି ଆପଣମାନେ ନିଜେ ଧରି ପାରନ୍ତି, ତେବେ ସେଇଟା ହିଁ ହେଉଛି ସବୁଠାରୁ ବଡ ଗ୍ୟାରେଣ୍ଟି । ଧରିପାରି ହୁଏତ ନିଜକୁ ନିଜେ ଛି ଛି କଲେ ଏବଂ ସେଥିରୁ ମୁକ୍ତ ହେବା ପାଇଁ ଯାହା ଯାହା କରିବାର କଥା କଲେ । କାରଣ ବାହାରର ଲୋକଲଜ୍ଜା ଜଣେ ବିପ୍ଳବୀ ନିକଟରେ ବଡ ହୋଇ ଦେଖା ଦିଏ ନାହିଁ, ନିଜ ଭିତରର ଲଜ୍ଜାଟା ହିଁ ଅସଲ କଥା । ଏଇଟା ହିଁ ଜଣେ ବିପ୍ଳବୀର ପ୍ରଧାନ ଶିକ୍ଷା ହେବା ଉଚିତ୍ । ତା' ନହେଲେ ବାହାର ଲୋକେ ବଡ କଲେ ଆମେ ବଡ ହେବୁ, ବାହାରର ଲୋକେ ଲଜ୍ଜା ଦେଲେ ଆମେ ମାଟି ସହିତ ମିଶି ଯିବୁ- ଏହା ହେଲେ ଜଣେ ବିପ୍ଳବୀ ପାଦେ ବି ଚାଲି ପାରିବ ନାହିଁ । କାରଣ ପ୍ରତିକୂଳ ପରିବେଶରେ ଜଣେ ସାଧାରଣ ଲୋକ ଉତ୍ତେଜିତ ହୋଇ ଅନ୍ୟ ଦ୍ୱାରା ବିଭ୍ରାନ୍ତ ହୋଇ, ଜଣେ ବଡ ବିପ୍ଳବୀ ଉପରକୁ ଛେପ ପକାଇ ପାରେ । ସେଥିପାଇଁ କ'ଣ ଜଣେ ବିପ୍ଳବୀ ଛୋଟ ହୋଇ ଯାଇପାରେ ? ଏମିତିକି ତାକୁ ଗୁଳି କରି ମାରି ଦିଆ ଯାଇପାରେ । ରାସ୍ତାରେ ପିଟି ପିଟି ମାରି ଦିଆଯାଇପାରେ । ସେହି ଲୋକମାନେ ହିଁ ମାରି ପକାନ୍ତି- ଯେଉଁମାନଙ୍କ ପାଇଁ ସେ ସର୍ବସ୍ୱ ଦେବାକୁ ବଦ୍ଧପରିକର । ତାଦ୍ୱାରା କ'ଣ ବିପ୍ଳବୀମାନଙ୍କର ଇଜ୍ଜତ ଚାଲିଯାଏ ଏବଂ ସମ୍ଭ୍ରମ ନଷ୍ଟ ହୁଏ ? ନା । ପୋଲିସ ଯଦି ଜଣେ ପ୍ରକୃତ ବିପ୍ଳବୀ, ଜଣେ ମହତ ଲୋକକୁ ଧରି ନେଇ ହାଜତରେ ପିଟେ, ସେଥିରେ ତାର ଯେମିତି ବେଇଜ୍ଜତ୍ ହୁଏ ନାହିଁ, ସେମିତି ପୋଲିସ ଯଦି ତାକୁ 'ସାର' ବୋଲି କୁହେ, ତାହେଲେ ତାର ସମ୍ମାନ ବଢିଯାଏ ନାହିଁ । ଯେଉଁସବୁ ବିପ୍ଳବୀମାନେ ଏସବୁକୁ ମାନ ଅପମାନର କ୍ଷେତ୍ରରେ ବଡ କଥା ବୋଲି ମନେ କରନ୍ତି, ସେମାନଙ୍କର ଧାରଣା ଭ୍ରାନ୍ତ । ସେମାନେ ହୁଏତ ଜାଣନ୍ତି ନାହିଁ ଯେ, ଏହାରି ମଧ୍ୟରେ ବୁର୍ଜୁଆ ବ୍ୟକ୍ତିବାଦ ଓ ବୁର୍ଜୁଆ ସମାଜର ଅହଂ ଲୁଚି ରହିଛି- ଯାହା ନାନା ରୂପ ନେଇ, ରଙ୍ଗ ବଦଳେଇ ଆମମାନଙ୍କୁ ବିଭ୍ରାନ୍ତ କରିବାକୁ ଚାହୁଁଛି । ଆମେମାନେ ତ ପ୍ରଫେସର ହେବାକୁ ଚାହୁଁ ନାହୁଁ, ଇଞ୍ଜିନିୟର ହେବାକୁ ଚାହୁଁ ନାହୁଁ, ପଇସା କମେଇବାକୁ ଚାହୁଁ ନାହୁଁ, ନାଁ କମେଇବାକୁ ଚାହୁଁ ନାହୁଁ- ଆମେମାନେ ବିପ୍ଳବୀ ହେବାକୁ ଚାହୁଁଛୁ । କିନ୍ତୁ ବିପ୍ଳବୀ ହେବାକୁ ଚାହିଁଲେ ବି 'ସାର୍' ଶୁଣିଲେ ଟିକେ ଗର୍ବ ହୁଏ । ଆଉ ପୋଲିସ ଲକ୍ଅପ୍‌ରେ ପିଟିଲେ ହିଁ ବେଇଜ୍ଜତ ହୁଏ ! ବିପ୍ଳବୀର ଇଜ୍ଜତ-ବେଇଜ୍ଜତର ଧାରଣା ଏହିଭଳି ନୁହେଁ । ତାର ଇଜ୍ଜତ-ବେଇଜ୍ଜତ୍ ତା' ନିଜ ଭିତରେ । ତା'ନହେଲେ ଉପରକୁ ଉଠାଇଲେ ସେମାନେ ଉଠିବେ ଏବଂ ସିଡିଟା କାଢି ଦେଲେ ହିଁ କଚାଡି ହୋଇ ତଳେ ପଡି ହାତ ଗୋଡ ଭାଙ୍ଗି ପକେଇବେ ।

ଏହା କରି କୌଣସି ବିପ୍ଲବୀ ଚଳି ପାରିବ ନାହିଁ- ଏହିସବୁ ଚେତନା ଏବଂ ଉପଲବ୍ଧିଗୁଡ଼ିକୁ କର୍ମୀମାନଙ୍କ ଭିତରେ ଆଣିବାକୁ ହେବ । ଆଣି ଦେଲେ ହିଁ ସେମାନେ ସମସ୍ତ ପ୍ରତିକୂଳ ପରିବେଶ ଭିତରେ ଐକ୍ୟ ଗଢ଼ି ତୋଳିବାର ପ୍ରେରଣା ପାଇବେ ।

ତେଣୁ ବିପ୍ଲବୀ ହିସାବରେ, ଜଣେ କମ୍ୟୁନିଷ୍ଟ ହିସାବରେ ନିଜକୁ ଗଢ଼ି ତୋଳିବାର ସଂଗ୍ରାମ ହେଉଛି ଗୋଟିଏ କଷ୍ଟସାଧ୍ୟ ଓ ଜଟିଳ ସଂଗ୍ରାମ । ଉଦାହରଣସ୍ୱରୂପ ସମାଜତନ୍ତ୍ର ପ୍ରତିଷ୍ଠା କରିବାକୁ ହେଲେ, ଜନସାଧାରଣଙ୍କୁ, ଶ୍ରମିକଶ୍ରେଣୀକୁ ଅର୍ଥନୀତିବାଦରୁ ମୁକ୍ତ କରିବାକୁ ହେବ ଏବଂ ରାଜନୈତିକ ଦିଗରୁ ଜନତାକୁ ସଚେତନ କରି ଜନତାର ରାଜନୈତିକ କ୍ଷମତା ସମ୍ପନ୍ନ କମିଟି ଗଢ଼ି ତୋଳିବା ଭିତରଦେଇ ବିପ୍ଲବର ଆଘାତରେ ପୁଞ୍ଜିବାଦକୁ ଭାଙ୍ଗିବାକୁ ହେବ- ଏତେ କଥା ଜଣେ ବିପ୍ଲବୀ କର୍ମୀ ଜାଣିବା ପରେ ବି ଦେଖାଗଲା ଯେ, ଯେତେବେଳେ ତାର ନିଜର ଚାକିରିଟି ଚାଲିଗଲା, ସେତେବେଳେ ସେ ଓଲଟା ପାଲଟା କହିବାକୁ ଆରମ୍ଭ କରିଛନ୍ତି- ବିପ୍ଳବ, ପାର୍ଟି, ୟୁନିୟନ୍ ସବୁ ତାଙ୍କର ଗୋଳମାଳ ହୋଇଗଲା । ଅର୍ଥାତ୍ ଯେତେବେଳ ଯାଏ ନିଜର ଏବଂ ପରିବାରର ଭରଣପୋଷଣ ପାଇଁ ଗୋଟାଏ ଚାକିରୀ ଥିଲା, ସେତେବେଳେ ତା ସହିତ ବିପ୍ଲବଟା ବି ଥିଲା । ଏକଥାଟା ସେ ଥରେ ବି ଭାବନ୍ତି ନାହିଁ ଯେ, ପାର୍ଟି ଓ ବିପ୍ଲବର ପ୍ରୟୋଜନରେ ଯେକୌଣସି ସମୟରେ ବି ତାଙ୍କୁ ଚାକିରୀ ଛାଡ଼ି ଦେବାର ପ୍ରଶ୍ନଟା ଆସି ପାରେ ? ଶ୍ରମିକ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ତାଙ୍କର ଚାକିରୀ ଯଦି ଚାଲିଯାଏ, ତାହେଲେ ବି ସେ ଶ୍ରମିକ ୟୁନିୟନ୍ କରିବେ ଏବଂ ଶ୍ରମିକମାନେ ତାଙ୍କୁ ଯେମିତି ରଖିବେ, ସିଏ ସେମିତି ହିଁ ରହିବେ । ଏତେ କଥା ସେହି କର୍ମୀ ଜଣକ ଆଗରୁ ଭାବି ନଥିଲେ । ବହୁ କଥା ସେ ଜାଣନ୍ତି, ମାତ୍ର ଭାବନ୍ତି ନାହିଁ ଯେ, କୌଣସି ଜଣେ କର୍ମୀ ଯଦି ଇଞ୍ଜିନିୟର ହୁଅନ୍ତି, ତା ହେଲେ ଶ୍ରମିକମାନଙ୍କ ସହିତ ଯୋଗାଯୋଗ ରକ୍ଷା କରିବାକୁ, ମିଳାମିଶାର ସୁବିଧା ପାଇଁ ଦରକାର ହେଲେ ସେ କୁଲି କାମ ବା ଅସ୍ଥାୟୀ ଶ୍ରମିକର କାମ ନେଇ କାରଖାନାରେ ଚାକିରି କରିବେ । ଅଥଚ ଆମର ଏଠି କଣ ଦେଖାଯାଏ ? ଶ୍ରମିକ ସଂଗଠନର ପ୍ରୟୋଜନରେ କୌଣସି ଇଞ୍ଜିନିୟର କର୍ମୀକୁ ଯଦି ଚାକିରୀ କରିବାକୁ ହେବ ବୋଲି କୁହାଯାଏ, ସେ ହୁଏତ ତାଙ୍କ ବୃତ୍ତି (profession) ଅନୁଯାୟୀ କାମ ପାଇବାର ଚେଷ୍ଟା କରନ୍ତି । ଆଉ ନ ପାଇଲେ ବାରମ୍ବାର ଆସି କହନ୍ତି, କ'ଣ କରିବି, କାମ ମିଳୁ ନାହିଁ । ଅର୍ଥାତ୍ ଲେଖାପଢ଼ା କାମ କରିବାର ଯେଉଁ ମାନସିକ ଗଠନ (mental complex of white collar employee) ରହିଛି, ସେ ତାର ଶିକାର । ତାଙ୍କର ମାନସିକ ଅବସ୍ଥା ହେଉଛି, ଜଣେ ପଢ଼ାଶୁଣା ଲୋକ ହୋଇ ସେ କେମିତି ଶାରୀରିକ ଶ୍ରମ (manual labour) କରିବେ । ତାଙ୍କ ବୃତ୍ତି ସହିତ ଖାପ ଖୁଆଇ ଯଦି ଗୋଟାଏ କାମର ବନ୍ଦୋବସ୍ତ କରି ଦିଆ ହୁଏ, ତାହେଲେ ସେଇଟା ସେ କରିବେ, ଅର୍ଥାତ୍ କାମଟା କରି ସେ ବିପ୍ଲବ କରିବେ, କିନ୍ତୁ ସେହି କାମଟା ମଧ୍ୟ ଟିକେ ତାଙ୍କର ମନକୁ

ପାଇବା ଭଳି ହେବା ଦରକାର । ଯଦି କାମଟା ମନ ମୁତାବକ ନହୁଏ, ତାହାହେଲେ ବିପ୍ଲବ ପାଇଁ ଯାହା ଦରକାର, ତାହା ସେ କରି ପାରିବେ ନାହିଁ । ଏହି ମାନସିକତା, ଯୁକ୍ତି ଏବଂ ଦୃଷ୍ଟିଭଙ୍ଗୀ– ଏହିସବୁ ଯୁକ୍ତିଧାରା ଏବଂ ଧାରଣା ଆସୁଛି କେଉଁଠୁ ? ବିପ୍ଲବ ସମ୍ବନ୍ଧରେ ଏତେ କଥା ଜାଣିଲେ ବି ଏହିସବୁ ଚିନ୍ତା ତାଙ୍କ ଭିତରେ ବିପ୍ଲବୀ ଚିନ୍ତାର ପାଖାପାଖି ଚାଲିବାର କାରଣ ହେଉଛି, ବୁର୍ଜୁଆ ସମାଜରେ ବ୍ୟକ୍ତିକୁ କେନ୍ଦ୍ର କରି ଯେଉଁସବୁ ପଚାସଢା (obsolete) ଭାବନା ଧାରଣା ଜୀବନଯାତ୍ରା ଭିତରେ ବସା ବାନ୍ଧି ରହିଛି, ସେ ସବୁ ପ୍ରତି ମଧ୍ୟ ତାଙ୍କର ଆଗ୍ରହ ରହିଛି । ଏହିଭଳି ଶ୍ରେଣୀ ଦ୍ୱନ୍ଦ୍ୱର ପ୍ରଭାବ ଭାବଗତ କ୍ଷେତ୍ରରେ ବି ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ମୁଣ୍ଡ ଟେକି ରହିଛି । ଜଣେ ବିପ୍ଲବୀ କର୍ମୀକୁ ଏ ସମ୍ପର୍କରେ ସବୁ ସମୟରେ ସଚେତନ ରହିବାକୁ ହୁଏ ଏବଂ ବିପ୍ଲବୀ ହିସାବରେ ଜୀବନକୁ ଗଢି ତୋଳିବା ପାଇଁ ପ୍ରତିନିୟତ ସଂଗ୍ରାମ ପରିଚାଳନା କରିବାକୁ ହୁଏ ।

ବିପ୍ଲବୀ କର୍ମୀ ହିସାବରେ ନିଜକୁ ଗଢି ତୋଳିବାର ପ୍ରାଥମିକ ସ୍ତରରେ ଆଉ ଗୋଟାଏ ଝୁଙ୍କ (trend) ମଧ୍ୟ ଅନେକଙ୍କ ଭିତରେ କାମ କରେ । ଯେମିତି ମୋର ଭାତୃ ସ୍ଥାନୀୟ ଜଣେ, ଏଠାକୁ ଆସୁ ଆସୁ ମୋତେ କହିଲେ ଯେ, ଜଣେ ପିଲା ଷ୍ଟିଲ୍ ପ୍ଲାଣ୍ଟରେ କାମ କରେ, ଅତ୍ୟନ୍ତ ମେଳାପି, ସାହିରେ ଆଡ୍‌ଡା ଦେବା ଠାରୁ ଆରମ୍ଭ କରି ମଡା ପୋଡିବା, ଦୁର୍ଗାପୂଜା ପ୍ରଭୃତି ପ୍ରତ୍ୟେକ କାମରେ ତାର ପ୍ରଚଣ୍ଡ ଉଦ୍ୟୋଗ ଥିଲା । ସମସ୍ତଙ୍କର ସେ ନେତା, ସମସ୍ତେ ତାଙ୍କୁ ପସନ୍ଦ କରନ୍ତି, ଭଲ ପାଆନ୍ତି । କିନ୍ତୁ ତାର ରାଜନୈତିକ ଦୃଷ୍ଟିଭଙ୍ଗୀ ନାହିଁ । ରାଜନୀତି ଓ ବିପ୍ଲବ ବୁଝିବା ପରେ ଦେଖାଗଲା ଯେ, ସିଏ ଆଉ କାହା ସାଙ୍ଗରେ ମିଶୁ ନାହିଁ, ସାହିର ବିଭିନ୍ନ କାମରେ ସେ ଆଉ ଅଂଶ ଗ୍ରହଣ କରୁ ନାହିଁ । ତାକୁ ଆଉ କେହି ମାନୁ ନାହାନ୍ତି । କିନ୍ତୁ ରାଜନୀତି ବୁଝିବା ପରେ ତାର ନେତୃତ୍ୱ ତ ଆହୁରି ପୋଖତ ହେବା କଥା, ଲୋକେ ତାକୁ ଆହୁରି ବେଶୀ ପସନ୍ଦ କରିବା କଥା । ତେବେ ଓଲଟା ଘଟଣା ଘଟୁଛି କାହିଁକି ? ଘଟୁଛି ଦୁଇଟା କାରଣରୁ । ପ୍ରଥମତଃ ସେ ଯେତେବେଳେ ବିପ୍ଲବୀ ହେଉଛି, ଶିକ୍ଷା ବା ଅଭିଜ୍ଞତାର ଅଭାବ ଯୋଗୁ ହିଁ ସେ ଏତେ ଦିନ ଯେଉଁ ଲୋକମାନଙ୍କ ସାଙ୍ଗରେ ଥିଲା, ସଚେତନ ଭାବେ ନହେଲେ ବି ସେମାନଙ୍କୁ କିଛିଟା ଅବହେଳା କରିବାକୁ ଆରମ୍ଭ କରେ । ଯେଉଁମାନଙ୍କ ସହିତ ଏତେ ଦିନ ଧରି ମହାନନ୍ଦରେ କଟାଉଥିଲା, ସେମାନଙ୍କ ସମ୍ପର୍କରେ ଭାବିବାକୁ ଆରମ୍ଭ କରେ ଯେ– ଏମାନେ କି ପ୍ରକାର କଦର୍ଯ୍ୟ ଲୋକ, ନିଜ ଭିତରେ ଏମାନେ ଯାହା ଆଲୋଚନା କରନ୍ତି, ତାକୁ କାନରେ ଶୁଣିବା ବି ସମ୍ଭବ ନୁହେଁ । ଫଳରେ ଯେଉଁମାନେ କଥାରେ କଥାରେ ତା ପାଖକୁ ଆସୁଥିଲେ– କୁକୁରର ଘ୍ରାଣ ଶକ୍ତି ଭଳି ଅନ୍ତର୍ଦୃଷ୍ଟି (intuition)ରୁ ସେମାନେ ଅନୁଭବ କରି ପାରନ୍ତି ଯେ, ଇଏ ଆଉ ଆମର ଲୋକ ନୁହେଁ ଏବଂ କିଛିଟା ଭୟ ଯୋଗୁଁ ବା କିଛି ଭୁଲ

ବୁଝି ତାଠାରୁ ସେମାନେ ଦୂରେଇ ଯାଆନ୍ତି । ଦ୍ୱିତୀୟତଃ ଅଭିଜ୍ଞତା ଅଭାବ ଯୋଗୁଁ ବାସ୍ତବ କଥା ବୁଝିବା ସଙ୍ଗେ ସଙ୍ଗେ ହିଁ ସେମାନଙ୍କୁ ପାଇଲେ ସେ ବକ୍ତୃତା ଦେବା ଆରମ୍ଭ କରିଦିଏ, ଧରିନେଇ ଲେକଚର ଦିଏ । ବନ୍ଧୁବାନ୍ଧବଠାରୁ ମାଷ୍ଟରମାନଙ୍କ ଭଳି ଏତେ ସବୁ ସାର ଗର୍ଭକ ଭାଷଣ ଶୁଣିବାକୁ କାହାକୁ ଭଲ ଲାଗିବ ? ଫଳରେ ସେମାନେ ସମସ୍ତେ ବ୍ୟସ୍ତ ବିରକ୍ତ ହୋଇ ତାଙ୍କୁ ଦେଖିଲେ ହିଁ ପଳାଇ ଯାଆନ୍ତି । ତା ମାନେ, ଆଗେ ଯାହା ପାଖକୁ ଏମାନେ ଦିନରେ ଦଶ ଥର ଯାଉଥିଲେ, ଏବେ ତାକୁ ଗୋଟାଏ ଆଡୁ ଆସିବାର ଦେଖିଲେ– ଏଇରେ ଲେକଚର ଦେବାକୁ ଆସୁଛି ଭାବି ସଙ୍ଗେ ସଙ୍ଗେ ଅନ୍ୟ ଆଡକୁ ପଳାଇ ଯାଆନ୍ତି । ଏସବୁ କ'ଣ ଇଙ୍ଗିତ (indicate) କରେ ? ଇଙ୍ଗିତ କରେ ଯେ, ବିପ୍ଳବଟା ସେ ଭଲଭାବରେ ବୁଝି ନାହାନ୍ତି । ଭଲଭାବରେ ବୁଝି ଥିଲେ ସେ ବୁଝି ଥାଆନ୍ତେ ଯେ, ଏଇସବୁ ତଥାକଥିତ ଖରାପ ଲୋକମାନଙ୍କ ଭିତରେ  ନିପୀଡିତ ଲୋକମାନଙ୍କ ଭିତରେ ନିଜେ ରହିବାର ପ୍ରୟୋଜନ ବେଶୀ । ଯେମିତି ଆଗ କାଳରେ ଧର୍ମ ପ୍ରଚାରକମାନେ ମନେ କରୁଥିଲେ ।

ଆଉ ସେମାନଙ୍କ ସହିତ ମିଶିବାକୁ ଯାଇ, ଏମିତି ଷ୍ଟାଇଲରେ ମିଶିବାକୁ ହେବ, ଯେମିତି ସେମାନେ ଆମକୁ ଛାଡି ଚାଲିଯିବାକୁ ଚାହିଁଲେ ବି ମୁଁ ଛାଡି ଯିବି ନାହିଁ । ମୋତେ ମୋ ନିଜର ଅସ୍ତିତ୍ୱଟିକୁ, ବିପ୍ଳବୀ ସତ୍ତାଟିକୁ ବିସର୍ଜନ ଦେଲେ ଚଳିବ ନାହିଁ, ଅର୍ଥାତ୍ ମୁଁ ସେମାନଙ୍କ ବନ୍ଧୁ ହେବି । ୟାର୍ ହେବି ନାହିଁ । ପୁଣି ପ୍ରିଚର (preacher) ବି ହେବି ନାହିଁ । ମୁଁ ବିପ୍ଳବୀ ହୋଇ ରହିବି ଏବଂ ତାଙ୍କର ବନ୍ଧୁ ହୋଇ ରହିବି । ଏସବୁ ଏକା ସାଙ୍ଗରେ କରିବାର ଷ୍ଟାଇଲ୍‌ଟା ଆୟତ୍ତ କରି ପାରିଲେ କାହାରି ସଙ୍ଗରେ ରହିବାକୁ ଅସୁବିଧା ହେବ ନାହିଁ । କିନ୍ତୁ ବହୁ କ୍ଷେତ୍ରରେ ଓଲଟା ହୁଏ, ହୁଏତ ମିଶିବାକୁ ଯାଇ ୟାର୍ ହୋଇ ଯାଉ ଫଳରେ ସେମାନଙ୍କର କୌଣସି ପରିବର୍ତ୍ତନ କରାଯାଇ ପାରେ ନାହିଁ, କିଛି ଶିଖାଇ ହୁଏ ନାହିଁ ବରଂ ନିଜେ ବିପ୍ଳବ ଯେତିକି ବୁଝିଥିଲି, ଆସ୍ତେ ଆସ୍ତେ ସେତିକି ବି ଚାଲିଯାଏ । ମୋର ନିଜର ଚରିତ୍ରଟି ବି ନଷ୍ଟ ହୋଇଯାଏ । ଆଉ ନ ହେଲେ ସେମାନଙ୍କ ନିକଟରେ ମୁଁ ଗଭୀର ଭୟର କାରଣ ହୋଇ ପଡେ । ଏସବୁକୁ ଭଲ ରୂପେ ପରୀକ୍ଷା (examine) କଲେ, ମାନସିକତା କ୍ଷେତ୍ରରେ ଏଗୁଡ଼ିକର ଉତ୍ପତ୍ତିର କାରଣ ନିର୍ଣ୍ଣୟ (psychogenesis) କଲେ ଦେଖାଯିବ ଯେ ଏସବୁ ବୁର୍ଜୁଆ ସମାଜରୁ ଆହରିତ କୁସଂସ୍କାର ବା ଚିନ୍ତାଗତ, ଭାବଗତ ବିଭ୍ରାନ୍ତି ଯାହା ପ୍ରମାଣ କରେ, ବିପ୍ଳବ ସମ୍ପର୍କରେ ଆମମାନଙ୍କର ସଠିକ ଉପଲବ୍ଧି (correct grasping) ହୋଇନାହିଁ ।

ପ୍ରତ୍ୟେକ କର୍ମୀର କାମ ହେଉଛି, ତାର ବ୍ୟକ୍ତିଗତ ଉଦ୍ୟୋଗର ଭିତ୍ତିରେ କ୍ରମାଗତ ଜନସଂଯୋଗ ବଢେଇଯିବା । ବ୍ୟକ୍ତିଗତ ଉଦ୍ୟୋଗ କହିଲେ ମୁଁ ବୁଝେଇବାକୁ ଚାହୁଁଛି ଯେ

ସଂଗଠନ ମୋତେ ଗୋଟାଏ କର୍ମସୂଚୀ (programme) ଦେଇଛି, କେତେଗୁଡ଼ିଏ ଦାୟିତ୍ୱ ଦେଇଛି, ସେଗୁଡ଼ିକୁ ମୁଁ କରୁଛି, ଆଉ ସଂଗଠନ ମୋତେ କାମ ନ ଦେଲେ ମୁଁ ନିଜେ କାମ ସୃଷ୍ଟି କରୁଛି । ଏଭଳି ଘଟୁନାହିଁ ଯେ, କାମ ଦେଇ ନ ପାରିଲେ ମୁଁ କରୁ ନାହିଁ ଏବଂ କହୁଛି ଆପଣମାନେ କାମ ଦେଇ ନାହାନ୍ତି । ଅଥଚ ଜଣେ ସଚେତନ କର୍ମୀ ସଂଗଠନ ଯେଉଁ କାମ ସବୁ ଦିଏ, ସେ ଗୁଡ଼ିକ ତ ନିଶ୍ଚିତଭାବେ କରିଥାଏ, ତା ଛଡା ବି ସେ ନିଜେ କିଛି କାମ ସୃଷ୍ଟି କରେ । ଜଣେ ସଚେତନ ବିପ୍ଳବୀ ରାଜନୈତିକ କର୍ମୀ ଭାବରେ ମୁଁ ମୋର ରୁଚି, ରୀତି ନୀତି, ସଂସ୍କୃତି, ରାଜନୈତିକ ଜ୍ଞାନ ଏବଂ ନେତୃତ୍ୱ ଦେବାର କ୍ଷମତା ନେଇ ଜନସାଧାରଣଙ୍କ ଭିତରେ ରହେ ବୋଲି ମୋର ଚିନ୍ତାଗତ ଓ ସଂଗଠନଗତ ପ୍ରଭାବ ସେମାନଙ୍କ ଉପରେ ପଡେ । ଫଳରେ ସେମାନଙ୍କ ଜୀବନର ନାନା ସମସ୍ୟା, ଯେଉଁଗୁଡିକ ହୁଏତ ସାଂଗଠନିକ ପରିକଳ୍ପନା ଭିତରେ ଧରା ହୁଏ ନାହିଁ ବା ଅଣାଯାଏ ନାହିଁ, ମୁଁ ସେହି ବିଷୟଗୁଡ଼ିକର ସମାଧାନ କରିବା ପ୍ରଶ୍ନରେ ନେତୃତ୍ୱ ଦିଏ । ସେଠି ମଧ୍ୟ ମୁଁ ସେମାନଙ୍କୁ ଗାଇଡ୍ (Guide) କରେ, ସାହାଯ୍ୟ କରେ ଏବଂ ଏଇଭଳି ମୁଁ ସେମାନଙ୍କୁ ସଚେତନ ରାଜନୈତିକ କର୍ମୀରେ ପରିବର୍ତ୍ତିତ (transform) କରେ, ଖାଲି ୟୁନିୟନ୍ କରେ ନାହିଁ । ୟୁନିୟନ୍ ବି କରେ ପୁଣି ପ୍ରତ୍ୟେକ ବ୍ୟକ୍ତିର ନିଜସ୍ୱ ସମସ୍ୟା ନେଇ ମୁଣ୍ଡ ଖେଳାଏ । ଡାକିବା ପର୍ଯ୍ୟନ୍ତ ଅପେକ୍ଷା କରି ନ ବସି ପ୍ରତିଟି କାମ ଓ ସମସ୍ୟା ଭିତରକୁ ମୁଁ ଡେଇଁ ପଡେ । ବ୍ୟକ୍ତିଗତ ଉଦ୍ୟୋଗ କହିଲେ ଜଣେ କର୍ମୀର ଏଇ ଧରଣର ଅସ୍ତିତ୍ୱ (type of existence) ଥିବା ଉଚିତ୍ ବୋଲି ମୁ ମନେକରେ; ଅଥଚ ଗୋଟିଏ ଓଲଟା ମାନସିକତା ବି ରହିଛି । ବହୁ ଲୋକ ଭାବନ୍ତି ଯେ, ମୁଁ ନେତା, ମୋତେ ଖବର ବି ଦେଇ ନାହାନ୍ତି, ତାହେଲେ ମୁଁ କାହିଁକି ଯିବି ? ମୋତେ କ'ଣ ଆପଣମାନେ ଖବର ଦେଇଛନ୍ତି ? ଆରେ ବାବା, ଯଦି ଓ ସେମାନେ ମୋତେ ଖବର ଦେଇ ନାହାନ୍ତି, ସେଟା ଅନ୍ୟାୟ ତ ନିଶ୍ଚୟ, କିନ୍ତୁ ଜନସାଧାରଣଙ୍କ ପ୍ରତି ମୋର ଯେଉଁ ଦାୟିତ୍ୱ ବୋଧ ତା ପାଳନ ନକରି ମୁଁ ତ ଆହୁରି ଗୋଟିଏ ବଡ ଅନ୍ୟାୟ କଲି । ଅନ୍ୟର ଅନ୍ୟାୟ ଦେଖେଇ ଅନ୍ୟମାନଙ୍କର ପରିକଳ୍ପନାର ତ୍ରୁଟି ଦର୍ଶାଇ ମୋର ଜନସାଧାରଣଙ୍କ ପ୍ରତି ଯେଉଁ ଦାୟିତ୍ୱ ଅଛି, ଯାହା (constant and continuous) ପ୍ରତିନିୟତ ଏବଂ ନିରବଚ୍ଛିନ୍ନ, ଜଣେ ସଚେତନ କର୍ମୀ ଭାବେ ତାହା ଏଡେଇ ଯିବାର ମୋର କୌଣସି ଅଧିକାର ଅଛି କି ? ମୁଁ ସଚେତନ ବୋଲି, ବୁଝିଛି ବୋଲି ପାର୍ଟି ବା ୟୁନିୟନ୍‌ର ଯେଉଁ ପ୍ରୋଗ୍ରାମ ବା ନୀତି ମୁଁ ଜାଣେ, ସେହି ଅନୁଯାୟୀ କେହି ଡାକନ୍ତୁ ବା ନ ଡାକନ୍ତୁ, ମୋର ଜନଗଣଙ୍କ ପ୍ରତି ଯେଉଁ ଦାୟିତ୍ୱବୋଧ ତାହା ପାଳନ ନ କରି ରହି ପାରିବିନାହିଁ, ସେମାନଙ୍କୁ ସାହାଯ୍ୟ ନ କରି ରହିପାରିବି ନାହିଁ । କର୍ମକର୍ତ୍ତାମାନେ ମୋତେ ଯଦି ନ ଡାକନ୍ତି, ତାଚ୍ଛଲ୍ୟ କରି ଏଡେଇ ଯାଆନ୍ତି, ପ୍ରୋଗ୍ରାମ ନଦେଇ ଥାଆନ୍ତି, ତା'ହେଲେ ସେମାନେ ଅନ୍ୟାୟ କଲେ ଠିକ୍ କଥା । କିନ୍ତୁ ସେମାନଙ୍କ

କାମରେ ତ୍ରୁଟି ଦେଖାଇବାର ଉଦ୍ଦେଶ୍ୟ କ'ଣ ନିଜର ତ୍ରୁଟି ସପକ୍ଷରେ ଯୁକ୍ତି ଖୋଜିବା, ନିଜର ତ୍ରୁଟିକୁ ଲୁଚେଇବା ? ନା' ମୁଁ ଏହି କାରଣରୁ ତ୍ରୁଟି ଦେଖାଉଛି ଯେ, ମୁଁ ସେମାନଙ୍କୁ ତ୍ରୁଟିମୁକ୍ତ କରିବାକୁ ଚାହେଁ ? ନଚେତ୍ ସେମାନଙ୍କର ଗୋଟାଏ ତ୍ରୁଟି ଦେଖେଇ, ନିଜ ଖିଆଲରେ ଆଉ ଗୋଟିଏ ଅନ୍ୟାୟ କରିବାର ଅଧିକାର ମୋର ନାହିଁ । ଜନସାଧାରଣଙ୍କ ପ୍ରତି ମୋର ଯେଉଁ ଦାୟିତ୍ୱ, ତାହା ମୁଁ ପୁରଣ କରିବି ନାହିଁ କାହିଁକି ? ଏଇ ଧରଣର ଘଟଣା ବି ଘଟିଥାଏ ।

ଆଉ ଗୋଟିଏ ତ୍ରୁଟି ସର୍ବଦା ହିଁ କର୍ମୀମାନଙ୍କ କ୍ଷେତ୍ରରେ ଘଟେ, ତାହା ହେଲା ଦଶ ମିନିଟର ଆଲୋଚନାରେ ଯେଉଁଟା ନିଷ୍ପତ୍ତି ହେବା କଥା ଆମେ ତାକୁ ଦୁଇ ଘଣ୍ଟା ଧରି କରୁ । ଥରେ ଆଲୋଚନାରେ ବସିଲେ ଆଉ ଉଠିବାକୁ ଚାହୁଁନା । କାମର ପରିକଳ୍ପନାକୁ ସୁନ୍ଦର ଭାବରେ ନିର୍ଦ୍ଧାରଣ କରିବାକୁ ଆଲୋଚନାରେ ବସୁ, କିନ୍ତୁ ଗୋଟାକ ସାଙ୍ଗରେ ଆଉ ଗୋଟାଏ ଅକାର୍ଯ୍ୟକାରୀ କଥାକୁ ଟାଣି ଆଣି କାମକୁ ଦ୍ରୁତତର ବା ପରିଷ୍କାର କରିବା ବଦଳରେ ଆଲୋଚନାକୁ ଅହେତୁକ ଟାଣି ଟାଣି ବଡ କରି ପକାଉ । ଫଳରେ ହୁଏ କ'ଣ ? ଯେଉଁ ସମୟଟା ଆମେ କାମରେ ଲଗେଇ ପାରିଥାନ୍ତୁ, ସେହି ସମୟଟାକୁ ନିଜ ଭିତରେ ତର୍କ ବିତର୍କ କରି ଜଣେ ଅନ୍ୟ ଜଣକର ଦୋଷ ଦେଖାଇ ପରସ୍ପର ଭିତରେ ତିକ୍ତତା ସୃଷ୍ଟି କରୁ, ପରସ୍ପର ପ୍ରତି ଦୋଷାରୋପ କରି ଆମେ ସମୟ କଟେଇଦେଉ । ଆମମାନଙ୍କର ବ୍ୟକ୍ତିଗତ ଉଦ୍ୟୋଗରେ ସଂଗଠନ କରିବାର କ୍ଷମତା ଏହାଦ୍ୱାରା କେତେକାଂଶରେ ନଷ୍ଟ ହୋଇ ଯିବାରେ ଲାଗେ । ସେଥିପାଇଁ ସମସ୍ତଙ୍କ ସହିତ ମିଳିମିଶି କାମ କରିବାର କ୍ଷମତା ଅର୍ଜନ କରିବାକୁ ହେବ । ଆମମାନଙ୍କର ସ୍ଲୋଗାନ ହେବ– ପ୍ରତିନିୟତ ସମ୍ମିଳିତ ଆଲୋଚନା ଏବଂ ଏକତ୍ର ଚଲାବୁଲା ଏବଂ ପ୍ରତିନିୟତ ଏକତ୍ର କାମ କରିବା (constant common discussion and association, constant common activity) । ଯେମିତି ବ୍ୟକ୍ତିଗତ ଉଦ୍ୟୋଗରେ କାମ କରିବା ପୁଣି ସେମିତି ଏକା ସାଙ୍ଗରେ ମିଳିମିଶି କାମ କରିବା । ସାନମାନଙ୍କ ସହିତ ଯେମିତି କାମ କରିପାରୁ, ବଡମାନଙ୍କ ସହିତ ମଧ୍ୟ ସେମିତି ଏକତ୍ର ଐକ୍ୟ ବଜାୟ ରଖି ଆମେ କାମ କରି ପାରୁ । ସମସ୍ତଙ୍କ ସହିତ ସମାନଭାବରେ କାମ କରିପାରୁ ଏସବୁ ଶିଖିବାକୁ ହୁଏ । ଏଥିପାଇଁ ବିପ୍ଳବୀ ହିସାବରେ ଗଢି ଉଠିବାର ଶିକ୍ଷା (revolutionary training) ଏହି ଯେଉଁ ତାଲିମ ଶିବିର, କ୍ୟାଡର କ୍ୟାମ୍ପ (training camp, cadre camp) ସବୁ ହୁଏ, ଲେଖା ପଢା ଶିଖିବା ପରେ ବି ବି.ଏ, ଏମ୍.ଏ ପାଶ କରିବା ପରେ ବି ତତ୍ତ୍ୱଗତ ତାଲିମ୍, କ୍ୟାଡର ତାଲିମ୍ (theoretical training, cadre training) ନେବାକୁ ହୁଏ– କୌଣସି ସ୍କୁଲ ବା କଲେଜରେ ପଢି ଏସବୁ ଶିଖି ହୁଏ ନାହିଁ । ଏସବୁ ଅଙ୍ଗେ ଲିଭେଇ ଶିଖିବାକୁ ହୁଏ । ଲୋକଙ୍କ ସଙ୍ଗରେ ପାରସ୍ପରିକ ତିକ୍ତତା ସୃଷ୍ଟି ନକରି କିଭଳି ଏକତ୍ର କାମ କରିବାକୁ ହୁଏ,

ତାହା ଶିଖିବାକୁ ହୁଏ । ଅନ୍ୟ ଜଣେ ମୋ ସହିତ ସଂଘର୍ଷ ଭିତରକୁ ଆସିବାକୁ ଚାହିଁଲେ ବି ମୁଁ ଯିବି କାହିଁକି ? ମୁଁ ତାର ଶିକାର ହୋଇଯିବି କାହିଁକି ? (I must know and learn how to by-pass it.) କିଭଳି ତାକୁ ଏଡେଇ ଯିବାକୁ ହୁଏ, ତା' ମୋତେ ଜାଣିବାକୁ ହେବ, ଶିଖିବାକୁ ହେବ । ବହୁ ଲୋକ ଶେଉଳ ମାଛ ଭଳି ଖସି ପଳାଇ ଯିବାକୁ ଚାହାନ୍ତି । କିନ୍ତୁ ମୋର କାମ ହେଉଛି କେହି ବାହାରି ଯିବାକୁ ଚାହିଁଲେ ବି କୌଣସି ନା କୌଣସି ଉପାୟରେ ତାକୁ କାମ ଭିତରକୁ ଟାଣି ଆଣିବା, ଲଢେଇର କର୍ମସୂଚୀ ଦେବା- ଏଇ ଗୁଣଟି ଅର୍ଜନ କରିବାର ନାମ ହେଲା ସାଂଗଠନିକ କ୍ଷମତା ଅର୍ଜନ କରିବା, ଅଥଚ ଅନେକ କ୍ଷେତ୍ରରେ ଓଲଟା ଘଟଣା ଘଟେ ।

ସେ ମୋତେ ଏହା କହିଲେ, ତା'ହେଲେ ତାଙ୍କ ସହିତ କିଭଳି ଭାବେ କାମ କରାଯାଇ ପାରିବ ? ଏଭଳି ହେଲେ ମଣିଷ କଣ କାମ କରି ପାରିବ ? ଏହିଭଳି ନାନା ଅଭିଯୋଗ ଆଉ ତାର ପାଲଟା ଅଭିଯୋଗ, କିଏ ଠିକ୍ ଆଉ କିଏ ବେଠିକ୍, ଏଇସବୁ ଆଲୋଚନା କରି ସମୟ ନଷ୍ଟ କଲି । କାମ ପକାଇ ରଖି ଅଯଥା ସମୟ ନଷ୍ଟ କଲି, ନିଜର କ୍ଷମତାକୁ ବି ନଷ୍ଟ କଲି । ତାକୁ ବି କିଛି କରିବାରେ ସାହାଯ୍ୟ କଲି ନାହିଁ । ଏହା ମାନେ, ଆମେ ଯେ କେବେ ହେଲେ ଆଲୋଚନା କରିବୁ ନାହିଁ, ତା' ନୁହେଁ । ଆଲୋଚନା ନକରି ଆମେ ଗୋଟାଏ ପାଦ ବି ଆଗଇେ ପାରିବା ନାହିଁ । ଆମର ସ୍ଲୋଗାନ ହେବ- ପ୍ରତିନିୟତ ଏକତ୍ର କାମ (constant common activity) କରିବା, ପ୍ରତିନିୟତ ଏକତ୍ର ଆଲୋଚନା (constant common discussion) କରିବା, କିନ୍ତୁ ସେହି ଆଲୋଚନାଗୁଡିକ ନୈର୍ବ୍ୟକ୍ତିକ, ବାସ୍ତବସମ୍ମତ ଓ ଉଦ୍ଦେଶ୍ୟ ସହିତ ସାମଞ୍ଜସ୍ୟ ପୂର୍ଣ୍ଣ ହେବା ଦରକାର ।

ଆଲୋଚନା ସଂକ୍ଷିପ୍ତ (precise) ନ ହୋଇ, କାମ ଆଡକୁ, ଐକ୍ୟ ଆଡକୁ, ଭଲ ବୁଝାମଣା ଆଡକୁ ନ ଯାଇ ଅଯଥା ବଢିଯାଉଛି-ଏ କଥାର ଅର୍ଥ ହେଲା- ମୁଁ ହୁଏ ବା ଅନ୍ୟ ପକ୍ଷ ହେଉ - ଆମେ କୌଣସି ପକ୍ଷ ହିଁ ଏଭଳି କ୍ଷମତା ସମ୍ପନ୍ନ ନୋହୁଁ ଯେ, ଆଲୋଚନାଟିକୁ ଆମେ ସଠିକ୍ ରାସ୍ତାରେ ପ୍ରବାହିତ କରିପାରିବା । ଯେଉଁଠି ଆଲୋଚନାରେ କଥା ବଢେ, ବୁଝିବାକୁ ହେବ ଯେ, ଆଲୋଚନା ଭୂଲ ପଥରେ ପରିଚାଳିତ ହେଉଛି । ସେଠି ସହଜ ବୁଦ୍ଧି ଖଟେଇ ଆଲୋଚନା ବନ୍ଦ କରିଦେବା ଉଚିତ । କହିବା ଉଚିତ, ଆଲୋଚନା ବନ୍ଦ କରି, ଆସ ଦୁଇ କପ୍ ଚା ପିଇନେବା । ତାପରେ ଚାଲ ଏବେ କାମରେ ବାହାରିବା । ଏବେ ଏଇ କଥାଟି ମୁଲତବି ଥାଉ, ସେଥିରେ ମହାଭାରତ ଅଶୁଦ୍ଧ ହୋଇଯିବ ନାହିଁ । କାହିଁକି ନା କଥାଟି ଖାଲି ବଢି ବଢି ଚାଲିଛି । ଯେଉଁ କଥା ଖାଲି ବଢେ, କମେ ନାହିଁ, ତାହା ନ କଲେ ବି ଚଳିବ । ଚାଲ ଏଇ କାମଟା କରିବା, ନହେଲେ ଗୋଟିଏ ଜାଗାରୁ ବୁଲି ଆସିବା । ଏଇ ଯେଉଁ ସହଜ ବୁଦ୍ଧି ବା ଉପସ୍ଥିତ ବୁଦ୍ଧି ନିଜର ଆଲୋଚନାର ଝୁଙ୍କଟାକୁ ବୁଝିପାରିବାର କ୍ଷମତା- ଏହା ଆମ

ପ୍ରତ୍ୟେକଙ୍କୁ ଅର୍ଜନ କରିବାକୁ ହେବ । ତେବେ ଯାଇ ଆମେ ଜନଗଣଙ୍କ ଆନ୍ଦୋଳନରେ ନେତୃତ୍ୱ ଦେଇ ପାରିବା ।

ନହେଲେ ଏହା ବନ୍ଧୁ- ବନ୍ଧୁ ଭିତରେ ବୁଝାମଣାକୁ ନଷ୍ଟ କରି ପକେଇବ । କମ୍ରେଡ୍- କମ୍ରେଡ୍ ଭିତରେ ସମାଲୋଚନାରେ ଶତ୍ରୁତା (animosity)ର ମନୋଭାବ ସୃଷ୍ଟି ହେବ । ମତ ବିରୋଧ ହେଲେ, ଆପଣଙ୍କ ଭୁଲଟାକୁ ମୁଁ ଯଦି ଧରେଇ ଦିଏ ତେବେ ଆପଣଙ୍କ ମନ ଖରାପ ହୋଇଯିବ । ଆପଣଙ୍କୁ ସାହାଯ୍ୟ କରିବା ପାଇଁ ଆପଣଙ୍କ ଉପକାର ପାଇଁ ଭୁଲ ଧରେଇଦେଲେ ମନ ଖରାପ ହେବ କାହିଁକି ? ଭୁଲଟା ଧରେଇ ନ ଦେଲେ କଣ ହୁଅନ୍ତା ? ଗୋଟାଏ ମିଥ୍ୟା ସମ୍ମାନ ରକ୍ଷା ହୁଅନ୍ତା, କିନ୍ତୁ ଆପଣତ ଏଇ ଭୁଲ ବାଟ ଧରି ଆହୁରି ତଳକୁ ଓହ୍ଲେଇ ଯାଆନ୍ତେ । ଅଥଚ ଭୁଲ ଧରେଇ ନଦେଇ ଆପଣଙ୍କର ସର୍ବନାଶ କଲେ ଆପଣ ଆହୁରି ବେଶୀ ଖୁସୀ ? ଏହା କ'ଣ ? ଏହାର ଅର୍ଥ କ'ଣ ? ଏହାର ମାନେ ହେଉଛି ଆପଣଙ୍କର ଆତ୍ମଚେତନା ନାହିଁ । ବିପ୍ଳବ ତ ଦୂରର କଥା, ସଂଗଠନର ସ୍ୱାର୍ଥ ତ ଦୂରର କଥା- ନିଜର ଭଲ ମନ୍ଦ ସୁଦ୍ଧା ଆପଣ ଭଲ କରି ବୁଝନ୍ତି ନାହିଁ । ମାର୍କ୍ସବାଦ ସେଥିପାଇଁ ଗୋଟାଏ ଗୁରୁତ୍ୱପୂର୍ଣ୍ଣ କଥା କହିଛି- କହିଛି, ସମାଲୋଚକ ମାତ୍ରେ ହିଁ ଶିକ୍ଷକ, କହିଛି ଶତ୍ରୁ ପାଖରୁ ବି ଶିଖ- ସାଧାରଣ ମଣିଷ (lay man) ପାଖରୁ ବି ଶିଖ । ଆପଣମାନେ ଯେତେ କଥା କହନ୍ତି, ସାଧାରଣ ଲୋକ ସେତେ କଥା କହିପାରନ୍ତି ନାହିଁ, ତାର ଅଧା କଥା ବୁଝନ୍ତି ? ତାହେଲେ ଏଇସବୁ ବଡ ବଡ ଜ୍ଞାନୀ ଗୁଣୀ ଲୋକ ଏହି କଥାଗୁଡିକ କହିଛନ୍ତି କାହିଁକି ? ଏଇ କାରଣରୁ କହିଛନ୍ତି ଯେ, ଅନେକ ସମୟରେ ଜଣେ ଅଜ୍ଞଲୋକ ମଧ୍ୟ ଏଭଳି କଥା କହିପାରେ ଯାହା ଭିତରେ ବିସ୍ମୟକର ବିଷୟ (Startling thing) ରହିଛି, ଯାହା ଆପଣମାନଙ୍କର ଶିଖିବାର ବିଷୟ । ଆପଣ ଏତେ କଥା ଜାଣି ମଧ୍ୟ ସେ କଥାଟାକୁ ଲକ୍ଷ୍ୟ କରି ନାହାନ୍ତି । ଆଖି କାନ ଖୋଲା ଥିଲେ ସେହି ମୁହୂର୍ତ୍ତରେ ସାଧାରଣ ମଣିଷର ସେହି କଥାଟି ଆପଣଙ୍କ ଚିନ୍ତାର ବହୁ ବିଷୟ ପରିଷ୍କାର କରି ଦେଇପାରେ । କିନ୍ତୁ ସେ କ'ଣ କହିବ - ଏଇ କଥା ଭାବି ଯଦି ଆଖି କାନ ବନ୍ଦ ରଖନ୍ତି, ମନର ଦ୍ୱାରଟିକୁ ବନ୍ଦ କରି ରଖନ୍ତି, ତା'ହେଲେ ଏହି ମୁହୂର୍ତ୍ତରେ ତାର ଗୋଟିଏ କାର୍ଯ୍ୟକାରୀ କଥା-ଯାହା ଆପଣମାନଙ୍କର ଏତେ ଜ୍ଞାନ ଥିବା ସତ୍ତ୍ୱେ ଆପଣଙ୍କର ଦୃଷ୍ଟି ଶକ୍ତିକୁ ଖୋଲି ପାରିନାହିଁ । ତାହା ଆପଣଙ୍କର ଜାଣିବା ବାହାରେ ରହିଯିବ । ଏଥିରେ ଆପଣଙ୍କର ହିଁ କ୍ଷତି ହେବ ।

ତେଣୁ ସର୍ବଦା ଆଖିକାନ ଖୋଲା ରଖନ୍ତୁ । ପଞ୍ଚେନ୍ଦ୍ରିୟ ଖୋଲା ରଖନ୍ତୁ । ଶିଖିବାର କିଛି ହେଲେ ତାହା ଶତ୍ରୁ କହୁ ପଛେ- ମାରିବା ମୁହୂର୍ତ୍ତରେ କହୁ, ମାରୁ ମାରୁ କହୁ ଶିଖି ନିଅନ୍ତୁ । ଏଇଭଳି ନିଜକୁ ଖୋଲା ରଖନ୍ତୁ, ପରିବର୍ତ୍ତିତ କରନ୍ତୁ । ଯିଏ ସମାଲୋଚକ ସେ ହୁଏତ ଉଦ୍ଦେଶ୍ୟ ପ୍ରଣୋଦିତଭାବରେ ସମାଲୋଚନା କଲା । କିନ୍ତୁ ଚିନ୍ତା ନ କରି କହିଲେ ବି,

ଯେଉଁ କଥାଗୁଡିକ ସେ କହୁଛି, ଟିକେ ଖୋଜି କରି ଦେଖେ- ଯଦି ସେଥିରୁ ମୁ କିଛି ଶିଖି ନିଜକୁ ସୁଧାରିବାର ଥାଏ, ଉଦ୍ଦେଶ୍ୟ ପ୍ରଣୋଦିତ (motivated way) ହୋଇ କହିଲେ ବି ହୁଏତ ପରେ ସେହି ମୋଟିଭ ବା ଉଦ୍ଦେଶ୍ୟ ବିରୁଦ୍ଧରେ ଲଢେଇ କରା ଯାଇପାରେ, କିନ୍ତୁ ସେହି ମୁହୂର୍ତ୍ତରେ ଯଦି ମୋଟିଭ ବା ଉଦ୍ଦେଶ୍ୟ କଥାଟି ମୋ ମନକୁ ଆଚ୍ଛନ୍ନ କରି ରଖେ, ତାହାହେଲେ ସେଥିରେ କିଛି ବି ଯଦି ସତ ଥାଏ, ତେବେ ତାହା ମୋ ନଜରକୁ ଏଡେଇ ଯିବ । ଏହା ହିଁ ହେଉଛି ସମାଲୋଚନା ଓ ସମାଲୋଚନାକୁ ନେବା କ୍ଷେତ୍ରରେ, ଗ୍ରହଣ କରିବା କ୍ଷେତ୍ରରେ ସଠିକ୍ ଦୃଷ୍ଟିଭଙ୍ଗୀ । ସେଇଥିପାଇଁ ସମାଲୋଚକ ହିଁ ହେଉଛି ଶିକ୍ଷକ । ଏସବୁ ମୋର କଥା ନୁହେଁ, ଭାବିବେ ନାହିଁ ଯେ, ଏଇ ଶିବଦାସ ଘୋଷ ଲୋକଟା ସବୁ ବନେଇ ଚୁନେଇ ନିଜର ଇଚ୍ଛାନୁଯାୟୀ, ପ୍ରିଚର ଭଳି ଏସବୁ କହୁଛି । ଆପଣମାନେ ଭଲ ରୂପେ ମାର୍କ୍ସବାଦ ପଢିବେ । ଏଇସବୁ ଚଟି ବହି ନୁହେଁ । ଦଳେ ମାର୍କ୍ସବାଦୀ ନେତା ଯେଉଁମାନେ କେବଳ ଏଇସବୁ ଚଟି ବହି ପଢନ୍ତି, ସେସବୁ ବହି ନୁହେଁ । ଗଭୀର ଓ ପୂର୍ଣ୍ଣାଙ୍ଗଭାବେ (thoroughly) ମାର୍କ୍ସବାଦ ପଢନ୍ତୁ, ଜାଣନ୍ତୁ । ତାର ନୀତି-ସଂସ୍କୃତି-ମୂଲ୍ୟବୋଧ ଓ ଦର୍ଶନ(ethics, Values, Philosophy)ର ଖୋଜ ଖବର ନିଅନ୍ତୁ । ଆଉ ନେଲେ ଦେଖିବେ । ମୁଁ ଯାହା କହୁଛି ଏ ସବୁ ହେଲା ତାର ସାର କଥା । ମାର୍କ୍ସବାଦକୁ ଏଭଳି ଭାବରେ ନ ବୁଝିଲେ ମନେ ହେବ- ଯେମିତି ଖାଇବାକୁ ନ ପାଇ, ଅଭାବ ବା ଦୁଃଖ କଷ୍ଟ ଭିତରୁ ହିଁ ବୋଧ ହୁଏ ଲୋକେ ମାର୍କ୍ସବାଦ ଆଡକୁ ଆକୃଷ୍ଟ ହୁଅନ୍ତି । ଖାଇବାକୁ ପାଇ ନାହିଁ ବୋଲି ମାର୍କ୍ସବାଦୀ ହୋଇଛି, ବିଷୟଟି ଏଭଳି ନୁହେଁ । ସବୁ ଦେଶରେ, ଏ ଯୁଗରେ ଯେଉଁମାନେ ବଡ ମଣିଷ, ଚିନ୍ତାଶୀଳ, ଦରଦୀ ମନର ମଣିଷ, ସେମାନେ ମଣିଷ ପ୍ରତି ଅସୀମ ମମତ୍ୱବୋଧରୁ ହିଁ ମାର୍କ୍ସବାଦ ପ୍ରତି ଆକୃଷ୍ଟ ହେଉଛନ୍ତି । ସେମାନଙ୍କର ଅନେକଙ୍କ ଘରେ ଖାଇବା, ପିନ୍ଧିବାର ଅଭାବ ନଥିଲା । ଏମିତି କି ଶୋଷକର ଘରେ ବଡ ବଡ ଜମି ମାଲିକ ଘରେ ଧନୀ ପରିବାରରେ ସେମାନଙ୍କ ଜନ୍ମ । ଯେମିତି ମାଓ-ସେ-ତୁଙ୍ଗ, ଏଙ୍ଗେଲସ୍ ଏବଂ ଆହୁରି ଅନେକେ- ଏମାନଙ୍କର କାହାରି ଘରେ ଅଭାବ ନଥିଲା । ଖାଲି ନୀତିବୋଧ (ethics) ପାଇଁ, ମହତ୍ ଓ ଉନ୍ନତ ଆଦର୍ଶ (noble ଏବଂ higher ideology) ପାଇଁ, (values) ମୂଲ୍ୟବୋଧ ପାଇଁ ବିଶ୍ୱବ୍ରହ୍ମାଣ୍ଡ ଘଣ୍ଟାଚକଟା କରି ଏହାଠାରୁ ଆଉ ଅଧିକ ମୂଲ୍ୟବାନ, ମହତ ବଡ ଜିନିଷ ଆଉ ଖୋଜି ପାଇ ନାହାନ୍ତି ବୋଲି ହିଁ ସେମାନେ ମାର୍କ୍ସବାଦୀ ହୋଇଛନ୍ତି । ଖାଇବାକୁ ନପାଇଲେ ଯେ ଲୋକ ମାର୍କ୍ସବାଦୀ ହୁଏ- ମାର୍କ୍ସବାଦର ଆବେଦନଟା ଏଭଳି ନୁହେଁ । ଗୋଟାଏ ଅମେରିକାନ 'ଲବି' ଗଢିଉଠିଛି (grow), ଦଳେ କାରିଗରୀ ବିଦ୍ୟା ବିଶାରଦ (technocrats, experts) ଆମେରିକାର ରାଜନୀତିବିଦ୍‌ମାନଙ୍କୁ ବୁଝାଉଛନ୍ତି ଯେ ଏଇ ଲୋକମାନଙ୍କର ଦୁଃଖ ଦୁର୍ଦ୍ଦଶା ହେଉଛି ଲାଲଝଣ୍ଡାବାଲାଙ୍କର ବିପ୍ଳବ ଫିପ୍ଳବର ଅସଲ କାରଣ । ବିପ୍ଳବକୁ ମାରି ଦିଆଯାଇ

ପାରିବ ଯଦି ଏହି ଲୋକଗୁଡ଼ାଙ୍କୁ ଆଲସିସିଆନ ବନେଇ ଦିଆଯାଇପାରେ । ଟିକେ ଭଲ ଖାଇବାକୁ ପିନ୍ଧିବାକୁ ଦିଅ, ଜୀବନର ପ୍ରାଚୁର୍ଯ୍ୟ ଆଣି ଦିଅ (affluent condition of life) ଦୁଇଟି ନାଇଟ୍ କ୍ଲବ୍ ଖୋଲି ଦିଅ, ଥେଇ ଥେଇ ନାଚିବାର ବ୍ୟବସ୍ଥା କରିଦିଅ- ହେଉ ପଛେ ମଜଦୁର, ଦେଖିବ ବିପ୍ଲବ ଫିପ୍ଲବ କିଛି ହେବ ନାହିଁ । କିନ୍ତୁ ଖୋଦ ନିଜ ଦେଶରେ ସେମାନେ ଲକ୍ଷ୍ୟ କରୁ ନାହାନ୍ତି ଯେ ସାରା ଦେଶର ଜନସାଧାରଣଙ୍କୁ, ଯୁବକମାନଙ୍କୁ ଗୋଟିଏ ଯୁଗ ଧରି ଥେଇ ଥେଇ ନାଚିବା ଆଉ ଖାଅ, ପିଅ ଏବଂ ଫୁର୍ତ୍ତି କର (eat, drink and be merry) ର ସ୍ଲୋଗାନରେ ମତେଇ ରଖି ବି ଜନଗଣଙ୍କର ଆନ୍ଦୋଳନମୁଖି ମନୋଭାବକୁ ସେମାନେ ମାରି ଦେଇ ପାରୁ ନାହାନ୍ତି । ଆମେରିକାର ଚେହେରା ବଦଳୁଛି । ଭିଏତ୍‌ନାମରେ ବର୍ବର ଅତ୍ୟାଚାର ବିରୁଦ୍ଧରେ ମାନବତାକୁ ଲୁଣ୍ଠନ କରି ଓ ଧର୍ଷଣ କରିବାର ଚକ୍ରାନ୍ତ ବିରୁଦ୍ଧରେ ଖୋଦ ଆମେରିକାର ଜନସାଧାରଣ, ଆଜି ତାଙ୍କ ସରକାର ବିରୁଦ୍ଧରେ ସାରା ଦୁନିଆର ମଣିଷର ବିକ୍ଷୋଭ ପଟୁଆରରେ ସାମିଲ ହେଉଛନ୍ତି । ସେମାନଙ୍କ ହାତରେ ହାତ ମିଳାଉଛନ୍ତି ।

ତେଣୁ ଯାହା କହୁଥିଲି, ଏହି ଯେ ସବୁ ଘଟଣା ଘଟିଯାଉଛି ଏଇ ସବୁ ଘଟଣାଗୁଡ଼ିକୁ ଆଖି ଆଗରେ ରଖି ସଂଗଠନ ବଢାଇବା କ୍ଷେତ୍ରରେ ଆପଣମାନଙ୍କର ଦୁଇଟା କଥା ଭଲଭାବରେ ବୁଝିବାକୁ ହେବ, ମନେ ରଖିବାକୁ ହେବ । ଗୋଟିଏ ହେଲା, ସଂଗଠନ ଗୋଟିଏ ଅଲଗା ପ୍ରଶ୍ନ ନୁହେଁ- ବିନା ରାଜନୀତିରେ ସଂଗଠନ ବଢାଇବାର ଚେଷ୍ଟା ହେଲେ ବି କୌଣସି କାରଣରୁ ଯଦି କେତେବେଳେ ବ୍ୟକ୍ତିର ଉଦ୍ୟୋଗ, ଗୋଟିଏ ଲୋକର ବା କେତେକ ଲୋକଙ୍କର ସତତା ବା ତ୍ୟାଗ(Sacrifice)ବଳରେ ଲୋକେ ନିଜର ଦାବି ନେଇ ଲଢନ୍ତି, କିମ୍ବା ଏଇରକମ କେତେଗୁଡ଼ିଏ ଘଟଣାକୁ କେନ୍ଦ୍ର କରି ଆପଣମାନେ, ଆପଣମାନଙ୍କର ସଂଗଠନର ବୃଦ୍ଧି ଘଟାନ୍ତି, ତାହାହେଲେ ବି ଆପଣମାନେ ତାକୁ ବଞ୍ଚେଇ ରଖି ପାରିବେ ନାହିଁ । ରାଜନୈତିକ ଉଦ୍ଦେଶ୍ୟ ବିବର୍ଜିତ (Apolitical) ସଂଗଠନ ତିଷ୍ଠି ରହେ ନାହିଁ । ରହିବ ନାହିଁ । ତାହାହେଲେ ଆମେମାନେ ଯେଉଁ ସଂଗଠନ କରିବା ତାର ରାଜନୀତିଟି କ'ଣ ତାହା ବୁଝିବାକୁ ହେବ ? ଆଉ ବୁଝିବାକୁ ହେବ, ଏହି ରାଜନୀତିର ଦୁଇଟି ଦିଗ ଅଛି- ଗୋଟିଏ ସକ୍ରିୟ ଦଳୀୟ ରାଜନୀତି(active party politics)ର ଦିଗ, ଆଉ ଗୋଟିଏ ହେଉଛି ଯଦି କେହି ଦଳୀୟ ରାଜନୀତ କରିବା ପସନ୍ଦ ନକରେ, ତେବେ ବି ରାଜନୀତିଟା ସଠିକ୍ ନା ବେଠିକ୍ ଏଇଟା ନିର୍ଦ୍ଧାରଣ କରିବାକୁ ପଡିବ । ଏହାକୁ ବାଦ ଦେଇ ଶ୍ରମିକ ଆନ୍ଦୋଳନ, ଶ୍ରମିକ ସଂଗଠନ, ଶ୍ରମିକମାନଙ୍କର ବିପ୍ଳବୀ ଲଢେଇ କୌଣସିଟା ହିଁ ହେବ ନାହିଁ । ଏସବୁ ଫାଙ୍କା କଥା ନୁହେଁ, ଏଭଳିଭାବେ ଭାବିଲେ ମାରାତ୍ମକ ଭୁଲ ହେବ । ଏହା ଫଳରେ ଆଦୌ କିଛି ଗଢିଉଠି ପାରିବନାହିଁ । ଏହା ଏକ ଆତ୍ମ ପ୍ରତାରଣା, କେତେକାଂଶରେ ନିଜକୁ ଠକିବା(self deception), ଏହାଛଡା ଆଉ କ'ଣ ବା କହିବି ?

ସମସ୍ତ ଶ୍ରମିକମାନଙ୍କୁ ଖୋଲାଖୋଲି କହିବାକୁ ହେବ– ବାବା, ରାଜନୀତି କରିବାଟା ଏତେ ସହଜ ବିଷୟ ନୁହେଁ, ବିପ୍ଳବୀ ରାଜନୀତି ତ ଆଦୌ ନୁହେଁ । ଏମିତିକି ରାଜନୀତି କରିବା ତ ସହଜ କଥା ନୁହେଁ, ରଜନୀତି ନାମରେ ମାଙ୍କଡାମୀ କରିବା ସହଜ ଜିନିଷ ହୋଇ ପାରେ । କିନ୍ତୁ ସିଧାସଳଖ, ଜୀବନଯାକ ରାଜନୀତି କରିବ– ଏହା ଏକ ସହଜ ବିଷୟ ନୁହେଁ । ତେଣୁ ତୁମେ ସେଥିପାଇଁ ଏତେ ଉଦ୍‌ବିଗ୍ନ କାହିଁକି ? ରାଜନୀତି କରିବା ଗୋଟିଏ ବିଷୟ, ଆଉ ରାଜନୀତି ସଠିକ୍ କି ବେଠିକ୍ ସେଇଟା ବୁଝିବାକୁ ଚେଷ୍ଟା କରିବା ଏବଂ ସେହି ଅନୁଯାୟୀ କେଉଁ ରାଜନୈତିକ ଲାଇନ୍ ଧରି ଚାଲିବି ତାହା ଠିକ୍ କରିବା ଆଉ ଗୋଟିଏ ଜିନିଷ । ସେଇଟା ସ୍ଥିର କଲେ କାହାକୁ ରାଜନୀତି କରିବାକୁ ହୁଏ ନାହିଁ । ଅଥଚ ସେଇଟା ଠିକ୍ ନକଲେ କୌଣସି ଲଢେଇ, କୌଣସି ମାନବିକ ଲଢେଇ ଆଜିକାର ଦିନରେ ଆଉ ହୋଇପାରେ ନାହିଁ । କୌଣସି ସଂଗଠନ ମଧ୍ୟ ଦାନା ବାନ୍ଧି ପାରେ ନାହିଁ । (That is a myth of organisation) ଯାହା ହୁଏ, ତାହା ହେଲା ସଂଗଠନ ସଂପର୍କରେ ଏକ କାଳ୍ପନିକ ଧାରଣା । ଫଳରେ ଏଇ ଦୁଇଟା ଜିନିଷ ସେମାନଙ୍କ ନିକଟରେ ପରିଷ୍କାର ହେବା ଦରକାର– ସେମାନଙ୍କୁ କହିବା ଦରକାର, ଏତେ ଭୟ ପାଉଛ କାହିଁକି ? ପାର୍ଟି ପଲିଟିକ୍ସ କଥା ଶୁଣିଲେ ଏତେ ଭୟ ପାଅ କାହିଁକି ? ଜୋରଜବରଦସ୍ତ କାହାକୁ ପାର୍ଟି କାମ କରାଇ ହେବ କି ? ବିପ୍ଳବୀ ପାର୍ଟି କରାଇବା ତ ଆଦୌ ସମ୍ଭବ ନୁହେଁ । ଯେପର୍ଯ୍ୟନ୍ତ ନ ବୁଝୁଛ, ସେ ପର୍ଯ୍ୟନ୍ତ ତୁମର ଉଦ୍‌ବିଗ୍ନ ହେବାର ପ୍ରୟୋଜନ ନାହିଁ, ଦରକାର ବି ନାହିଁ । ଗୋଟିଏ ବିଷୟ ନିହାତି ଦରକାର, ଆଉ ତାହା ହେଲା ତୁମକୁ ରାଜନୀତି ବୁଝିବାକୁ ହେବ । ତୁମେ ଯଦି କୁହ, ନା ନା, ରାଜନୀତି ବୁଝିବା ଦରକାର ନାହିଁ, ତାହେଲେ ତୁମେ ନ ବୁଝିଲେ ବି ରାଜନୈତିକ ସ୍ଥିତି ଏବଂ ଚିନ୍ତାଭାବନା ଯାହା ଭୁଲ, ତାହା ଯଦି ଦେଶରେ ଚାଲୁ ରହେ ଏବଂ ତାହାର ପ୍ରଭାବ ଯଦି ବଢି ଚାଲେ ତାହାହେଲେ ତୁମେ ଯେ ରାଜନୀତି ଠାରୁ ନିଜକୁ ବଞ୍ଚେଇବାକୁ ଚାହୁଁଛ, ତୁମର ସେଇ ଚିନ୍ତା ଭାବନା, ରୁଚି ସଂସ୍କୃତି ପରିବାର ଏମିତିକି ଯେଉଁ ସଂଗଠନଟି ତୁମେ ଏଠାରେ ଛିଡା କରାଇବାକୁ ଚାହଁ– ସେ ସବୁ ସେହି ଭୁଲ ରାଜନୀତିର ପ୍ରଭାବରେ ବରବାଦ ହୋଇଯିବ । ତାକୁ ତୁମେ ରକ୍ଷା କରି ପାରିବ ? (Every movement is influenced by politics) ପ୍ରତିଟି ଆନ୍ଦୋଳନ ହିଁ ରାଜନୀତି ଦ୍ୱାରା ପ୍ରଭାବିତ । ଖାଦ୍ୟ ଠାରୁ ଆରମ୍ଭ କରି ସବୁ କିଛି, ଏମିତିକି ଔଷଧ ବି ତାର ପ୍ରଭାବରୁ ମୁକ୍ତ ନୁହେଁ– ଆପଣ ନିଜକୁ ଅଲଗା ରଖିବେ କେମିତି ? You are a social being- ଆପଣ ସାମାଜିକ ପ୍ରାଣୀ । ସଂଗଠନ କଥା ତ ଦୂରେ ଥାଉ, ଜଣକର ବ୍ୟକ୍ତି ମାନସିକତାକୁ ମଧ୍ୟ ସେଥିରୁ ମୁକ୍ତ ରଖିବାର ଉପାୟ ନାହିଁ । ଆପଣ ଭାବି ପାରନ୍ତି ମୁଁ ଅଲଗା ରହିବି । ଏ ସମ୍ପର୍କରେ ଆପଣ ଅବହିତ ନରହି ପାରନ୍ତି । ଆପଣଙ୍କ ଚିନ୍ତାଭାବନା ହୁଏତ ଏଭଳି ଥାଇପାରେ ଯେ ମୁଁ କାହାରି ସହିତ, କାହାରି ସଂସ୍ପର୍ଶରେ

ନାହିଁ- ଏହାର ଅର୍ଥ ହେଲା ଆପଣ ଅବହିତ ନୁହନ୍ତି, ଆପଣ ଜାଣନ୍ତି ନାହିଁ ଯେ, ପ୍ରତିନିୟତ ଆପଣ କେମିତି ସମାଜ ସହିତ ସମ୍ପର୍କିତ ହେଉଛନ୍ତି, କିଭଳି ବର୍ତ୍ତମାନର ରାଜନୈତିକ ପରିବେଶ ଆପଣଙ୍କର ମାନସିକତା ଉପରେ ପ୍ରଭାବ ବିସ୍ତାର କରୁଛି, ଆପଣଙ୍କ ସଂଗଠନର ମାନସିକତା ଉପରେ ପ୍ରଭାବ ବିସ୍ତାର କରୁଛି, ସଂଗଠନ ପରିଚାଳନା କାଇଦା ଉପରେ ପ୍ରଭାବ ବିସ୍ତାର କରୁଛି । ଏହି ଯାହାକୁ କହୁଛନ୍ତି, ସଂଗଠନ ପରିଚାଳନା ପଦ୍ଧତି ବା କୌଶଳ (Style of organisation), ଏଇ ସଂଗଠନ ପରିଚାଳନା କୌଶଳ କଥାଟା ଭିତରେ ମଧ୍ୟ ବୁର୍ଜୁଆ ଭାବନା ଧାରଣା, ସର୍ବହରାଶ୍ରେଣୀର ବିପ୍ଳବୀ ଭାବନା ଧାରଣା ପ୍ରତିଫଳିତ ହୁଏ ।

ଯେମିତି ଧରନ୍ତୁ, ଗୋଟିଏ ଇଲେକ୍ସନ୍ ଆସି ଯାଇଛି, ସେହି ଲଢେଇ ଲଢିବାକୁ ହେବ । ଆପଣ ଭାବୁଛନ୍ତି ଏଇଟାତ ଗୋଟାଏ ଇଲେକ୍‌ସନ୍, କଂଗ୍ରେସ ବିରୁଦ୍ଧରେ ଲଢେଇ ହେଉଛି । ପୁଣି ଏହା ଭିତରେ ବିପ୍ଳବୀ ରାଜନୀତି କଣ ଅଛି ? ଆପଣଙ୍କର ଧାରଣା ହେଲା, କଂଗ୍ରେସକୁ ପରାସ୍ତ କରିବାର ଯେ କୌଣସି କୌଶଳ ହିଁ ବିପ୍ଳବୀ କୌଶଳ । ନା, କଂଗ୍ରେସ ଗୋଟିଏ ପକ୍ଷ, ବିପକ୍ଷ ଦଳ ଆଉ ଗୋଟିଏ ପକ୍ଷ, ଇଲେକ୍‌ସନ୍‌ରେ ତା' ଭିତରେ ଜନସାଧାରଣ ମଧ୍ୟ ଅଛନ୍ତି ।

ଯେତେଦିନଯାଏ ବିପ୍ଳବ ହେବ ନାହିଁ, ଜନସାଧାରଣ ଇଲେକ୍‌ସନ୍ ଚାହାନ୍ତୁ ବା ନ ଚାହାନ୍ତୁ, ପସନ୍ଦ କରନ୍ତୁ ବା ଅପସନ୍ଦ କରନ୍ତୁ, ଭଲ ଲାଗୁ ବା ମନ୍ଦ ଲାଗୁ, ଜନସାଧାରଣଙ୍କୁ ଏହା ମଧ୍ୟକୁ ଟାଣି ନିଆଯାଏ ଏବଂ ଜନସାଧାରଣ ମଧ୍ୟ ଟାଣି ହୋଇ ଆସନ୍ତି । ବିପ୍ଳବ ମାନେ ହେଲା- ଯେତେବେଳେ ଜନତା ବୁଝି ପାରିଛନ୍ତି- ଇଲେକ୍‌ସନ୍‌ର ପ୍ରୟୋଜନୀୟତା ନାହିଁ, ସମସ୍ତେ ଏହି ଚେତନାର ଭିତ୍ତିରେ ସଂଗଠିତ ହୋଇଯାଉଛନ୍ତି ଏବଂ ସଂଗଠିତ ଭାବରେ ଇଲେକ୍‌ସନ୍ ବର୍ଜନ କରୁଛନ୍ତି । ନିରାଶାରୁ (Negatively) ବର୍ଜନ କରୁନାହାନ୍ତି-ବୁଝିସୁଝି (positively) ସେମାନେ ଗଣ ଅଭ୍ୟୁତ୍‌ଥାନ (uprising) ଅବସ୍ଥାକୁ ଚାଲି ଯାଇଛନ୍ତି । ଯେତେବେଳେ ସେମାନେ କହନ୍ତି, ନା ଇଲେକ୍ସନ୍ ନୁହେଁ, କ୍ଷମତା ଦଖଲ ସେତେବେଳେ ହିଁ ଏକମାତ୍ର ଇଲେକ୍‌ସନ୍ ଅକାର୍ଯ୍ୟକାରୀ ହୋଇଯିବ । ନହେଲେ ବାରମ୍ବାର ଜନତା ଇଲେକ୍‌ସନ୍‌ର ଫାଶରେ ପଡି ଚାଲିଥିବେ । ଆଉ ଜନସାଧାରଣଙ୍କ ସହିତ ରହିବା ପାଇଁ ବିପ୍ଳବୀ ହୁଅନ୍ତୁ କି ଅବିପ୍ଳବୀ ହୁଅନ୍ତୁ, ସମସ୍ତଙ୍କୁ ହିଁ ଇଲେକ୍‌ସନ୍‌ରେ ଅଂଶ ଗ୍ରହଣ କରିବାକୁ ହୁଏ- ଯଥାର୍ଥ ବିପ୍ଳବୀକୁ ମଧ୍ୟ କରିବାକୁ ହୁଏ । ଯେଉଁମାନେ ସଂକୀର୍ଣ୍ଣତା ଅନ୍ଧନିଷ୍ଠା (sectarian truism)ର ଚର୍ଚ୍ଚା କରନ୍ତି, ବିପ୍ଳବର ଚର୍ଚ୍ଚା କରନ୍ତି ନାହିଁ, ସେମାନେ ନିଜକୁ ସୁରକ୍ଷିତ ରଖନ୍ତି । ନଚେତ ସମସ୍ତଙ୍କୁ ହିଁ ନିର୍ବାଚନରେ ଅଂଶ ଗ୍ରହଣ କରିବାକୁ ହୁଏ ଏବଂ ନର୍ବାଚନରେ ଅଂଶ ଗ୍ରହଣ କରିବେ ବୋଲି କ'ଣ ସମସ୍ତଙ୍କ ଦୃଷ୍ଟିଭଙ୍ଗୀ ଏକ ହେବ ? ଇଲେକ୍‌ସନ୍ ସମସ୍ତେ ତ ଲଢୁଛନ୍ତି-

ବାହାରଆଡୁ ଦେଖିଲେ ମୁଁ ଲଢୁଛି, ବିପ୍ଳବୀ ଲେନିନ୍‌ବାଦୀମାନେ ଲଢୁଛନ୍ତି, ସୋସାଲ ଡେମୋକ୍ରାଟ (Social Democrat)ମାନେ ବି ଲଢୁଛନ୍ତି, ଅସଲିମାନେ ଲଢୁଛନ୍ତି, ନକଲିମାନେ ବି ଲଢୁଛନ୍ତି, ବୁର୍ଜୁଆମାନେ ବି ଲଢୁଛନ୍ତି, ମେକି ସମାଜବାଦୀମାନେ ବି ଲଢୁଛନ୍ତି । ଆଉ ସମସ୍ତଙ୍କ କଥା ହେଉଛି ମୁଁ ଠିକ୍, ବିରୋଧୀ ଦଳ ବେଠିକ୍ । ଆଉ ବିରୋଧୀ ଦଳକୁ ହରାଇବା ପାଇଁ ଯେକୌଣସି କୌଶଳଟା ହିଁ ହେଉଛି ସଠିକ୍, କାରଣ ମୁଁ ସଠିକ୍ । ଏହିଭଳି ଯୁକ୍ତି ଯଦି ଆପଣମାନେ କରୁଥାଆନ୍ତି, ତାହେଲେ ବୁଝିବାକୁ ହେବ, ବୁର୍ଜୁଆ ଆଉ ଆପଣମାନଙ୍କ ମଧ୍ୟରେ କୌଣସି ଶ୍ରେଣୀଗତ ପାର୍ଥକ୍ୟ ନାହିଁ, ଦୃଷ୍ଟିଭଙ୍ଗୀର ପାର୍ଥକ୍ୟ ନାହିଁ । ଅଥଚ ଗଭୀର ବିଚାର ବିଶ୍ଲେଷଣରେ ଏଇଟା ଭୁଲ ପ୍ରମାଣିତ ହୁଏ ।

ଅସଲରେ ବୁର୍ଜୁଆ ଆଉ ସର୍ବହରା ଏଇ ଦୁଇ ଶ୍ରେଣୀଙ୍କର ଲଢେଇର କଳା କୌଶଳ, କାଇଦା, ସଂଗଠନ ପଦ୍ଧତି, ଇଲେକ୍ସନ୍ ସମ୍ପର୍କରେ ଦୃଷ୍ଟିଭଙ୍ଗୀ, ହାରଜିତ୍‌ର କଳା କୌଶଳ ଠିକ୍ କରିବା ମଧ୍ୟ ଦେଶର ବାସ୍ତବ ବିପ୍ଳବୀ ଆନ୍ଦୋଳନ ଗଣଚେତନାର ସ୍ତରକୁ ଭିତ୍ତି କରି ହିଁ ନିର୍ଦ୍ଧାରିତ ହୁଏ । ବୁର୍ଜୁଆମାନଙ୍କର ମୂଳ ଉଦ୍ଦେଶ୍ୟ ହେଉଛି ଯେନତେନ ପ୍ରକାରେ ସର୍ବାଧିକ ନିର୍ବାଚନୀ ଆସନ ଦଖଲ କରିବା ଏବଂ କ୍ଷମତାକୁ ଯିବା । କ୍ଷମତାକୁ ଯାଇ ନାନା ସଂସ୍କାରମୂଳକ (reform) କାମ, ନାନା ପ୍ରକାରର ସ୍ଲୋଗାନ ଉଠାଇ ଏହି ପ୍ରଚଳିତ ବ୍ୟବସ୍ଥା (existing system)କୁ ଅତୁଟ ରଖିବା । ଯେଉଁଭଳି କହିଲେ ମୁଁ ଲୋକଙ୍କ ଭିତରେ ପ୍ରଗତିଶୀଳ ସାଜି କିଛି ଦିନ ତାଙ୍କୁ ବିଭ୍ରାନ୍ତ କରି ପାରିବି, ବୋକା ବନେଇ ପାରିବି ଏବଂ ଏହି ବ୍ୟବସ୍ଥାକୁ ହିଁ ଦୀର୍ଘସ୍ଥାୟୀ କରି ପାରିବି, ଏହା ହିଁ ହେଲା ସେମାନଙ୍କର ଉଦ୍ଦେଶ୍ୟ । ତାହେଲେ ତାଙ୍କର ମୂଳ ଲକ୍ଷ୍ୟ ହେଉଛି ଯେମିତି ହେଉ ସର୍ବାଧିକ ନିର୍ବାଚନୀ ଆସନ ଦଖଲ କରିବା । ଏହା ଛଡା ରାଜନୈତିକ କର୍ମସୂଚୀ, ଆଶୁ କର୍ମସୂଚୀ- ଏସବୁ ମଧ୍ୟ ସେମାନେ ଘୋଷଣା କରନ୍ତି । ସେମାନଙ୍କର ପ୍ରୋଗ୍ରାମ ଓ ସ୍ଲୋଗାନ ଯାହା ହେଉନା କାହିଁକି, ସେମାନଙ୍କର ମୂଳ କଥା ହେଉଛି- (grab maximum seats), ସର୍ବାଧିକ ନିର୍ବାଚନୀ ଆସନ ଦଖଲ ।

ଆଉ ବିପ୍ଳବୀ ଉଦ୍ଦେଶ୍ୟମୁଖୀତାର ଲକ୍ଷ୍ୟ ନେଇ ସର୍ବହରା (Proletariat)ମାନେ ଯେତେବେଳେ ଅନନ୍ୟୋପାୟ ହୋଇ ଲୋକମାନଙ୍କ ସହିତ ମିଶି ରହିବା ପାଇଁ ନିର୍ବାଚନ ଲଢେଇକୁ ଯାଆନ୍ତି, ସେତେବେଳେ ସେମାନେ ଜନଗଣଙ୍କର ଏକ ବିପ୍ଳବୀ ରାଜନୈତିକ ଭିତ୍ତି ଉପରେ ହିଁ ଯାଆନ୍ତି । ସିଟ୍ ଜିତିବା ପାଇଁ ମଧ୍ୟ ସେମାନେ ସାଧ୍ୟ ମତେ ଚେଷ୍ଟା କରନ୍ତି । କିନ୍ତୁ ତାଙ୍କର ମୂଳ ଉଦ୍ଦେଶ୍ୟ କେତେବେଳେ ବି ଯେନତେନ ପ୍ରକାରେ ସର୍ବାଧିକ ଆସନ ଦଖଲ କରିବା ହୁଏନାହିଁ । ତାଙ୍କର ମୂଳ ଲକ୍ଷ୍ୟ (main focal point)ଟା ହେଉଛି- ଜନଗଣଙ୍କୁ ଗୋଟିଏ ବିପ୍ଳବୀ ରାଜନୈତିକ ଲାଇନ (mass revolutionary line)ର ଭିତ୍ତିରେ ଇଲେକ୍‌ସନ୍ ଲଢେଇ କରିବାର ଶିକ୍ଷା ଦେବା ଏବଂ ଏହା କରିବାକୁ ଯାଇ ଯଦି

ସେମାନେ ସର୍ବାଧିକ ନିର୍ବାଚନୀ ଆସନ (maximun seats) ପାଇବେ ତ ପାଆନ୍ତୁ । ଯଦି ନପାଇବେ, ଗୋଟିଏ ବି ନପାଇବେ, ନପାଆନ୍ତୁ । ଯଦି ଦଶଟା ରକ୍ଷା କରି ପାରିବେ, ଦଶଟା ହିଁ କରିବେ, କିନ୍ତୁ ତାଙ୍କର ମୂଳ ଲକ୍ଷ୍ୟ ଯେନତେନ ପ୍ରକାରେ କେତେଗୁଡିଏ ନିର୍ବାଚନୀ ଆସନ ଦଖଲ କରିବା ହେବ ନାହିଁ ।

ଜନତାର ସେହି ବିପ୍ଳବୀ ରାଜନୈତିକ ସଂଗ୍ରାମର ପଦ୍ଧତିଟି କ'ଣ, ଯାହା ଇଲେକ୍‌ସନ୍‌ରେ ମୁଁ ଜନସାଧାରଣଙ୍କ ପାଖକୁ ନେଇଯିବି ? (What is that mass line and style of activity?) ଜନତାଙ୍କ ଭିତରକୁ ମୁଁ ଏହି କଥା ନେଇ ଯିବି ଯେ- ତୁମେ ଯେତେବେଳେ ଇଲେକ୍‌ସନ୍ ଲଢୁଛ, ସେତେବେଳେ ଲୋକଙ୍କ ଦୃଷ୍ଟିଭଙ୍ଗୀରୁ ତୁମକୁ ବିପ୍ଳବୀ ରାଜନୀତିରେ ଇଲେକ୍‌ସନ୍ ଲଢିବାକୁ ହେବ । ତାହା କରିବାକୁ ଯାଇ ତୁମ ନିଜର ଘାଟିଗୁଡ଼ିକୁ ତୁମେ ନିଜେ ସମ୍ଭାଳ । ଯେଉଁ କେତେଟା ସିଟ୍ ପାଅ, ଯେତେ ଅଧିକ ପାର, ଏମିତିକି ଯଦି ସବୁଯାକ ସିଟ୍ ଜିତିପାର, ଏହି ଲାଇନ୍‌ର ଭିତ୍ତିରେ ହିଁ ଜିତ । କିନ୍ତୁ ଏକମାତ୍ର ଏହାରି ଭିତ୍ତିରେ ହିଁ ଜିତ, ଏହାକୁ ଗୋଳମାଳ କରିଦେଇ ନୁହେଁ । ଶତ୍ରୁକୁ ହରାଇବାକୁ ଯାହା ଦରକାର, ସେଇଆ କର- ଏସବୁ ଯୁକ୍ତି ଯଦି ତୁମେ ଉଠାଅ, ତାହେଲେ ବିପ୍ଳବର ଖୋଳପା ପିନ୍ଧି ଅସଲରେ ବୁର୍ଜୁଆମାନେ ଯେଉଁ ଭଳି ନିର୍ବାଚନରେ ଲଢନ୍ତି, ତୁମେ ମଧ୍ୟ ସେଇ ଧରଣର କୌଶଳ, ସେଇ ଧରଣର କାଇଦା ଏବଂ ସେଇ ଏକା ଟାକ୍‌ଟିକ୍‌ସ (tactics)ଟିକୁ ଯଦି ବିପ୍ଳବ ନାମରେ ଚାଲୁ କରିବ, ତାହେଲେ କ'ଣ ହେବ ? ଏଥିରେ କ'ଣ ବିପ୍ଳବୀ ହେଇ ହୁଏ ? ଏହାଦ୍ୱାରା କ'ଣ ବିପ୍ଳବର କାମ ଆଗକୁ ବଢେ ? ନା, ଏହାଦ୍ୱାରା ବିପ୍ଳବୀ ହୋଇହୁଏନାହିଁ ବା ବିପ୍ଳବୀ କାମ ମଧ୍ୟ ଆଗକୁ ବଢେ ନାହିଁ । ଫଳତଃ ଆମେ ଯେ କହୁ ନିର୍ବାଚନ ଭିତର ଦେଇ ବୁର୍ଜୁଆ ସଂସଦୀୟ ରାଜନୀତି (bourgeois parliamentary politics)ର ମୁଖା ଖୋଲିଦେବୁ, ଏକ୍ସପୋଜ୍ (expose) କରିବୁ, ତାହା ହେବ କି ? ଏଇ କଥାଟାକୁ ମୁହଁରେ କହିବା ଏବଂ କାମରେ ପରିଣତ କରିବା କ'ଣ ଏକା କଥା ? ଦଳେ ଖାଲି ମୁହଁରେ କହନ୍ତି, ଆଉ ଦଳେ ବାସ୍ତବରେ କରିଥାନ୍ତି । ଫଳରେ କେଉଁମାନେ ଏହା କେବଳ ମୁହଁରେ କହୁଛନ୍ତି, ଆଉ କେଉଁମାନେ ପ୍ରକୃତରେ ସେହି ଅନୁଯାୟୀ କାମ କରୁଛନ୍ତି, ଏ ସମ୍ପର୍କରେ ଜନଗଣଙ୍କୁ, ଜନତାଙ୍କୁ ରାଜନୈତିକ ଶିକ୍ଷାରେ ଶିକ୍ଷିତ କରିବାଟା ହିଁ ହେଲା ଅସଲ କଥା ।

ଯେମିତି କି ଆପଣମାନଙ୍କର ସଂଗଠନ କ୍ଷେତ୍ରରେ ଐକ୍ୟର କଥା ସମସ୍ତେ ହିଁ କହୁଛନ୍ତି, ମାତ୍ର କିଏ କେବଳ କହୁଛି ଏବଂ ଆଉ କିଏ ଐକ୍ୟ ପାଇଁ ଯାହା ଯାହା କରିବା ଦରକାର ସେହି ଅନୁଯାୟୀ ପାରୁ ବା ନପାରୁ କାମ କରିଚାଲିଛି । ତାହା ଜନସାଧାରଣଙ୍କୁ

ଦେଖାଇ ଦିଅନ୍ତୁ, ଦେଖାନ୍ତୁ ଯେ, ଦଳେ ଐକ୍ୟର କଥା କହୁଛନ୍ତି, କିନ୍ତୁ ଯାହା କହୁଛନ୍ତି, ସେଇଟା ଐକ୍ୟ ନଷ୍ଟ କରିବା ଛଡା ଆଉ କିଛି ନୁହେଁ । ଆଉ ଲୋକଙ୍କୁ ଏକଥାଟା ମଧ୍ୟ ବୁଝାନ୍ତୁ ଯେ, ଦୁଇଟି ବିଷୟ ପାଇଁ ତୁମର ଐକ୍ୟ ଦରକାର । ନିଜର ସଂଗଠନକୁ ଜୋରଦାର କରିବା ପାଇଁ ଐକ୍ୟ ଦରକାର; ପୁଣି ଐକ୍ୟ ଦରକାର ବିପ୍ଳବୀ ରାଜନୀତିକୁ ପରିଷ୍କାର କରିବା ପାଇଁ, ନକଲି ରାଜନୀତିରୁ ମୋହ ମୁକ୍ତି ପାଇଁ । ସମାଜରେ ମୋହ ମୁକ୍ତି ଘଟାଇବା ପାଇଁ ପ୍ଲାଟଫର୍ମ ଅଫ୍ ଆକସନ୍ (ମୋର୍ଚ୍ଚା) ଦରକାର, ତେଣୁ ଐକ୍ୟ ଦରକାର । କିନ୍ତୁ ଏହି ଐକ୍ୟ ନୀତି ବିସର୍ଜନ ଦେଇ ନୁହେଁ, ସଂଗ୍ରାମ ବର୍ଜନ କରି ନୁହେଁ, ଐକ୍ୟ ଭିତରେ ଆଦର୍ଶଗତ ସଂଗ୍ରାମର ସ୍ୱୀକୃତି ଦରକାର, ଯେଉଁମାନେ ଐକ୍ୟ ଭିତରେ ଆଦର୍ଶଗତ ସଂଗ୍ରାମକୁ ଐକ୍ୟ ବିରୋଧି କାମ ବୋଲି କହନ୍ତି, ସେଇମାନେ ହିଁ ଶେଷରେ ଐକ୍ୟ ନଷ୍ଟ କରନ୍ତି । ଐକ୍ୟବଦ୍ଧ ସଂଗ୍ରାମ ପାଇଁ ଆଦର୍ଶ ତ୍ୟାଗ କରାଯାଏ ନାହିଁ, ଏହା ହୋଇ ପାରେ ନାହିଁ । ଐକ୍ୟବଦ୍ଧ ସଂଗ୍ରାମର ଦୁହାଇ ଦେଇ ଆଦର୍ଶ ସହିତ ସାମିଲ୍ (compromise) କଲେ ସେ ଐକ୍ୟ ରହେ ନାହିଁ । ଐକ୍ୟର ଗୋଟିଏ ମାତ୍ର ଅର୍ଥ ଆଦର୍ଶକୁ ବିସର୍ଜନ ଦେଇ କାହାରି ପଦଲେହନ କରିବା ନୁହେଁ, ଐକ୍ୟ ଭିତରେ ଯେ ସଂଗ୍ରାମ ରହିଛି- ଏହାକୁ ଲୋକମାନଙ୍କ ଆଗରେ ତୋଳି ଧରିବାକୁ ହେବ । ଏହାକୁ ତୋଳି ଧରି ବ୍ୟକ୍ତିଗତ ଓ ସମଷ୍ଟିଗତ ଉଦ୍ୟୋଗ ନେଇ ସ୍ୱଚ୍ଛ ରାଜନୈତିକ ଦୃଷ୍ଟିଭଙ୍ଗୀ ନେଇ ଆପଣମାନଙ୍କୁ ଗଣସଂଯୋଗ ବଢେଇବାକୁ ହେବ । (peoples instrument of struggle)- ଜନତାର ନିଜସ୍ୱ ଲଢେଇର ହତିଆର ଗଢି ତୋଳିବାକୁ ହେବ । ଆଉ ତାହାରି ଭିତର ଦେଇ(People's political power) ଜନସାଧାରଣଙ୍କର ରାଜନୈତିକ କ୍ଷମତା ଗଢି ତୋଳିବାକୁ ହେବ । ଏହା ଯଦି କରିପାରନ୍ତି, ତେବେ ବିପ୍ଳବ ଦିନେନା ଦିନେ ଆସିବ- ଅପଣମାନଙ୍କର ଇନ୍‌କିଲାବର ସ୍ୱପ୍ନ ଦିନେ ନା ଦିନେ ସଫଳ ହେବ ହିଁ ହେବ ।

ଶ୍ରମିକ ଏକତା - ଜିନ୍ଦାବାଦ

ଇନ୍‌କିଲ୍‌ାବ୍- ଜିନ୍ଦାବାଦ

★★★

## କମ୍ରେଡ୍ ଶିବଦାସ ଘୋଷଙ୍କ ରଚିତ ବହି ପଢନ୍ତୁ

★ ଶିକ୍ଷା, ସଂସ୍କୃତି-ଏକ ବୈଜ୍ଞାନିକ ଦୃଷ୍ଟିପାତ
★ ଛାତ୍ର ଓ ଯୁବ ସମାଜ ପ୍ରତି
★ ନାରୀ ମୁକ୍ତି କେଉଁ ପଥେ
★ ଯୁବ ସମାଜର କର୍ତ୍ତବ୍ୟ
★ ଭାରତବର୍ଷର କୃଷି ସମସ୍ୟା ଓ ଚାଷୀ ଆନ୍ଦୋଳନ ପ୍ରସଙ୍ଗରେ
★ ସାଂସ୍କୃତିକ ଅବକ୍ଷୟ ଓ ବେକାର ସମସ୍ୟାର ସମାଧାନ କେଉଁପଥେ
★ ସାମ୍ପ୍ରଦାୟିକ ସମସ୍ୟା ପ୍ରସଙ୍ଗରେ
★ ଶରତ ମୂଲ୍ୟାୟନ
★ ଗଣମୁକ୍ତିର ସଂକଳ୍ପ
★ ଭାରତବର୍ଷର ସାଂସ୍କୃତିକ ଆନ୍ଦୋଳନ ଓ ଆମର କର୍ତ୍ତବ୍ୟ
★ ରାଜନୀତି ଏକ ଉଚ୍ଚ ହୃଦୟବୃତ୍ତି
★ ଗଣ ଆନ୍ଦୋଳନର ସମସ୍ୟା ପ୍ରସଙ୍ଗରେ
★ ମାର୍କ୍ସବାଦ ଓ ଦ୍ୱନ୍ଦମୂଳକ ବସ୍ତୁବାଦର କେତୋଟି ଦିଗ
★ ମାର୍କ୍ସବାଦ ଓ ମାନବ ସମାଜର ବିକାଶ
★ ଭାରତବର୍ଷରେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) କାହିଁକି ଏକମାତ୍ର ସାମ୍ୟବାଦୀ ଦଳ
★ ବିପ୍ଲବୀକର୍ମୀମାନଙ୍କର ଆଚରଣ ବିଧି
★ କମ୍ୟୁନିଷ୍ଟ ଚରିତ୍ର ଗଢି ତୋଳିବାର କେତୋଟି ଦିଗ
★ ଅନ୍ଧ ଅନୁକରଣ କରି ବିପ୍ଳବ କରାଯାଇ ପାରିବ ନାହିଁ
★ ସାମ୍ୟବାଦୀ ଶିବିରର ଆତ୍ମ ସମାଲୋଚନା